



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୫ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 25 June 2026
Vol.No. 36 ■ No.165 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ନାମଲେଖା ଚାଲୁଅଛି-୨୦୨୬
ସାଇ ସାଧନା ସେବାଶ୍ରମ
ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ
(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)
୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬
Only for ST/SC Students
(Not for Service Holders)
ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
Contact No: 9437294587, 9437443950, 9937557158

# ଟ୍ରମ୍ପଙ୍କୁ ଶକ୍ତ ଧକ୍କା: ଯୁଦ୍ଧ କ୍ଷମତା ସୀମିତ କରିବାକୁ ସିନେଟରେ ପ୍ରସ୍ତାବ ପାରିତ



ନୂଆଦିଲ୍ଲୀ,୨୪/୬ : ଇରାନ ବିରୋଧରେ କଂଗ୍ରେସର ଅନୁମତି ବିନା ସାମରିକ କାର୍ଯ୍ୟାନୁଷ୍ଠାନ ସୀମିତ କରିବା ପାଇଁ ଆମେରିକା ସିନେଟରେ ୫୦-୪୮ ଭୋଟରେ ଏକ ପ୍ରସ୍ତାବ ପାରିତ ହୋଇଛି । ଏହି ଘଟଣାକ୍ରମ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଏକ ବଡ଼ ରାଜନୈତିକ ପ୍ରତିବନ୍ଧକ ସୃଷ୍ଟି କରିଛି । ଏହି ନିଷ୍ପତ୍ତି ରିପବ୍ଲିକାନ ଦଳର ଆଭ୍ୟନ୍ତରୀଣ ମତଭେଦକୁ ପଦାରେ ପକାଇବା ସହ ଟ୍ରମ୍ପଙ୍କ ଇରାନ ନୀତି ଉପରେ ଚାପ ବଢ଼ାଇଛି । ଅନ୍ୟପକ୍ଷରେ ଟ୍ରମ୍ପ ସିନେଟରେ ପ୍ରସ୍ତାବ ପାରିତ ହେବାକୁ 'ଅତି ଖରାପ ଓ ଅର୍ଥହୀନ' ବୋଲି କହି ସମାଲୋଚନା କରିଛନ୍ତି । ରିପବ୍ଲିକାନ ନିୟନ୍ତ୍ରଣରେ ଥିବା ସିନେଟରେ ଏହି ପ୍ରସ୍ତାବ ପାରିତ ହେବା ଟ୍ରମ୍ପଙ୍କ ପାଇଁ ବହୁତ ବଡ଼ ରାଜନୈତିକ ଚ୍ୟାଲେଂଜ ସୃଷ୍ଟି କରିଛି । ଏହି ପ୍ରସ୍ତାବ ପୂର୍ବରୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ପାରିତ ହୋଇସାରିଥିଲା । କଂଗ୍ରେସର ଉଭୟ ସଦନ ରାଷ୍ଟ୍ରପତିଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନରୁ ସେନା ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେବା ଏକ ବଡ଼ ଘଟଣା ବୋଲି କୁହାଯାଉଛି । ଗତ ଫେବୃଆରି ୨୮ରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନ ବିରୋଧରେ ଆରମ୍ଭ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ କଂଗ୍ରେସ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଏହି ଭୋଟିଂ ସ୍ପଷ୍ଟ କରୁଛି । ରିପବ୍ଲିକାନ ଦଳର ଚାରିଜଣ ସିନେଟର- ସୁଜାନ କଲିନ୍ସ, ରାଣ୍ଡ ପଲ୍, ବିଲ୍ କାସିଡି ଏବଂ ଲିସା ମୁରକୋସ୍କି ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଡେମୋକ୍ରାଟ୍ ମାନଙ୍କୁ ସମର୍ଥନ କରିଥିଲେ । ଅନ୍ୟପଟେ ଡେମୋକ୍ରାଟିକ୍ ସିନେଟର ଜନ୍ ଫେଟରମ୍ୟାନ ଏହାର ବିରୋଧରେ ଭୋଟ ଦେଇଥିବା ବେଳେ ରିପବ୍ଲିକାନ ସିନେଟର ମିଚ୍ ମ୍ୟାକକୋନେଲ ଓ ଡେଭିଡ ମ୍ୟାକକୋର୍ମିକ ଅନୁପସ୍ଥିତ ଥିଲେ । ବିତର୍କ ସମୟରେ ଡେମୋକ୍ରାଟିକ୍ ସିନେଟର ଟିମ୍ କେନ୍ କହିଥିଲେ ଯେ ଯୁଦ୍ଧ ସମ୍ପର୍କିତ ନିଷ୍ପତ୍ତି ନେବାର ସାମ୍ବିଧାନିକ ଅଧିକାର କେବଳ କଂଗ୍ରେସ ପାଖରେ ରହିଛି । ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି ଯେ ଗତ ଏପ୍ରିଲ ୭ର ଅସ୍ତ୍ରବିରତି ପରେ ଆମେରିକାର ସାମରିକ ଅଭିଯାନ ଶେଷ ହୋଇସାରିଛି, ତେଣୁ ଏହାର କୌଣସି ଆଇନଗତ ବାଧ୍ୟତାବାଧକତା ନାହିଁ ।

# ବିଜେଡିରେ ଏଣ୍ଟ୍ରି ମାରିବେ ସୁଜାତା: ନେତାଙ୍କୁ ନବୀନ ନିବାସରୁ ମିଳିଲା ସଙ୍କେତ



ଭୁବନେଶ୍ୱର, ୨୪/୬ (ନି.ପ୍ର): ଆଞ୍ଚଳିକ ଦଳର ଭବିଷ୍ୟତକୁ ନେଇ ଜାତୀୟ ସ୍ତରରେ ହଟଚମଟ ଲାଗି ରହିଛି । ବିଜେଡିର ଭବିଷ୍ୟତକୁ ନେଇ ବି ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଛି । ଏହାରି ଭିତରେ ଦଳରେ ସୁଜାତା କାର୍ତ୍ତିକେୟନଙ୍କ ଏଣ୍ଟ୍ରିକୁ ନେଇ ଉଷ୍ମ ହୋଇଛି ବିଜେଡି ରାଜନୀତି । ଆସନ୍ତାକାଲି ସୁଜାତାଙ୍କର ହୋଇପାରେ ରାଜନୈତିକ ପ୍ରବେଶ । ନେତାଙ୍କୁ ଡାକି ନବୀନଙ୍କ ବୈଠକରେ ପରେ ଦଳୀୟ ନେତାଙ୍କୁ ସଂକେତ ମିଳିଥିବା କୁହାଯାଉଛି । ବିଜେଡିର ସୁଜାତା କାର୍ତ୍ତିକେୟନ ମିଶିବା ନେଇ ଚର୍ଚ୍ଚା ଭିତରେ ଦଳରୁ ମିଳିଛି ବଡ଼ ସିନଗନାଲ୍ । ଆସନ୍ତାକାଲି ଶଂଖ ଭବନରେ ବସିବାକୁ ଥିବା ବିଜେଡି ବୈଠକରେ ସାମିଲ ହେବେ ସୁଜାତା କାର୍ତ୍ତିକେୟନ । ସାଧାରଣ କର୍ମୀ ଭାବେ ଦଳରେ ହେବେ ସାମିଲ୍ । ବିଧାୟକ, ସାଂସଦଙ୍କ ସମେତ ୩୦ ଜିଲ୍ଲାର ନେତା ଉପସ୍ଥିତ ରହିବେ । ନବୀନ ନିବାସରେ ପ୍ରମିଳା ମଲ୍ଲିକ, ସଞ୍ଜୟ ଦାସବର୍ମା, ଟୁକୁନି ସାହୁ, ଅତନୁ ସବ୍ୟସାଚୀ ନାୟକ ଓ ପ୍ରତାପ ଜେନାଙ୍କ ସହ ସୁପ୍ରିମୋ ଆଲୋଚନା କରିବାବେଳେ ଏହି ଇସାରା ଦେଇଛନ୍ତି । ସୁଜାତାଙ୍କ ଏଣ୍ଟ୍ରି ପାଇଁ ବେଶ୍ କିଛି ଦିନ ପୂର୍ବରୁ ଦଳ ଭିତରେ ଚାଲିଥିଲା କସରତ । ନିଜେ ନବୀନ କିଛି ନକହିଲେ ଅନ୍ୟନେତାଙ୍କ ସୁଜାତାଙ୍କ ଆସିବା କଥା କହିଥିଲେ । ଦିଲ୍ଲୀ ଗସ୍ତ ସମୟରେ ମଧ ଭାଇ ପ୍ରେମ ପଟ୍ଟନାୟକଙ୍କ ସହ ବିଜେଡିର ଉତ୍ତରାଧିକାର ସମ୍ପର୍କରେ ଆଲୋଚନା କରିଥିଲେ ନବୀନ । ଭି.କେ. ପାଣ୍ଡିଆନ ମଧ ଦଳର ବରିଷ୍ଠ ନେତାଙ୍କୁ ଦିଲ୍ଲୀ ଓ ମୁମ୍ବାଇକୁ ଡାକି ଏକାଧିକ ପର୍ଯ୍ୟାୟରେ ଆଲୋଚନା କରିଥିବା ଚର୍ଚ୍ଚା ହେଉଛି ।

◆◆ପୃଷ୍ଠା ୭

# ପାଠ୍ୟପୁସ୍ତକ ତ୍ରୁଟିର ତନାଘନା: ଏସସିଇଆରଟି ଅଧିକାରୀଙ୍କୁ ପଚରାଉଚୁରା, ହୋଇପାରେ ବଡ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୪/୬ (ନି.ପ୍ର): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତରେ ହଜାର ହଜାର ତ୍ରୁଟି ପ୍ରସଙ୍ଗକୁ ନେଇ ଉଠୁଛି ପଡୁଛି ସାରାରାଜ୍ୟ । ଲୋକସେବା ଭବନରୁ ଆରମ୍ଭ କରି ନିପଟ ମଫସଲ ପର୍ଯ୍ୟନ୍ତ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ବିବାଦ ଭିତରେ ଆଜି ଏସସିଇଆରଟି କାର୍ଯ୍ୟାଳୟରେ ତନାଘନ କରିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ଉଚ୍ଚସ୍ତରୀୟ କମିଟି । ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏନ୍. ତିରୁମାଳା ନାୟକ, କମିଟି ସଦସ୍ୟ ବିଜୟ କେତନ ଉପାଧ୍ୟାୟ ଏବଂ ସ୍ମିତା ପାଣି ପ୍ରାୟ ଏକ ଘଣ୍ଟା କାଳ ରହି ଛାନଭିନ୍ କରିଛନ୍ତି । ୫ଉରଜଞ୍ଜ ନିର୍ଦ୍ଦେଶିକା, ଉପ-ନିର୍ଦ୍ଦେଶକଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀଙ୍କୁ ଏହି ତ୍ରୁଟି ସମ୍ପର୍କରେ କରିଛନ୍ତି ପଚରାଉଚରା । କାର୍ଯ୍ୟାଳୟରୁ ବାହାରିବା ସମୟରେ ତଦନ୍ତ କମିଟି ପୁସ୍ତକ ପ୍ରକାଶନ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଓ ଫାଇଲ୍ ନିଜ ସାଙ୍ଗରେ ନେଇଛନ୍ତି । ଏସସିଇଆରଟିରେ ତନାଘନା ପରେ ଉନ୍ନୟନ କମିସନଙ୍କ କାର୍ଯ୍ୟାଳୟରେ ହୋଇଛି ବୈଠକ । ଉଚ୍ଚସ୍ତରୀୟ କମିଟିର ସଦସ୍ୟ, ଗଣଶିକ୍ଷା ବିଭାଗ ସଚିବ, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ, ୫ଉରଜଞ୍ଜ ନିର୍ଦ୍ଦେଶିକା ମଧୁସ୍ମିତା ସାହୁ ଓ ଅଧିକାରୀଙ୍କ ସହ ପୂରା ଘଟଣା ନେଇ ହୋଇଛି ଆଲୋଚନା । କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ । ତେବେ ଭୁଲ ବହିରେ ପିଲା କେମିତି ପାଠ ପଢ଼ିବେ ତାର କୌଣସି ସମାଧାନର ବାଟ ବାହାରିପାରିନି ।

# ମୌସୁମୀ ଛୁଇଁଲା, ବର୍ଷା ଉଭାନ: ଆରମ୍ଭ ହୋଇପାରୁନି ଚାଷ କାର୍ଯ୍ୟ

ଭୁବନେଶ୍ୱର, ୨୪/୬ (ନି.ପ୍ର): ଓଡ଼ିଶାରେ ମୌସୁମୀ ଛୁଇଁବାକୁ ଦୁଇ ସପ୍ତାହ ହେଲାଣି । କିନ୍ତୁ ରାଜ୍ୟରେ ବର୍ଷାର ଦେଖା ନାହିଁ । ଯାହା କାଳବୈଶାଖୀ ବର୍ଷା ହୋଇଛି ସେଥିରେ ଜମିକୁ ଖତ ମାଟି ହଳ କରି ବିହନ ଧରି ବସିଛି ଚାଷୀ । ବର୍ଷା ହେଲେ ତଳି ପକାଇ ଚାଷ କାମ ଆରମ୍ଭ କରିବ । ହେଲେ ବର୍ଷା ହେଉନଥିବାରୁ ଚଳିତ ବର୍ଷ ଖରିଫ ଧାନ ଚାଷ କେମିତି ହେବ ତାକୁ ନେଇ ଚିନ୍ତା ବଢିଛି । ବର୍ଷାକୁ ଅନେଇ ବସିଛି ଚାଷୀ । ଜୁନ ମାସ ଶେଷ ହେବାକୁ ବସିଲାଣି । ହେଲେ ମୌସୁମୀ ବର୍ଷାର ଦେଖାନାହିଁ କ୍ଷ ଗତ ଜୁନ୍ ୧୨ ତାରିଖରେ ଓଡ଼ିଶା ଛୁଇଁଥିଲା ମୌସୁମୀ । ଗତକାଲି ସୁଦ୍ଧା ପୁରା ରାଜ୍ୟକୁ ଛୁଇଁସାରିଲାଣି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । କିନ୍ତୁ ଯେଉଁ ଅନୁପାତରେ ମୌସୁମୀ ବର୍ଷା ହେବା କଥା, ୪୬%ରୁ ୪୮% କମ୍ ? ବର୍ଷା ହୋଇଛି । ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଉପକୂଳଠୁ ଉତ୍ତର, ପଶ୍ଚିମଠୁ ଦକ୍ଷିଣ ସବୁଠି ସ୍ଥିତି ସମାନ । ପୁରୀ ଅସ୍ତରଙ୍ଗ ହେଉ ଅବା ସମ୍ବଲପୁର, କୁଚିଣ୍ଡା ବର୍ଷା ନଥିବାରୁ ଆରମ୍ଭ ହୋଇପାରୁନି ଚାଷ । ସାମାନ୍ୟ ବର୍ଷାରେ କାଁ ଭାଁ ହଳ କରିଥିବା ଚାଷୀ ବାଧ ହୋଇ ଏବେ ଖରଳି ଧାନ ବୁଣୁଛି । ଅଧିକାଂଶ ଜମି ଖାଲି, ଶୁଖିଲା ପଡିଛି କେନାଲ । ଜମିରେ ଚରୁଛନ୍ତି ଗୋରୁ, ମଇଁଷି । ଏବେ କେମିତି ଚାଷ କାମ ଆରମ୍ଭ କରିବେ ପୁରା ଚିନ୍ତାରେ ଚାଷୀ କୂଳ । ଜୁନ ମାସରେ ଧାନବୁଣା ଏବଂ ତଳି ପକାଇଥାଏ ଚାଷୀ । କିନ୍ତୁ ଏବର୍ଷ ସ୍ଥିତି ଭିନ୍ନ । ଓଡ଼ିଶାରେ ୧୧ ଟି ଜିଲ୍ଲାରେ ଏବେ ବି ନିଅଣ୍ଟିଆ ବର୍ଷା ସ୍ଥିତି ଲାଗି ରହିଛି । ପଶ୍ଚିମ ଓଡ଼ିଶାରେ ମେଗା ଜଳ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଚାଷୀ ବି ନିରାଶ । କାରଣ ନଦୀରେ ଜଳର ସ୍ରୋତ ନାହିଁ । ଏପରି ସ୍ଥିତିରେ ଲଘୁଚାପକୁ ଅପେକ୍ଷା କରିଛି ଚାଷୀ । ପାଣିପାଗ ବିଜ୍ଞାନୀଙ୍କ ସୂଚନା ମୁତାବକ, ଜୁନ୍

◆◆ପୃଷ୍ଠା ୭

# ପାକିସ୍ତାନ ବାୟୁସୀମାରେ ଭୁଲ୍‌ରେ ପଶିଗଲା ଦିଲ୍ଲୀ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୨୪/୬ :ଏୟାର ଇଣ୍ଡିଆର ଏକ ବିମାନ ଭୁଲ୍ ବସତଃ ପାକିସ୍ତାନ ବାୟୁସୀମାରେ ପଶିବା ସହ କିଛି ସମୟ ପାକ୍ ବାୟୁସୀମାରେ ରହିଥିଲା । ଦିଲ୍ଲୀରୁ ଅମୃତସରକକୁ ଉଡ଼ାଣ କରୁଥିବା ଏକ ଏୟାର ଇଣ୍ଡିଆ ବିମାନ ଅମୃତସର ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ ଚକ୍କର କାଟୁଥିବାବେଳେ ଭୁଲ୍‌ରେ କିଛି ସମୟ ପାଇଁ ପାକ୍ ବାୟୁସୀମା ଭିତରକୁ ପଶିଯାଇଥିବା ବିମାନ ସଂସ୍ଥା ପକ୍ଷରୁ କୁହାଯାଇଛି । କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଇଛି ଏବଂ ଉକ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ବିମାନ ସଂସ୍ଥା ପକ୍ଷରୁ କୁହାଯାଇଛି ।

# ଖଣି ମନ୍ତ୍ରୀଙ୍କ ଜିଲ୍ଲାରେ ବେଧଡକ ଖଣି ଚୋରି: ଲଣ୍ଡା କରିଦେଲେ ସବୁଜ ପାହାଡ



ଭୁବନେଶ୍ୱର, ୨୪/୬ (ନି.ପ୍ର): ସହର ପାଖରେ ଗାଁ । ଗାଁ ଶେଷରେ ଜଙ୍ଗଲ । ଜଙ୍ଗଲ ଭିତରେ ପାହାଡ । ଆଉ ଏହି ପାହାଡକୁ ଲୁଟି ଚାଲିଛନ୍ତି ପଥର ମାଫିଆ । ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ନିଜ ଜିଲ୍ଲା ଗଞ୍ଜାମରେ ପଥର ମାଫିଆଙ୍କ ରାଜ୍ । ଖଲ୍ଲିକୋଟ ତହସିଲ ତୁଳସୀପୁର ପଞ୍ଚାୟତ ର ହରିପୁର ଗ୍ରାମ୍ୟ ଜଙ୍ଗଲରେ ପଥର ମାଫିଆ ଖୋଳ କରିଦେଲେଣି ଅଧା ପାହାଡ । ବିଜେଡି ସରକାର ଅମଳ ରୁ ଆରମ୍ଭ ହୋଇଥିବା ଏହି ଖଣି ଲୁଟ୍‌କୁ ରୋକି ପାରିନାହାନ୍ତି ବିଜେପି ସରକାର । ଖଣିମନ୍ତ୍ରୀ ଙ୍କ ଜିଲ୍ଲାରେ କାଠ ଗଡାକୁ କୁ ଟାଣିଛି ଖଣି ବିଭାଗ କୁ । ଶହ ଶହ କୋଟିର ପଥର ଲୁଟ ସହ ଜୈବ ବିବିଧତା ନଷ୍ଟ ହେଉଥିଲେ ବି କାହିଁକି ଜିଲ୍ଲା ଖଣି ଅଧିକାରୀ ହାତ ବାନ୍ଧି ବସିଥିଲେ ତାକୁ ନେଇ ଉଠିଛି ପ୍ରଶ୍ନ । ଖବର ବାଜିଲା ନିଦ ଭାଙ୍ଗିଲା । ବେଆଇନ ଖଣିରେ ପଡ଼ିଲା ବାବୁଙ୍କ ପାଦ । ଜବତ ହେବ ପାହାଡ ବନ୍ଧା ହେବେ ମାଫିଆ । ଦିନ ତମାମ କନକ ନ୍ୟୁଜରେ ଖବର ପ୍ରସାରଣ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବେଆଇନ ପଥର ଖଣିରେ ହୋଇଛି ମିଳିତ ଚଢାଉ । ଖଲ୍ଲିକୋଟ ତହସିଲଦାର, ପୁଲିସ ଓ କନିଷ୍ଠ ଖଣି ଅଧିକାରୀ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଛନ୍ତି ।

◆◆ପୃଷ୍ଠା ୭

B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
DIPLOMA ENGG COURSES
▶ Mechanical Engineering
▶ Electrical Engineering
▶ Civil Engineering
▶ E. & T. C. Engineering
▶ Comp. Sc. & Engineering
ITI TRADE
● Electrician ● Fitter ● Welder ● R & AC
Walk-In-Interview on Dated : 08-06-2026 (Monday)
FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent
Place of Interview : IET Samalpur, Balasore
Contact : 9861947995, 8270317712
E-mail : bit_balasore@rediffmail.com

# ଖେମିନିଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ମୋଦୀଙ୍କୁ ପେଜେସ୍କିଆନଙ୍କ ନିମନ୍ତ୍ରଣ



ନୂଆଦିଲ୍ଲୀ,୨୪/୬ : ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲି ଖେମିନିଙ୍କର ଫେବ୍ରୁଆରି ୨୮ରେ ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ମୃତ୍ୟୁ ହୋଇଥିଲା । ୩୬ ବର୍ଷ ଧରି ଇରାନର ସର୍ବୋଚ୍ଚ ନେତା ଥିବା ଖେମିନିଙ୍କ ମୃତ୍ୟୁକୁ ପାଖାପାଖି ଚାରି ମାସ ହୋଇଯାଇଥିବାବେଳେ ଇରାନ ତାଙ୍କ ଅନ୍ତିମ ସଂସ୍କାର କରିନଥିଲା । ତେବେ ଇରାନ ପକ୍ଷରୁ ଖେମିନିଙ୍କ ଅନ୍ତିମ ସଂସ୍କାର ଅତି ଭବ୍ୟ ଭାବରେ ଜୁଲାଇ ୪ ତାରିଖରୁ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଇରାନର ପବିତ୍ର ସହର ମସହଦରେ ସମ୍ପନ୍ନ କରାଯିବ । ମସହଦ ଖେମିନିଙ୍କ ଜନ୍ମସ୍ଥାନ ମଧ ଥିଲା । ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଏହି ରାଜକୀୟ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି । ବିଶ୍ୱର ବହୁ ବଡ଼ ବଡ଼ ବ୍ୟକ୍ତିଙ୍କୁ ଖେମିନିଙ୍କ ଏହି ଶେଷଯାତ୍ରାରେ ସାମିଲ ହେବାକୁ ଇରାନ ନିମନ୍ତ୍ରଣ କରିଛି । ତେବେ ଭାରତ ପକ୍ଷରୁ କିଏ ଏହି ଉତ୍ସବରେ ଯୋଗଦେବ ତାହା ଏବେ ସ୍ପଷ୍ଟ ହୋଇନାହିଁ । ଖେମିନିଙ୍କ ମୃତ୍ୟୁ ପରେ ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରି ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସକୁ ଯାଇ ସରକାରଙ୍କ ପକ୍ଷରୁ ଶୋକ ପୁସ୍ତିକାରେ ହସ୍ତାକ୍ଷର କରିଥିଲେ । ମେ ୨୦୨୪ରେ ହେଲିକପ୍ଟର ଦୁର୍ଘଟଣାରେ ତତ୍‌କାଳୀନ ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ନିଧନ ପରେ ଭାରତ ପକ୍ଷରୁ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇ ଜାତୀୟ ପତାକା ଅର୍ଦ୍ଧ ନମିତ କରାଯାଇଥିଲା । ସେତେବେଳେ ଭାରତର ତତ୍କାଳୀନ ଉପରାଷ୍ଟ୍ରପତି ଜଗଦୀପ୍ ଧନଖଡ଼ଙ୍କୁ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେବାକୁ ପଠାଯାଇଥିଲା । ଖେମିନିଙ୍କ ମୃତ ଶରୀର ଜୁଲାଇ ୪ ତାରିଖରେ ତେହେରାନର ମୋସଲ୍ଲା କମ୍ପ୍ଲେକ୍ସରେ ରଖାଯିବ । ଏହାପରେ ତେହେରାନ ଓ କୋମରେ ସାର୍ବଜନୀନ ଶୋଭାଯାତ୍ରା କରାଯିବ । ୯ ଜୁଲାଇରେ ମସହଦରେ ଇମାମ ରଜା ଦରଘାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ।

# ଖୋଲିବ ପୂର୍ବ ସରକାରର ଦୁର୍ନୀତି ପେଡ଼ି: ନବୀନଙ୍କ ଡ୍ରିମ୍ ପ୍ରୋଜେକ୍ଟରେ ପଶିଲା ଭିଜିଲାନ୍ସ





ଭୁବନେଶ୍ୱର, ୨୪/୬ (ନି.ପ୍ର): ନବୀନ ପଟ୍ଟନାୟକଙ୍କ ଏକ ଡ୍ରିମ୍ ପ୍ରୋଜେକ୍ଟରେ ବୁଧବାର ଭିଜିଲାନ୍ସ ବିଭାଗ ହସ୍ତକ୍ଷେପ କରିଛି । ପୂର୍ବତନ ସରକାର ସମୟରେ 'ବିକଶିତ ଗ୍ରାମ ବିକଶିତ ଓଡ଼ିଶା'ରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସ ବିଭାଗକୁ ସୂଚନା ମିଳିଛି । ଏହି ଆଧାରରେ ଭିଜିଲାନ୍ସର ୨୪ଟି ଟିମ୍ ଆଜି କେନ୍ଦୁଝର, ନୟାଗଡ଼ ଏବଂ ଯାଜପୁର ଜିଲ୍ଲାର ୫୦ଟି ଗ୍ରାମରେ ଚଢ଼ଉ କରିଛନ୍ତି । ଭିଜିଲାନ୍ସ ବିଭାଗର ଏହି ୨୪ଟି ଟିମ୍‌ରେ ୮୧ ଜଣ ଅଧିକାରୀ ଅଛନ୍ତି । ଏଥିରେ ଅତିରିକ୍ତ ଏସ୍, ଡିଏସ୍‌ପି, ଇନ୍ସପେକ୍ଟର ପ୍ରମୁଖ ସାମିଲ ଅଛନ୍ତି । ତଦନ୍ତ ପାଇଁ ପ୍ରତ୍ୟେକ ଜିଲ୍ଲାରେ ୨୭ ଜଣ ଲେଖାଏଁ ଅଧିକାରୀ ଅଛନ୍ତି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ 'ବିକଶିତ ଗ୍ରାମ ବିକଶିତ ଓଡ଼ିଶା' ଅଧିନରେ ୨୦୨୧-୨୨ ଏବଂ ୨୦୨୨-୨୩ ରେ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ୫୦ଟି ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା ।

◆◆ପୃଷ୍ଠା ୭

# ବ୍ରହ୍ମବରଦାରେ ସର୍ବ ଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ: ଅଖଣ୍ଡ ଭାରତରେ ଭାଇଚାରାର ସମ୍ପର୍କ ବିରଳ

ଧର୍ମଶାଳା, ୨୪/୦୬ (ନି.ପ୍ର): ଅଖଣ୍ଡ ଭାରତରେ ଭାଇଚାରାର ସମ୍ପର୍କ ବିରଳ । ପରାଧୀନ ଭାରତ ବର୍ଷରୁ ଭିନ୍ନ ସମ୍ପ୍ରଦାୟର କବି ଓ ସାହିତ୍ୟିକମାନେ ସେମାନଙ୍କ ଉଦ୍ୟମ ଆଜି ବିଶ୍ୱ ସ୍ତରରେ ପଂହଚାଇ ପାରିଛନ୍ତି । ଏହି ପରମ୍ପରା ସବୁ ଦିନ ବଜାୟ ରହିବ । ଉର୍ଦ୍ଦୁଭାଷା ଓ ସଂସ୍କୃତିର ସୁରକ୍ଷା ବହନ କରିଥାଏ । କବିମାନେ ତାଙ୍କ ଗଜଲ,ନଜମ ଓ ଶାୟରୀ ପ୍ରସ୍ତୁତ କରି ସାମାଜିକ,ସାଂସ୍କୃତିକ ଓ ମାନବୀୟ ଭାବନାର ଅଭିବ୍ୟକ୍ତି କରିଥାଏ। କବିମାନଙ୍କୁ ତାଙ୍କର ସୃଜନଶୀଳତା ପ୍ରକାଶ କରିବାରେ ମଂଚ ଦେବା ଏବଂ ଶ୍ରୋତାମାନଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିଥାଏ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ଉର୍ଦ୍ଧ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥିବା ସର୍ବ ଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କବିମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପୂର୍ବତନ ପ୍ରଶାସକ ସୟଦ ମହମ୍ମଦ ଅକଦସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଜେପି ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ,ବରୀ ନିର୍ବାଚନ ମଣ୍ଡଳୀର ଯୁବନେତା ଉମେଶ ଜେନା, ବ୍ରହ୍ମବରଦା ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ,କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ ଓ ଯାଜପୁର ଜିଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ସାଗର ଜେନାଙ୍କ ସମେତ ଅବିଭକ୍ତ ବ୍ରହ୍ମବରଦା ଅଂଚଳର ବରିଷ୍ଠ ମୁରବୀ ପ୍ରମୁଖ ଉପସ୍ଥିତ ରହି କବି ମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଅତିଥି ଓ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମଧ୍ୟପ୍ରଦେଶ ଭୋପାଲର ଅତୁଲ ଅଜନବୀ, ଅଫଜଲ ଦାନିଶ୍,ଇସମାଇଲ ନଜର, ଦିଲ୍ଲୀର ୱାରିଶ ୱାରଶି, ଦିଲ ସାଦ୍ ଖେରାବାଦୀ,ଅବଜଲ ଆଲାହାବାଦୀ, ଓଡିଶା ଭଦ୍ରକର ମୁସ୍ତାକ ଗହର,ଜଫର ଦାନିଶ୍, କଟକର ସେକ୍ ସୟଦ ମହମ୍ମଦ ଅକଦଶ, ସମିଉଲ ହକ୍, ବ୍ରହ୍ମବରଦାର ଅବଦୁଲ ରେହେମାନ ଆବିଦ ପ୍ରମୁଖ ସେମାନଙ୍କ କାବ୍ୟ ମଧ୍ୟମରେ ଶହଶହ ଶ୍ରୋତାମାନଙ୍କ ମନ ମୁଗ୍ଧ କରିଥିଲେ । ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ସେକ୍ ତନବିର ରବାନି ମଂଚ ସଂଯୋଜନା କରିଥିଲେ । ଶେଷରେ ଜକି ଆଲାମ୍ ଧନ୍ୟବାଦ ଅର୍ପଣ କରିଥିଲେ । ମଂଚ ପରିଚାଳନାରେ ଯୁବନେତା ପ୍ରଦୀପ ଦାସ,ଜିଲା ସଂଖ୍ୟ ଲଘୁ ସେଲ ସଭାପତି ଜୁଲଫୁକାର ଅଲ୍ଲୀ ଖାଁନ୍,ସଫି ଆଲାମ ଖାଁନ୍,ରାକେଶ ଦେଓ ଓ ଅନୱର ଖାଁନ୍ ପ୍ରମୁଖ ସହଯୋଗ କରିଥିଲେ ।

# ଗାଁରୁ ବେଆଇନ ମଦଭାଟି ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ମହିଳା ସଂଗଠନ

ନୀଳଗିରି, ୨୩/୬ (ନି.ପ୍ର): ନୀଳଗିରିରେ ଦିନକୁଦିନ ବେଆଇନ ମଦକାରବାର ବଢିବାରେ ଲାଗିଛି । ଫଳରେ ଲୋକମାନେ ବିଷାକ୍ତ ମଦ୍ୟପାନ କରି ନିଜର ଜୀବନ ହରାଉଛନ୍ତି । ବେଧଡକ ଭାବରେ ମଦ ବ୍ୟବସାୟୀମାନେ ବେଆଇନ ମଦ କାରବାର କରୁଥିଲେ ମଧ୍ୟ ସେଥିରେ ସ୍ଥାୟୀ ରୋକ ଲଗାଇବାରେ ଅବକାରୀ ବିଭାଗ ବିଫଳ ହୋଇଥିବା ନେଇ ଅଭିଯୋଗ ଆଣିଛି ନୀଳଗିରିର ଏକ ମହିଳା ସଙ୍ଗଠନ ।ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ହାତୀକୁଟ ଓ ରାମଚନ୍ଦ୍ରପୁର ଗ୍ରାମରେ ଗୋଟିଏ ବର୍ଷରେ ୩୦ରୁ ଉର୍ଦ୍ଧ୍ୱ ପୁରୁଷଲୋକ ବିଷାକ୍ତ ମଦ୍ୟପାନକରି ଜୀବନ ହରାଇଲେଣି । ଗ୍ରାମର ଦୀନବନ୍ଧୁ ମଢେଇ, ରବି ଖଣ୍ଡେଇ, ବାସୁଆ ମଢେଇ, ଭୁଣ୍ଡୁ ମାଣିକ, ଇନ୍ଦ୍ର ମାଣିକ, ପ୍ରଭାକର ଖଣ୍ଡେଇ ଏମିତି ଅନେକ ଲୋକ ବିଷାକ୍ତ ଦେଶୀମଦ ପିଇ ନିଜର ଜୀବନ ହରାଇଛନ୍ତି । ଫଳରେ ଉକ୍ତ ଗ୍ରାମରେ ବେଆଇନ ଭାବରେ ଚାଲିଥିବା ମଦଭାଟି ଗୁଡିକୁ ବନ୍ଦକରିବା ପାଇଁ ସ୍ଥାନୀୟ ଲୋକମାନେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଫଳରେ ବାଧ ହୋଇ ସିନ୍ଦୁରଗୌରା ମହିଳା ସଙ୍ଗଠନର ସଦସ୍ୟମାନେ ମଦଭାଟି ବନ୍ଧକରିବା ପାଇଁ ନୀଳଗିରି ଉପଜିଲ୍ଲାପାଳ, ଜିଲ୍ଲାପାଳ, ଥାନା ଓ ଅବକାରୀ ବିଭାଗର ଅଧିକାରୀମାନଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଥିଲେ । ଯଦି ଆଗାମୀ ଦିନରେ ମଦଭାଟି ବନ୍ଦ ନକରାଯାଏ ତେବେ ସ୍ଥାନୀୟ ମହିଳାମାନେ ସମୂହ ଭାବରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ସୋମବାର ମଧ୍ୟ ଉକ୍ତ ମହିଳାସଙ୍ଗଠନ ଏକ ମଦଭାଟୀ ବନ୍ଦ କରିବାକୁ ଯାଇଥିବା ସମୟରେ ମଦ ବ୍ୟବସାୟୀମାନେ ତାଙ୍କୁ ମାରିଦେବାର ଧମକଦେବା ସହ ସମସ୍ତ ଅଧିକାରୀ ଆମ ପକେଟରେ ବୋଲି କହି ଘଟଣାସ୍ଥଳରୁ ପଳେଇଯିବାକୁ ଧମକ ଦେଇଥିଲେ । ଏ ବାବଦରେ ମୌଖିକ ଭାବରେ ନୀଳଗିରି ଥାନାରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ ଫଳରେ ଏଥିରୁ ସ୍ପଷ୍ଟ ଜଣାପଡୁଛି ମଦବ୍ୟବସାୟୀ ଓ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି ବୋଲି କହିଥିଲେ ସଂଘର ସଭାପତି ମହିଳା ଆଦିବାସୀନେତ୍ରୀ ସୁନୀତି ସିଂ ।

# ଭଦ୍ରକରେ ଶିଶୁ ଶ୍ରମ ନିରାକରଣ ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା, ପ୍ରତ୍ୟେକ ଶିଶୁ ଶିଖୁ, ବଢୁ ଓ ସ୍ୱପ୍ନ ଦେଖୁ

ଭଦ୍ରକ, ୨୪/୦୬ (ନି.ପ୍ର): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଜିଲ୍ଲା ଶ୍ରମ ବିଭାଗ ର ମିଳିତ ଆନୁକୁଲ୍ୟରେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ , ଭଦ୍ରକ ଠାରେ "ରାଜ୍ୟସ୍ତରୀୟ ଶିଶୁ ଶ୍ରମ ନିରାକରଣ ଅଭିଯାନ" ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ମନସ୍ୱିତା ଖୁଂଟିଆ ଓ ଶ୍ରୀମତୀ ସୁଜାତା ନାୟକ , ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ଶ୍ରମ ବିଭାଗୀୟ କମିଶନର ସଚ୍ଚିଦାନନ୍ଦ ଜେନା ,ଜିଲ୍ଲା ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ, ୟୁନିସେଫ ରିସୋସର୍ ନେହା ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ । "ପ୍ରତ୍ୟେକ ଶିଶୁ ଶିଖୁ , ବଢୁ ଓ ସ୍ୱପ୍ନ ଦେଖୁ" ଥିମ୍ ତଥା "ଶିଶୁ ଶ୍ରମ ମୁକ୍ତ ଓଡ଼ିଶା - ଆମର ସଂକଳ୍ପ" ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି କର୍ମଶାଳାରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତ ବିଭାଗୀୟ ଅଧିକାରୀ , ଅଣ ସରକାରୀ ଅନୁଷ୍ଠାନର ସଦସ୍ୟ ସଦସ୍ୟାଙ୍କୁ ଶିଶୁ ଶ୍ରମ ନିରାକରଣ ଅଭିଯାନର ସଚେତନ କରାଇବା । ୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାର ବୃତି ବା ପ୍ରକ୍ରିୟାରେ ନିୟୋଜିତ କରିବା ସମ୍ପୂର୍ଣ୍ଣ ନିଷେଧ ଓ ଏହା ଏକ ଦଣ୍ଡନୀୟ ଅପରାଧ । ୧୪ ରୁ ୧୮ ବର୍ଷର କିଶୋରଙ୍କୁ ବିପଦସଂକୁଳ ବୃତି ଓ ପ୍ରକ୍ରିୟାରେ ନିୟୋଜିତ କଲେ ବ୍ୟକ୍ତିଙ୍କୁ ଦଣ୍ଡ ହୋଇପାରେ । ଶିଶୁ ଶ୍ରମ ଦେଖିଲେ ତୁରନ୍ତ ନିକଟସ୍ଥ ଥାନା, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଚାଇଲ୍ଡଲାଇନ୍ ନମ୍ବର ୧୦୯୮ ଓ ଶ୍ରମିକ ସହାୟତା ନମ୍ବର ୧୮୦୦-୩୪୫୬-୭୦୩ ରେ ଯୋଗାଯୋଗ କରନ୍ତୁ । ସମସ୍ତ ଅନୁଷ୍ଠାନ ,ଦୋକାନ ବଜାର ରେ ସଚେତନତା ପୋଷ୍ଟର ଲଗେଇବା । ଶିଶୁକୁ କାମ ନୁହେଁ , ଶିକ୍ଷା ରେ ସାମିଲ କରିବା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଆବଶ୍ୟକ, ଶିଶୁକୁ ଶିକ୍ଷାର ଅଧିକାର ଦେବା, ଶିଶୁ ଶ୍ରମ ମୁକ୍ତ ସମାଜ ଗଢ଼ିବା ଏହି ସଂକଳ୍ପ ସହ ଭଦ୍ରକ ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ କରିବା ପାଇଁ ସମସ୍ତ ବିଭାଗକୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା ।

# ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଇଁ ମାଁ' ସମଲେଇଙ୍କୁ ନିମନ୍ତ୍ରଣ

ସମ୍ବଲପୁର, ୨୪/୦୬ (ନି.ପ୍ର): ସମ୍ବଲପୁରୀ ସଂସ୍କୃତିର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୦୧ ତାରିଖରେ । ଚଳିତ ବର୍ଷ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଳନ ପୂର୍ବରୁ ମଙ୍ଗଳବାର ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଇଷ୍ଟଦେବୀ ମାଁ' ସମଲେଇଙ୍କୁ ଆନୁଷ୍ଠାନିକ ବିଧି ମୁତାବକ ନିମନ୍ତ୍ରଣ କରାଯାଇଛି । ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅଗଷ୍ଟ ଏକ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ଆୟୋଜନ ପାଇଁ ଆଉ ମାତ୍ର ଗୋଟିଏ ମାସ ରହିଛି । ସେଥିପାଇଁ ମାଁ' ଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରି ପ୍ରସ୍ତୁତି ଆରମ୍ଭ କରାଯାଇଥିଲା । ମଂଚର ସଦସ୍ୟ ମାନେ ଇଷ୍ଟଦେବୀ ମାଁ ସମଲେଇଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ର ପ୍ରଥମ ନିମନ୍ତ୍ରଣ ପତ୍ର ପ୍ରଦାନ କରି ଥିଲେ । ଜେଲ ଛକ ସ୍ଥିତ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଚଳିତ ବର୍ଷ ଭବ୍ୟ ଆକାରରେ ୧୪ ତମ ସମ୍ବଲପୁରୀ ଦିନ ଆୟୋଜନ କରାଯିବା ନେଇ ମଂଚ ପକ୍ଷରୁ ସ୍ଥିର କରାଯାଇଛି । ସମ୍ବଲପୁରୀ ଲୋକ ସଂସ୍କୃତି କୁ ଆଧାର କରି ଆୟୋଜନ ହେଉଥିବା ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ସାମଗ୍ରୀ ପ୍ରଦର୍ଶନୀ ସହ ବିକ୍ରୟ ଆଦି ବ୍ୟବସ୍ଥା କରାଯିବ । ସମ୍ବଲପୁରୀ ଦିନ ଏବଂ ଗୁରୁ ବହିଦାରଙ୍କ ସମ୍ବଲପୁରୀ ପ୍ରତି ଅବଦାନ ବିଷୟରେ ଲୋକଙ୍କୁ ଅବଗତ କରାଯିବ । ଆଜି ସମଲେଇ ନିୟୁତା ପରେ ସମ୍ବଲପୁରୀ ଦିନ ପାଇଁ ଡେରା ପରିସରରେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ସୂଚନା ଯୋଗ୍ୟ ଯେ, ପଶ୍ଚିମାଂଚଳ ଏକତା ମଂଚର ପ୍ରୟାସରେ ଗୁରୁ ବହିଦାରଙ୍କ ଜନ୍ମ ଶତବାର୍ଷିକୀ ପାଳନ ବର୍ଷ ୨୦୧୩ ଠାରୁ ଅଗଷ୍ଟ ଏକ ତାରିଖରେ ସମ୍ବଲପୁରୀ ଦିନ ପାଳନ କରାଯାଇ ଆସୁଛି । ଆଜିର ନିୟୁତା କାର୍ଯ୍ୟକ୍ରମ ରେ ଝୁନୁ ତ୍ରୀପାଠୀ, ଶୋଭାଙ୍ଗିନୀ ପଟେଲ, ପଙ୍କଜିନୀ ମେହେର, ଭୂମି ସୂତା ମେହେର, ପଙ୍କଜିନୀ ବୈଠାରୁ, ଯାମିନୀ ଠାକୁର, ଲଳିତା ଭୋଇ, ରୀତା ସ୍ୱାଇଁ, ସୁନିତା ପତି, ସିପ୍ରା ଚକ୍ରବର୍ତ୍ତୀ, ଦୀପା ରାଉତ, ଅନୁପମା ରାଉତ, ଜୁଲି ମହାପାତ୍ର, ଝରଣା ମେହେର, ରାଜେଶ ସ୍ୱାଇଁ, ଶଙ୍କର ମେହେର, ରାହୁଲ ଗୁପ୍ତା, ପ୍ରେମ ସାହାଣୀ, ପ୍ରସିସ ପଣ୍ଡା, ମାନସ ରଞ୍ଜନ ବକ୍ସି, ଭବାନୀଶ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ।

## ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ ବଂଟାଗଲା

ଭଦ୍ରକ, ୨୪/୦୬ (ନି.ପ୍ର):ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତି ଅବସରରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅର୍ନ୍ତଗତ ଆଜି ଚତୁର୍ଥ ଦିନ ବନ୍ତ ସମ୍ମିଳନୀ କକ୍ଷରେ ସଚେତନା ସଭା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ,ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରତ୍ୟସିନୀ ଷଡଙ୍ଗୀ, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଆହ୍ଲାଦି ମାରାଣ୍ଡି,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ, ବ୍ଲକ ଯୋଗାଣ ଅଧିକାରୀ ଶୁଭଶ୍ରୀ ଶୁକ୍ଳ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ ସାହୁ, ତୃପ୍ତିମାଳା ବେହେରା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଉପଲବ୍ଧି ଉପରେ ଆଲୋକପାତ କରି ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ଉପରେ କହିଥିଲେ । ଏହି ଅବସରରେ ନୂତନ ହିତାଧିକାରୀଙ୍କୁ ଆବାସ ଗୃହର କାର୍ଯ୍ୟାଦେଶ, ଭିନ୍ନକ୍ଷମ ଓ ବିଧବା ମହିଳା ମାନଙ୍କୁ ଭତା ଓ ରାସନ କାର୍ଡ ସହ ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ୍ ବଟଂନ କରାଯାଇଥିଲା । ମିତ୍ରଭାନୁ ସ୍ୱାଇଁ, ବସନ୍ତ ବିଶ୍ୱାଳ, ରତନୀ ଜେନା ପ୍ରମୁଖ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଯୋଗ ଦେଇଥିଲେ ।

## ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ ଘଟଣା: ୩ ଗିରଫ

ଭଦ୍ରକ, ୨୪/୦୬ (ନି.ପ୍ର): ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଧିନ ଚଣ୍ଡୀପୁର ଗ୍ରାମରେ ରବିବାର ବେଆଇନ୍ ଭାବେ ବିଦ୍ୟୁତ୍ ବ୍ୟବହାର କରୁଥିବାର ଖବର ପାଇ ବିଭାଗୀୟ (ଟିପିଏନଓଡିଏଲ୍) କର୍ମଚାରୀ ତଦନ୍ତରେ ଯାଇଥିବା ବେଳେ କର୍ମଚାରୀ ଜୟକୃଷ୍ଣ ପଢିଆରୀଙ୍କୁ ପ୍ରବଳ ମାଡ ମରାଯାଇଥିଲା । ଏନେଇ ବିଭାଗ ପକ୍ଷରୁ ଭଦ୍ରକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦୀପକ କୁମାର ମହାନ୍ତି ବନ୍ତ ଥାନାରେ ଅଭିଯୋଗ ହେବା ପରେ ସୋମବାର ହିତାଧିକାରୀଙ୍କ ମିଟର ଓ ତାର ଖୋଲାଯାଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା । ପୋଲିସ୍ ଭିଡିଓ ଫୁଟେଜକୁ ଆଧାର କରି ଗଣ୍ଡଗୋଳରେ ସଂପୃକ୍ତ ମିର ଅବଦୁଲ ହାସିମ୍, ମିର ଅବଦୁଲ୍ ମୁକ୍ତି, ମିର ଇମତାଜ ଆଲମ୍ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ରେଳଧାରଣା ପାଖରେ ବରିଷ୍ଠ ଆଇନଜୀବୀ ତ୍ରିନାଥ ଗୁଆଲଙ୍କ ମୃତଦେହ, ଆତ୍ମହତ୍ୟା ନା ହତ୍ୟା ? ତଦନ୍ତକୁ ନେଇ ଚର୍ଚ୍ଚା ଜୋରଦାର

ଝାରସୁଗୁଡ଼ା, ୨୪/୦୬ (ନି.ପ୍ର): ଝାରସୁଗୁଡ଼ା ସହରରେ ମଙ୍ଗଳବାର ସକାଳେ ଏକ ଚାଂଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ଝାରସୁଗୁଡ଼ା ବାର୍ ଏସୋସିଏସନର ପୂର୍ବତନ ସଭାପତି, ବରିଷ୍ଠ ଆଇନଜୀବୀ ଓ ବିଜେଡିର ସକ୍ରିୟ ନେତା ତ୍ରିନାଥ ଗୁଆଲଙ୍କ କ୍ଷତବିକ୍ଷତ ମୃତଦେହ ବାଲିଜୁରି ଅଂଚଳ ସ୍ଥିତ ରେଳଧାରଣା ନିକଟରୁ ଉଦ୍ଧାର ହୋଇଛି । ଘଟଣା ପରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଥିବାବେଳେ ମୃତ୍ୟୁର କାରଣକୁ ନେଇ ନାନା ପ୍ରଶ୍ନ ଉଠିଛି ।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୫ଟା ୩୦ ମିନିଟ ସମୟରେ ଏହି ଅଘଟଣ ଘଟିଥିଲା । ଖବର ପାଇ ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ସହ ବରିଷ୍ଠ ପୁଲିସ ଅଧିକାରୀ, ବିମାନବନ୍ଦର ଥାନା ପୁଲିସ ଓ ଜିଆରପି ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ପୁଲିସ ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି । ସେଥିରେ "ମୋ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି" ବୋଲି ଉଲ୍ଲେଖ ରହିଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ରେଳବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ରାଉରକେଲା-କୋରାପୁଟ ଏକ୍ସପ୍ରେସ୍ (୧୮୧୦୮) ଝାରସୁଗୁଡ଼ା ଅତିକ୍ରମ କରୁଥିବା ବେଳେ ତ୍ରିନାଥ ଗୁଆଲ ହଠାତ୍ ରେଳଧାରଣା ଆଗକୁ ଡେଇଁ ପଡ଼ିଥିବା ନେଇ ଲୋକୋ ପାଇଲଟ୍ ରଥ ସାଗର ଏକ ମେମୋ ଜରିଆରେ ରେଳ କର୍ତୃପକ୍ଷଙ୍କୁ ଜଣାଇଛନ୍ତି ।

ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି । ତ୍ରିନାଥ ଗୁଆଲଙ୍କ ପୁତୁରା ଯଦୁମଣି ଗୁଆଲ ଦାବି କରିଛନ୍ତି ଯେ, ଏହା ଆତ୍ମହତ୍ୟା ନୁହେଁ ବରଂ ଏକ ସୁଚିନ୍ତିତ ହତ୍ୟାକାଣ୍ଡ । ତାଙ୍କ କହିବା ଅନୁଯାୟୀ, ତ୍ରିନାଥ ଗୁଆଲ ମାନସିକ ଭାବେ ଦୃଢ଼ ବ୍ୟକ୍ତିତ୍ୱର ଥିଲେ । ସମ୍ପ୍ରତି ଜମି ସମ୍ବନ୍ଧୀୟ ଏକ ବିବାଦକୁ ନେଇ ସେ ଚିନ୍ତିତ ଥିବା ସତ୍ତ୍ୱେ ଆତ୍ମହତ୍ୟା ଭଳି ପଦକ୍ଷେପ ନେବେ ନାହିଁ ବୋଲି ପରିବାରର ଦାବି । ତେଣୁ କେହି ତାଙ୍କୁ ହତ୍ୟା କରି ରେଳଧାରଣା ଉପରେ ଫିଙ୍ଗି ଦେଇଥାଇପାରନ୍ତି ବୋଲି ସେ ସନ୍ଦେହ ପ୍ରକାଶ କରିଛନ୍ତି ।

ପୁଲିସ ଏକ ୟୁଡି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ପୋଷ୍ଟମର୍ଟମ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

ତ୍ରିନାଥ ଗୁଆଲଙ୍କ ଦେହାନ୍ତରେ ଜିଲ୍ଲାର ରାଜନୈତିକ, ସାମାଜିକ ଓ ଆଇନଜୀବୀ ମହଲରେ ଶୋକର ଲହରୀ ଖେଳିଯାଇଛି । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଓ ପୂର୍ବତନ ବିଧାୟିକା ଦୀପାଳୀ ଦାସ ପ୍ରମୁଖ ଶେଷ ଦର୍ଶନ କରି ଶୋକବ୍ୟକ୍ତ କରିଥିଲେ । ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ବିଭିନ୍ନ ରାଜନୈତିକ ଓ ସାମାଜିକ ସଂଗଠନର ନେତୃବୃନ୍ଦ ପରିବାରକୁ ସମବେଦନା ଜଣାଇଛନ୍ତି । ପରେ ମୃତଦେହକୁ ଝାରସୁଗୁଡ଼ା ଅଦାଲତ ପରିସରକୁ ନିଆଯାଇଥିଲା । ସେଠାରେ ବହୁ ସଂଖ୍ୟକ ଆଇନଜୀବୀ, ରାଜନେତା, ସମାଜସେବୀ ଓ ସାଧାରଣ ଲୋକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ଗ୍ରାମ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ଝାରସୁଗୁଡ଼ା ଜିଲ୍ଲାର ଜଣେ ପରିଚିତ ଆଇନଜୀବୀ ଓ ସାମାଜିକ ବ୍ୟକ୍ତିତ୍ୱ ଭାବେ ପରିଚିତ ତ୍ରିନାଥ ଗୁଆଲ ବାର୍ ଏସୋସିଏସନର ସଭାପତି ଥିବା ସହ ବିଜେଡିର ବିଭିନ୍ନ ସାଂଗଠନିକ ଦାୟିତ୍ୱରେ ମଧ୍ୟ କାର୍ଯ୍ୟ କରିଥିଲେ । ତାଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ ପୁଲିସ ତଦନ୍ତ ଓ ଫରେନସିକ୍ ରିପୋର୍ଟ ପରେ ହିଁ ସ୍ପଷ୍ଟ ହେବ ।

# ସାଡିଙ୍ଗିଆରେ ଫିରିଙ୍ଗିଆ ପୋଲିସର ଗାଁକୁ ଚାଲ ଅଭିଯାନ

କନ୍ଧମାଳ, ୨୪/୦୬ (ନି.ପ୍ର): ଆଜି ମଧ୍ୟ ପୋଲିସ ଓ ସାଧାରଣ ଜନତା ମଧ୍ୟରେ ସୁସମ୍ପର୍କ ସ୍ଥାପନ ବଦଳ ରେ ପୋଲିସ ଦେଖିଲେ ଭୟ କରିବା ସହ ସାଧାରଣ ଜନତା ସଚେତନ ଅଭାବ ରୁ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଏହି ପରିସ୍ଥିତି ରେ ଫିରିଙ୍ଗିଆ ପୁଲିସ ସାଧାରଣ ଜନତା ଓ ପୁଲିସ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ ରଖିବା ଓ ବିଭିନ୍ନ ସମସ୍ୟା ରେ ପରସ୍ପର ମଧ୍ୟରେ ସହାଭାଗିତା ରଖି ବେଆଇନ କାର୍ଯ୍ୟରୁ ନିବୃତ ରହିବା ସହ ଯେଉଁ ମାନେ ବେ ଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ସେଥିରୁ ନିବୃତ ରହିବା ସହ ଭଲ କାର୍ଯ୍ୟକୁ ଆପଣାଇବା ପାଇଁ ଫିରିଙ୍ଗିଆ ପୁଲିସ ଏକ ସ୍ୱତନ୍ତ୍ର ଅଭିଯାନ ଆପଣେଇଥିବା ବେଳେ ଫିରିଙ୍ଗିଆ ଥାନା ତରଫରୁ ଜନ ସମ୍ପର୍କ ସଭା ଆରମ୍ଭ କରିଛି । ଏହି ପରିପେକ୍ଷୀରେ ପ୍ରଥମେ ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଥାନା ଅଧୀନ ଉପାନ୍ତ ଅଂଚଳ ଆଦିବାସୀ ଅଧୁଷିତ ସାଡିଙ୍ଗିଆ ରେ ଜନସାଧାରଣଙ୍କ ସହ ମିଶି ଏକ ଜନସମ୍ପର୍କ ସଭା ଆରମ୍ଭ କରିଛି । ସାଡିଙ୍ଗିଆ ପଂଚାୟତ ସରପଂଚ ସାଦମ୍ନିନୀ କହଁରଙ୍କ ଅଧ୍ୟକ୍ଷତା ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ଏହି ଜନସମ୍ପର୍କ ସଭା ରେ ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁ, ସମିତି ସଭ୍ୟା ରିତାଞ୍ଜଳୀ ରଣା, ପୂର୍ବତନ ସାଡିଙ୍ଗିଆ ସରପଂଚ ଲଶିବନ କହଁର ଯୋଗ ଦେଇଥିଲେ କ୍ଷ ଜନସମ୍ପର୍କ ସଭାରେ ପୁଲିସ ଓ ଜନସାଧାରଣ ଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ଉଭୟେ ମିଳିମିଶି ସହଯୋଗ ରେ କାର୍ଯ୍ୟ କରିବା ପାଇଁ ଅଂଚଳବାସୀଙ୍କୁ ପୁଲିସ ସଚେତନ କରିଥିବା ବେଳେ ଗ୍ରାମାଂଚଳ ରେ ଘଟୁଥିବା ବିଭିନ୍ନ ସମସ୍ୟା ଉପରେ ଅଂଚଳ ବାସୀ ଥାନା ଅଧିକାରୀଙ୍କୁ ଅବଗତ କରିଥିଲେ । ବିଶେଷ କରି ସାଡୀଙ୍ଗିଆ ଅଂଚଳରେ ବର୍ତମାନ ବିଭିନ୍ନ ଗାଁ ଗାଁ ରେ ଦେଶୀ ଓ ବିଦେଶୀ ମଦ ବିକ୍ରି ପ୍ରବଳ ମାତ୍ରାରେ ହେଉଥିବା ବେଳେ ଦୈନିକ ପରିବାର ରେ ଅଶାନ୍ତି ଦେଖା ଦେଇଥିବା ବେଳେ ଛୋଟ ଛୋଟ ନାବାଳକ ମାନେ ନିଶା ସେବନ କରି ବାଇକ ରେ ଦୁର୍ଘଟଣା ଘଟି ମୃତ୍ୟୁ ମୁଖରେ ପଡୁଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ ଅଂଚଳବାସୀ । ଅନ୍ୟପଟେ ଅଂଚଳର ମହିଳା ମାନେ ଦୀର୍ଘ ଦିନରୁ ମଦ ବିରୋଧୀ ଆନ୍ଦୋଳନ କରିଥିବା ବେଳେ ସଫଳ ହୋଇନଥିଲେ ତେଣୁ ମଦ ବିକ୍ରି କରୁଥିବା ଲୋକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ଅଧିକାରୀ ଙ୍କୁ ଅନୁରୋଧ କରିଥିଲେ । ତେବେ ଆଗାମୀ ଦିନରେ ଗାଁ ଗାଁ ରେ ପୁଲିସ ଓ ଜନସାଧାରଣ ଙ୍କ ମଧ୍ୟରେ ଜନସମ୍ପର୍କ ସଭା ଆୟୋଜନ କରିବା ସହ ସଚେତନ କରିବାକୁ ସାଧାରଣ ଲୋକେ ଦାବୀ କରିଥିବା ବେଳେ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ମଧ୍ୟ ଫିରିଙ୍ଗିଆ ଥାନା ଅଧୀନ ବିଭିନ୍ନ ଗାଁରେ ଜନସାଧାରଣଙ୍କୁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ ସହ ସଚେତନ କରାଯିବ ବୋଲି ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ -୨୦୨୬ ପାଳିତ

ଖୋର୍ଦ୍ଧା, ୨୪/୦୬ (ନି.ପ୍ର): ଦୈନନ୍ଦିନ ଜୀବନରେ ଯୋଗ ଅଭ୍ୟାସ ଏକାନ୍ତ ଜରୁରୀ । ପ୍ରତ୍ୟେକ ଦିନ ଆସନ, ପ୍ରାଣାୟମ କରିବା ଦ୍ୱାରା ବାର୍ଦ୍ଧକ୍ୟ ସମୟରେ ଶରୀର ସ୍ୱାସ୍ଥ୍ୟ ରହିଥାଏ । ବର୍ତ୍ତମାନ ଭାରତ ବର୍ଷରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକ ବଢ଼ିବାକୁ ଲାଗିଛନ୍ତି କ୍ଷ ମାନସିକ ଶାରୀରିକ ସୁସ୍ଥ ସହିତ ଶାନ୍ତି ଜୀବନ ଯାପନ ପାଇଁ ସମସ୍ତଙ୍କ ପାଇଁ ଯୋଗ ମୌଳିକ ଆବଶ୍ୟକତା ହୋଇ ଯାଇଛି । ଏଣୁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷା ଓ ବୟସ ନିର୍ବିଶେଷରେ ସୁସ୍ଥ ଶରୀର ଓ ନିରାମୟ ଜୀବନ ଯାପନ ପାଇଁ ଯୋଗ ସମସ୍ତଙ୍କ 'ଧାନ ' ହେଉ ବୋଲି ଆଜି ବିଜୁପଟ୍ଟନାୟକ ବହୁମୁଖି ଇଣ୍ଡୋର୍ ଷ୍ଟାଡିୟମ, ଖୋର୍ଦ୍ଧା ଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଶା ସରକାର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରି ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ସମ୍ମାନୀୟ ଅତିଥି ଭାବେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ତଥା ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଜଣାଇ କହିଲେ ଯୋଗ ସବୁ ଔଷଧ ଠାରୁ ଶ୍ରେଷ୍ଠ ଔଷଧ ଅଟେ । ଯୋଗ ଶରୀରକୁ ସୁସ୍ଥ ରଖିବା ସହ ଧାନ ଯୋଗ ଆତ୍ମା ପରମାତ୍ମାଙ୍କ ସହ ସଂଯୋଗ କରାଇଥାଏ । ଦ୍ୱାରା ବିଶ୍ୱର କଲ୍ୟାଣ ସାଧିତ ହୁଏ । ଯୋଗକୁ ସମସ୍ତେ ଆପଣେଇଲେ ବିଶ୍ୱ ହସି ଉଠିବ ବୋଲି ସେ ବକ୍ତବ୍ୟ ରଖିଥିଲେ । ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଲେ ପ୍ରାଚୀନ ସଭ୍ୟତାର ମୁକ ସାକ୍ଷୀ ଯୋଗ ଅଟେ । ସେ ସମୟରେ ଯୋଗ ଓ ଧାନ ଦ୍ୱାରା ମୁନି ଋଷି ମାନେ ସମସ୍ତ ବିଷୟରେ ଅବଗତ ହୋଇ ପାରୁଥିଲେ । ମନୁଷ୍ୟ ସୁସ୍ଥ ରହିବା ପାଇଁ ଯୋଗ ସବୁଠାରୁ ବଡ଼ ଔଷଧ ବୋଲି ସେ ବକ୍ତବ୍ୟରେ ଉତ୍ଥାପନ କରି ସମସ୍ତେ ଓ ସବୁବର୍ଗର ଲୋକେ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଭାଜପା ସଭାପତି ବିଶ୍ୱରଂଜନ ବଡ଼ଜେନା, ନିର୍ବାହୀ ଅଧିକାରୀ ଖୋର୍ଦ୍ଧା ପୌରପରିଷଦ ,କାବେରୀ ମୁଦୁଲି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା , ସାମ୍ବାଦିକ ରାମ ନାରାୟଣ ଦାଶ ମଞ୍ଚାଶିନ ଥିଲେ । ସେହି ପରି ଉପଜିଲ୍ଲାପାଳ, ଖୋର୍ଦ୍ଧା, ସ୍ୱସ୍ତିକ ସଂକଳ୍ପ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା, କନକ ଲକ୍ଷ୍ମୀ ମହାନ୍ତି, ବୁଦ୍ଧିଜୀବୀ ନିକୁଞ୍ଜ ପଟ୍ଟନାୟକ,ଯୋଗ ମହୋତ୍ସବ ସମିତି କର୍ମକର୍ତ୍ତା କେଦାର ନାଥ ସାହୁ ଯୋଗଦେଇଥିଲେ । ଯୋଗ ଗୁରୁ ବରୁଣ କୁମାର କବିରାଜ ଯୋଗାଭ୍ୟାସ କରାଇଥିବା ବେଳେ ଗୁରୁଜଙ୍ଗ ସରସ୍ୱତୀ ଶିଶୁ ମନ୍ଦିର ସହ ଆଚାର୍ଯ୍ୟ ସୌଦାମିନୀ ସାହୁ ସହଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୋଗ ପ୍ରେମୀ, ଛାତ୍ର ଛାତ୍ରୀ, ଯୁବକ ଯୁବତୀ, ବୃଦ୍ଧ ବୃଦ୍ଧା, ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ । ମୁଖ୍ୟ ଅତିଥି ସମସ୍ତଙ୍କୁ ଯୋଗ ଅଭ୍ୟାସ ଶପଥ ପାଠ କରାଇଥିଲେ । ଅତି ଆନନ୍ଦ ଉଲ୍ଲାସ ମଧ୍ୟରେ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର, ଯୋଗ ମହୋତ୍ସବ ସମିତି, ଓଡ଼ିଶା ସରକାର ଏବଂ ଜିଲ୍ଲା ପ୍ରଶାସନ, ଖୋର୍ଦ୍ଧାଙ୍କ ମିଳିତ ଆନୁକୁଲ୍ୟରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

# ଓଡିଶା ସାହିତ୍ୟ ଗୌରବ ସମ୍ମାନରେ ସମ୍ମାନିତ ହେଲେ କବି ଧନପତି ଦିଗାଲ

କନ୍ଧମାଳ , ୨୪/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ତଥା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପଂଚାୟତ ଅଧୀନରେ ଥିବା ବଟାବାହାଲି ଗ୍ରାମର ବିଶିଷ୍ଟ କବି ଲେଖକ ଓ କଣ୍ଠଶିଳ୍ପୀ ଶ୍ରୀ ଧନପତି ଦିଗାଲଙ୍କୁ ଓଡିଶା ସାହିତ୍ୟ ଗୌରବ ସମ୍ମାନ ୨୦୨୬ ରେ ସମ୍ମାନିତ କରା ଯାଇଛି ଗତ ୨୧ ତାରିଖ ଦିନ ସମ୍ବଲପୁର ଜିଲ୍ଲା ତପସ୍ୱିନୀ ଅଡ଼ିଟୋରୀୟମ୍ ହାପି ମୁମେଂଟ ଇଣ୍ଡିଆ ତରଫରୁ ଆୟଜିତ ଏହି କାର୍ଯ୍ୟକ୍ରମର ପ୍ରତିଷ୍ଠାତା, ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ, ଦିଗାଲଙ୍କୁ ଏହି ସମ୍ମାନ ପ୍ରଦାନ କରା ଯାଇଛି ଓ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ କଣ୍ଠଶିଳ୍ପୀ ପଦ୍ମଶ୍ରୀ କ୍ରିଷ୍ଣା ପଟେଲ,, ହାସ୍ୟ ଅଭିନେତା ଯୋଗେଶ ଜୋଜୋ ଓ ଟିଙ୍କୁ ଟିଙ୍ଗାଲୁଙ୍କ ସମେତ ଶତାଧିକ କବି, କବୟତ୍ରୀ ଓ କଳାକାର ମାନେ ଯୋଗ ଦେଇଥିଲେ ଓ ତେବେ ଶ୍ରୀ ଧନପତି ଦିଗାଲ ଦୀର୍ଘ ବର୍ଷ ଧରି, ଫିରିଙ୍ଗିଆ ବ୍ଲକ ର ବଟାବାହାଲି ଭଳି ଏକ ଉପାନ୍ତ ଅଂଚଳର ହୋଇଥିଲେ ମଧ୍ୟ, ନିଜର ସାହିତ୍ୟ ସାଧନ ଜାରି ରଖିବା ବେଳେ, ଅନେକ ଗୀତ ରଚନା କରିବା ସହ ଅନେକ ଗୀତ ର କଣ୍ଠଦାନ କରି, ଜିଲ୍ଲା ତଥା ଜିଲ୍ଲା ବାହାରେ ଏକ ସତନ୍ତ୍ର ପରିଚୟ ସୃଷ୍ଟି କରି ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ଭୁବନେଶ୍ୱର ୨୬ ତାରିଖ ରେ, ଜାତୀୟ ଉତ୍କଳ କାବ୍ୟରୌପ୍ୟରତ୍ନ ସମ୍ମାନ ୨୦୨୬ ଓ ମାଟିଲଗ୍ନା ସାହିତ୍ୟ ସଂସଦ ଓଡିଶା ତରଫରୁ ମାଟିଲଗ୍ନା ଅରୁଣିମା ସମ୍ମାନ ଓ ଓଡିଶା ସାହିତ୍ୟଏକାଡେମୀ ଭୁବନେଶ୍ୱର ତରଫରୁ ଜାତୀୟ ଉତ୍କଳ ସନ୍ଥକବି ଭୀମଭୋଇ କାବ୍ୟରୌପ୍ୟରତ୍ନ ସମ୍ମାନ ଓ କନ୍ଧମାଳ କବିତା କଳିକା ଅପରାହ୍ନ ତରଫରୁ ସୃଜନଶ୍ରୀ ସମ୍ମାନ,ଏହିଭଳି ବିଭିନ୍ନ ଅନୁଷ୍ଠାନ ମାନଙ୍କ ତରଫରୁ ସମ୍ବର୍ଦ୍ଧିତ ଏବଂ ସମ୍ମାନିତ ହୋଇ ସାରା ରାଜ୍ୟରେ ପରିଚୟ ସୃଷ୍ଟି କରିପାରିଛନ୍ତି ।

ଧାରାବାହିକ:

ଭାଗ-୪୭

# ସଂକ୍ଷିପ୍ତ ଭାଗବତ କଥାମୃତ

## ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



### ୩ୟ ଅଧ୍ୟାୟ, ମାୟାକୁ ପାର ହେବାର ଲକ୍ଷଣ , ବ୍ରହ୍ମ ଓ କର୍ମଯୋଗ ନିରୂପଣ

ନିମି ରାଜା ପଚାରିଲେ, ହେ ପୂଜ୍ୟ ଋଷିବୃନ୍ଦ ଏବେ ଅନୁଗ୍ରହ କରି ଭକ୍ତର ଲକ୍ଷଣ ସବୁ କଅଣ ତାହା ପ୍ରକାଶ କରନ୍ତୁ । ସେମାନେ କି ପ୍ରକାର ଆଚରଣ କରନ୍ତି ? ନବଋଷି ମଧ୍ୟରୁ ମିତ୍ରମୁନି କହିଲେ,ଭକ୍ତ ଉତ୍ତମ, ମଧ୍ୟମ ଓ ପ୍ରାକୃତ ଭେଦରେ ତିନି ପ୍ରକାର । ଯେଉଁ ଭକ୍ତ ସର୍ବ ଘଟରେ ନାରାୟଣଙ୍କୁ ଦର୍ଶନ କରେ, ଯାହାର ଜାତି, କୁଳ, ଧର୍ମ, ବର୍ଣ୍ଣ, ବିଭବଜନିତ ଗର୍ବ, ଅହଂକାର କିମ୍ୱା ମାନ ଅଭିମାନ ନାହିଁ ଏବଂ ଜନ୍ମ ଓ ମରଣକୁ ସମାନ ଭାବରେ ଗ୍ରହଣ କରିଥାଏ, ଶତ୍ରୁ, ମିତ୍ର, ପ୍ରିୟାପ୍ରୀତି ଭେଦ ରହିତ ସମଦର୍ଶୀ, ସର୍ବତ୍ର ସର୍ବକର୍ମରେ ଐଶ୍ୱରୀୟ ନିର୍ଦ୍ଦେଶ, ଐଶ୍ୱରୀୟ ସତ୍ତା ଅନୁଭବ କରେ, ଭଗବତ ସତ୍ତାରେ ସର୍ବଦା ମନନିବେଶ କରିଥାଏ ସେହି ଭକ୍ତ ଉତ୍ତମ ଭକ୍ତ ରୂପେ ପରିଗଣିତ ହୁଅନ୍ତି । ଯେଉଁମାନେ ଶ୍ରୀହରି ପାଦପଦ୍ମରେ ସେବାରତ ଥାନ୍ତି ଓ ଭକ୍ତି ସମ୍ଭୂତ ବୃଦ୍ଧି ଧାରଣ କରନ୍ତି, ଭକ୍ତମାନଙ୍କୁ ସ୍ନେହ ଆଦର କରନ୍ତି ଅଥବା ସଦାଚାର ପ୍ରତି ଗିରୁତ୍ୱ ନଦେଇ ନିଜର ପ୍ରିୟ ସୁଖକର କାର୍ଯ୍ୟରେ ଲିପ୍ତ ରହନ୍ତି ସେମାନେ ମଧ୍ୟମ ଭକ୍ତ । ସର୍ବ ଘଟରେ ଭଗବାନର ମନୋଭାବ ସେମାନେ ପୋଷଣ କରନ୍ତି ନାହିଁ ମାତ୍ର ନିଜର ଜ୍ଞାନଗର୍ବ ସତ୍ତ୍ୱେ ସେମାନେ ଅଜ୍ଞ ଲୋକ ପ୍ରତି ଅନୁକମ୍ପା ପ୍ରଦର୍ଶନ କରନ୍ତି ଏବଂ ନିଜର ପ୍ରତିଷ୍ଠା ଅନୁରୂପ ଫଳ କାମନା ପୋଷିତ କର୍ମାନୁଷ୍ଠାନ କରିଥାନ୍ତି । ମାତ୍ର ଯେଉଁ ବ୍ୟକ୍ତି କେବଳ ଲୌକିକ ମତରେ ଭଗବାନଙ୍କର ପୂଜା କରନ୍ତି, ଅହଂକାର ହେତୁ ଅନ୍ୟମାନଙ୍କ ମତକୁ ସମ୍ମାନ ଦିଅନ୍ତି ନାହିଁ, ବିଷ୍ଣୁଭକ୍ତ ପ୍ରାଣୀକୁ ସମ୍ମାନ ଦିଅନ୍ତି ନାହିଁ ସେହିମାନେ ପ୍ରାକୃତ ବା ତୃତୀୟ ସ୍ତରର ଭକ୍ତ । ତେବେ ଭଗବାନଙ୍କୁ ଯିଏ ଯେଉଁ ପ୍ରକାରରେ ଭଜିଲେ ମଧ୍ୟ ଭଗବାନ ସମସ୍ତଙ୍କୁ ପ୍ରାପ୍ତ ହୁଅନ୍ତି । କାରଣ ଭଗବାନ ଭକ୍ତର ହୃଦୟରେ ନିବାସ କରିଥାନ୍ତି ।

ନିମି ପୁନର୍ବାର ପଚାରିଲେ, ହେ ମୁନିଶ୍ରେଷ୍ଠ, ବିଷ୍ଣୁମାୟା ଦ୍ୱାରା ଜନ୍ମ-ମରଣ ଚକ୍ରରୁ ଉଦ୍ଧାର କ୍ଷମ ହରି ଭଜନ-କୀର୍ତ୍ତନ ରୂପୀ ଅମୃତ ପାନ କରାଇ ମୋତେ କୃତାର୍ଥ କରାନ୍ତୁ । ନବଋଷି ମଧ୍ୟରୁ ଅନ୍ତରୀକ୍ଷ କହିଲେ,ହେ ରାଜା, ବିଷ୍ଣୁ ମାୟା ବ୍ରହ୍ମା ଶଙ୍କରଙ୍କୁ ମଧ୍ୟ ଅଗୋଚର । କେବଳ ତାଙ୍କ ଅନୁଗ୍ରହ ହେଲେ ସେଥିରୁ କିଛିମାତ୍ର ଅବଧାରଣା କରିହୁଏ । ସେହି ଅନାଦି, ଅନନ୍ତ, ନିର୍ବିକାର ପରମ ପୁରୁଷ ସଂସାରରେ କ୍ରୀଡା ଇଛାକରି ଐଶ୍ୱରୀୟ ତେଜରୂପେ ପ୍ରଥମେ ପ୍ରକାଶିତ ହୁଅନ୍ତି । ତେଜରୁ କାଳଶକ୍ତି, କାଳରୁ ଆତ୍ମା ଓ ଆତ୍ମାକୁ ଆଶ୍ରୟ କରି ଜୀବର ସୃଷ୍ଟି ହୁଏ । ଜୀବ ତ୍ରିଗୁଣ ମାୟାରେ ଯନ୍ତ୍ରିତ ହୋଇ ଲିଙ୍ଗ ଶରୀର ସୃଷ୍ଟି ହୁଏ । ଶରୀର ହେତୁ ଅହଙ୍କାର ସୃଷ୍ଟି ପ୍ରାଣୀର ବନ୍ଧନର କାରଣ ସାଜି ସୁଖଦୁଃଖର ପଥରେ ନିରନ୍ତର ଭ୍ରମଣ କରାଉଥାଏ । ଏହାହିଁ ବିଷ୍ଣୁମାୟା । ପୁଣି ପ୍ରଳୟକାଳ ଉପସ୍ଥିତ ହେଲେ, ବେଦମତରେ ଶହେ ବର୍ଷଯାଏଁ ବୃଷ୍ଟି ହୁଏନାହିଁ, ସୂର୍ଯ୍ୟତେଜ ପୃଥିବୀକୁ ଦହନ କରେ । ଏହାପରେ ଶହେ ବର୍ଷ ପର୍ଯ୍ୟନ୍ତ ବୃଷ୍ଟି ହେବାରୁ ସମଗ୍ର ସୃଷ୍ଟି ନଷ୍ଟଯାଏ ଏବଂ ବିରାଟପୁରୁଷ ବ୍ରହ୍ମ ଶରୀରରେ ଲୀନ ହୁଏ । କେତେକାଳ ପରେ ପୁଣି ସୃଷ୍ଟି ଇଛାକଲେ ପ୍ରକୃତି ସହିତ ମିଳିତ ହୁଅନ୍ତି । ଏହିପରି ଭାବେ ସୃଷ୍ଟି, ପାଳନ ଓ ସଂହାରଣ ତ୍ରିବିଧ ପ୍ରକ୍ରିୟା ଯୁଗଯୁଗ ଧରି ଚାଲିଆସିଛି । ନିମି ରାଜା ଏହି ବିଷ୍ଣୁମାୟାରୁ ବଞ୍ଚିବାର ଉପାୟ ପଚାରିବାରୁ ମୁନି କହିଲେ, ରାଜା, ସାଧାରଣତଃ ମାୟାଗ୍ରସ୍ଥ ପ୍ରାଣୀ ଗୃହବାସରେ ରହି ଫଳ ଆଶାରେ କର୍ମକରେ ଓ ଦୁଃଖକୁ ଅତିକ୍ରମ କରି ସୁଖଭୋଗ ନିମିତ୍ତ ଚେଷ୍ଟାକରେ । ସାଂସାରିକ ସୁଖ ଆପାତ ସୁଖକର ହେଲେ ମଧ୍ୟ ତାହା ଦୁଃଖ ଅର୍ଜିତ ଓ ବାସ୍ତବ ସୁଖରେ ପ୍ରୟୋଜନ ନ ହୋଇ ପ୍ରାଣିକୁ ମୃତ୍ୟୁ ପଥରେ ଘେନିଯାଏ । ପୁତ୍ର, କଳତ୍ର, ଧନ ଓ ଦାସଦାସୀ, ଏ ସମସ୍ତ ବିଦ୍ୟୁତ ସଦୃଶ କ୍ଷଣସ୍ଥାୟୀ । ପ୍ରାଣୀ ନିଜର ଅଜ୍ଞତା ହେତୁ ଏହାଙ୍କ ସ୍ନେହରେ ବାନ୍ଧିହୋଇ ନାନା କଷ୍ଟରେ ଏମାନଙ୍କୁ ପ୍ରତିପୋଷଣ କରେ । ସମୟେ ସମୟେ ଏମାନଙ୍କ ମଧ୍ୟରୁ କେହି ଦାରୁଣ ଶୋକ, ସନ୍ତୋଷ ଦେଇ ନିଜ ପଥରେ ବାହୁଡି ଯାଆନ୍ତି,ଏହିପରି ଭାବେ ଇହ ଓ ପରକାଳ ନାଶ ହୁଏ । ମାତ୍ର ଯେଉଁମାନେ ଏହାକୁ ଉପଲବ୍ଧି କରି ଗୃହସ୍ଥାଶ୍ରମରେ ରହି ମଧ୍ୟ ସତର୍କ ଥାଇ ନିର୍ଲିପ୍ତ ଭାବ ପୋଷଣ କରି ପୁଣ୍ୟ ସଞ୍ଚୟ କରନ୍ତି ସେମାନେ ଦେହାନ୍ତେ ସ୍ୱର୍ଗଲାଭ କରନ୍ତି । ସଂସାରରେ ମିଳୁଥିବା ସୁଖ ଗତ ଜନ୍ମର ଏବଂ ତାହା କ୍ଷୀପ୍ର ଗତିରେ ନିଃଶେଷ ହୋଇ ଦୁଃଖରେ ପ୍ରାଣୀ ପଡିଥାଏ । ଏଣୁ ହିଂସା, କପଟ ତ୍ୟାଗ, ଜୀବ ପ୍ରତି ଦୟା ଭାବ, ସାଧୁସଙ୍ଗ, ବେଦ ବିହିତ ପୁଣ୍ୟକର୍ମ, କ୍ରୋଧ ଓ ଲୋଭ ବର୍ଜନ କରି, କର୍ମୋପାର୍ଜିତ ସମ୍ପତ୍ତିରେ ସନ୍ତୋଷ, ପାଷାଣ୍ଡ ସଙ୍ଗ ବର୍ଜନ, କୃଷ୍ଣ ମହିମା ଶ୍ରବଣ ଓ କୀର୍ତ୍ତନ କରିବା ସହ ଉତ୍ତମ ଗୁରୁ ଆଶ୍ରା କରି ଭଗବତ ଭକ୍ତିରେ ନିଜକୁ ସମର୍ପି ଦେଲେ ପ୍ରାଣୀ ହୃଦୟରେ ଶାନ୍ତି ଓ ଆନନ୍ଦ ଜାତ ହେବ । କୃଷ୍ଣନାମରେ ବିଭୋର ହେଲେ ସେ କେତେବେଳେ ରୋଦନ କରିବ ତ କେତେବେଳେ ହସିବ, ଏହିପରି ତା ହୃଦୟରୁ ସମସ୍ତ ଅବିଦ୍ୟା ନାଶ ଯାଇ ଶରୀର ହରିମନ୍ଦିର ସଦୃଶ ପବିତ୍ର ହେବ । ନିମି ପୁଣି ନାରାୟଣଙ୍କ ସ୍ୱରୂପ ଜିଜ୍ଞାସା କରିବାରୁ ମୁନି କହିଲେ, ଯିଏ ମାୟାରେ ସୃଷ୍ଟି ପାଳନ ଓ ସଂହାର କରନ୍ତି ତାଙ୍କର ସ୍ୱରୂପ କିଏ ବା କହିପାରିବ ? ସେ ନିଜ ଶରୀରରୁ କୋଟିବ୍ରହ୍ମାଣ୍ଡ ସର୍ଜନା କରନ୍ତି ତ ପୁଣି ସକଳ ଘଟରେ ବିଦ୍ୟାମାନ, ମାତ୍ର କାହା ସଙ୍ଗେ ସେ ମିଶନ୍ତି ନାହିଁ, ସେ ମନ ବଚନରେ ଅତୀତ, ଜ୍ଞାନବୁଦ୍ଧିର ଅଗମ୍ୟ, ଅନଳ ଦେହରି ଅଗ୍ନିଛିଟା ଛିଟିକି ପଡି ବିକ୍ଷିପ୍ତ ଭାବେ ଗତି କଲାପରି କୋଟି ବ୍ରହ୍ମାଣ୍ଡ ତାଙ୍କରିଠାରେ ଜାତ ହୋଇ ଶୂନ୍ୟରେ ଘୁରି ବୁଲୁଛି । କ୍ଷୟବୃଦ୍ଧି. ଆଧି ଉପାଧି, ଅଳ୍ପ-ବହୁତ ନଥିବା ସର୍ବତ୍ର ଓ ସର୍ବଦେହରେ ନିବାସ ପରମବ୍ରହ୍ମ ବିଭିନ୍ନ ରୂପ ଧରି ଖେଳୁଥାନ୍ତି । ତାଙ୍କୁ ସ୍ଥୁଳ ଦେହରେ ଦେଖିବା ସମ୍ଭବ ନୁହେଁ । ଏଣୁ ନିଜକୁ ତାଙ୍କ ନିକଟରେ ସମର୍ପଣ କରିଦେଲେ ସେ ଜୀବର ଦାୟିତ୍ୱ ଗ୍ରହଣ କରି ବିଷୟ ବିଷାଦ ହରଣ କରନ୍ତି । ଦର୍ପଣର ପ୍ରତିବିମ୍ୱ ପରି ତା ହୃଦୟରେ ପ୍ରକାଶିତ ହୋଇ ତାକୁ ହସାନ୍ତି, କନ୍ଦାନ୍ତି ଓ କ୍ରୀଡା କରନ୍ତି । ମାତ୍ର କେବେ ବି ତ୍ୟାଗ କରନ୍ତି ନାହିଁ । ନିମି ପୁଣି କର୍ମଯୋଗ ସମ୍ପର୍କରେ ଜାଣିବାକୁ ଚାହିଁବାରୁ ମୁନି କହିଲେ, ବେଦ ବା ଭଗବାନଙ୍କ ଶ୍ରୀମୁଖ ନିସୃତ ନିଗମ ମତରେ ଏହା ତିନିନି ପ୍ରକାର- କର୍ମ, ଅକର୍ମ ଓ ବିକର୍ମ । ବେଦର ମାର୍ଗ ବହୁ କଠିନ ଯାହା ବ୍ରହ୍ମା ଶଙ୍କରଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ବୋଧଗମ୍ୟ ନୁହେଁ । ରୁଗ୍ଣ ସନ୍ତାନକୁ ମଧୁର ବସ୍ତୁ ଦେଖାଇ ପିତାମାତା ତିକ୍ତ ଔଷଧି ଖୁଆଇ ଯେପରି ରୋଗମୁକ୍ତ କରାନ୍ତି ସେହିପରି ବେଦ ମନୁଷ୍ୟକୁ କର୍ମାନୁରକ୍ତ ରହିବା ପାଇଁ ନିଜର କର୍ମ ଫଳରେ ବିଶ୍ୱାସ କରାଏ । ମନୁଷ୍ୟ ଫଳପ୍ରାପ୍ତିର ଆଶାରେ କର୍ମରେ ପ୍ରବୃତ୍ତ ହୁଏ ଏବଂ ଫଳେଛା କାମନା ବା ଲୋଭରୁ ତାହାର ମତିଭ୍ରମ ଘଟାଇ ତାକୁ ଉଦଭ୍ରାନ୍ତ କରେ । ବେଦ ନିର୍ଦ୍ଦିଷ୍ଟ ଏହି ସକାମ ସାଧନାକୁ କର୍ମ କୁହାଯାଏ । ଯେଉଁମାନେ ନାନା ପ୍ରକାର ଧର୍ମର କଥାଶୁଣି ବେଦବାକ୍ୟ କରନ୍ତି ନାହିଁ, ମୂର୍ଖ ଓ ଧର୍ମାନ୍ଧ ବ୍ୟକ୍ତିର କଥାରେ ଚାଳିତ ହୋଇ ଧର୍ମ ନାମରେ ଯାବତୀୟ ଅଧର୍ମ କାର୍ଯ୍ୟରେ ଲିପ୍ତ ହୁଅନ୍ତି ସେମାନଙ୍କର ନର୍କଗତି ହୁଏ । ସେହି କାର୍ଯ୍ୟକୁ ଅକର୍ମ ବା କୁକର୍ମ କୁହାଯାଏ । ଯେଉଁମାନେ ବେଦ ବାକ୍ୟକୁ ନିନ୍ଦା ବା କଦର୍ଥ କରନ୍ତି ସେମାନେ ସର୍ବଦା ନୈରାଶ୍ୟ ଓ ଦୁଃଖରେ କାଳାତିପାତ କରନ୍ତି । କିନ୍ତୁ ଯେଉଁମାନେ ନିର୍ମଳ ଆନନ୍ଦ ଚିତ୍ତରେ ବେଦ ପ୍ରଦର୍ଶିତ ମାର୍ଗରେ କର୍ମ କରନ୍ତି ଅଥଚ ଫଳକୁ କୃଷ୍ଣଙ୍କ ପାଦରେ ସମର୍ପି ଦେଇ ଭକ୍ତିଭାବ ପୋଷଣ କରନ୍ତି ସେମାନେ ମହତ । ସେମାନେ ଇହକାଳରେ ଶାନ୍ତି ଓ ପରକାଳରେ ପରମପଦକୁ ପ୍ରାପ୍ତ ହୁଅନ୍ତି । ଏଣୁ ହେ ରାଜା, ଫଳେଛା ନରଖି ବେଦ ବିହିତ କର୍ମ କରିବା ଉଚିତ ଏବଂ ବିଷ୍ଣୁ ପଦାଶ୍ରୟୀ ହେବା ଉଚିତ । ଗୁରୁ ବଚନ ମତେ, ଦାରୁ, ପାଷାଣ, ଧାତୁ, ଲେପ ଲେଖ ଯେ କୌଣସି ମାଧ୍ୟମରେ ଆଗମ, ନିଗମ ପ୍ରଦର୍ଶିତ ଈଶ୍ୱର ପ୍ରତିରୂପ ନିର୍ମଳ ନଦୀକୂଳ ବା ଅନ୍ୟ ଯେ କୌଣସି ନିରୁପଦ୍ରବ ସ୍ଥାନରେ ସ୍ଥାପନ କରି ସେହି ମନୋହର ରୂପକୁ ଧ୍ୟାନ କରି ପବିତ୍ର ଆସନ ଗ୍ରହଣ ପୂର୍ବକ ବିଧିମତେ ପବନ ନିରୋଧି ଭୂତ ଶୁଦ୍ଧି ପୂର୍ବକ ପଞ୍ଚ ଶ ବର୍ଣ୍ଣରେ ଦେହନ୍ୟାସ କରି ବାମ ପାର୍ଶ୍ୱରେ ଗୁରୁ ଓ ଦକ୍ଷିଣରେ ଆଚାର୍ଯ୍ୟ ବସାଇ ମନ୍ତ୍ର ସହ ଅକ୍ଷତଦାନ ପୂର୍ବକ ଜଳ ଅର୍ଘ୍ୟଦ୍ୱାରା ପାର୍ଥିବ ବସ୍ତୁ ପ୍ରୋକ୍ଷଣ କରି ନୈବେଦ୍ୟ ପ୍ରଦାନ କରିବ । ମନ୍ତ୍ର ଉଚ୍ଚାରଣ ପୂର୍ବକ ହୃଦପଦ୍ମରେ କୃଷ୍ଣଙ୍କୁ ସ୍ଥାପନ କରି ନିତ୍ୟ ପୂଜା କରିବ । ପ୍ରତିମା ଅଭାବେ ସୂର୍ଯ୍ୟ, ଅନଳ, ଜଳ ବା ହୃଦୟରେ ବିଷ୍ଣୁଙ୍କୁ ଦୃଢ ଭକ୍ତି ସହିତ ପୂଜା କରିବ । କିଛି ନ ହେଲେ ଗୃହାଗତ ଅତିଥିକୁ ବିଷ୍ଣୁ ମନେକରି ପୂଜା କଲେ ମଧ୍ୟ ବିଷ୍ଣୁ ପୂଜାର ଫଳ ମିଳିବ ।

### ୪ର୍ଥ ଅଧ୍ୟାୟ, ଭଗବାନଙ୍କ ଅବତାର କଥନ

ରାଜା ପଚାରିଲେ, ହେ ବ୍ରହ୍ମନ ନିର୍ଗୁଣ ନିରଞ୍ଜନ ଭଗବାନ ବିଭିନ୍ନ ଅବତାରରେ ଧରଣୀ ତଳେ ଯେଉଁସବୁ ଲୀଳାମାନ କଲେ ତାହା ଅନୁଗ୍ରହ ପୂର୍ବକ ବର୍ଣ୍ଣନା କରନ୍ତୁ । ନବମୁନିଙ୍କ ମଧ୍ୟରୁ ଅନ୍ୟତମ ଦ୍ରବିଡ କହିଲେ, ହେ ରାଜା, ଶ୍ରୀକୃଷ୍ଣ ଚରିତର ଶେଷ ନାହିଁ । ମୃର୍ତ୍ତିକାକୁ ଚୂର୍ଣ୍ଣ କରି ସେଥିରେ ଥିବା କଣିକା ଗଣିବା ଅସମ୍ଭବ ଭଳି ଭଗବାନଙ୍କ ଚରିତ ବର୍ଣ୍ଣନା କରିବା ଅସମ୍ଭବ । ମନରେ ଅହଙ୍କାର ରଖି କେହି ତାଙ୍କୁ ସାମାନ୍ୟ ମଧ୍ୟ ଜାଣି ପାରିବନାହିଁ, କେବଳ ତାଙ୍କ ଅନୁଗ୍ରହ ହେଲେ କିଛି ଜାଣିବା ସମ୍ଭବ । ସେ ପଞ୍ଚଭୂତ ଦ୍ୱାରା ବ୍ରହ୍ମାଣ୍ଡ ରଚନା କରି ସର୍ବତ୍ର ପରିବ୍ୟାପ୍ତ ରହିଥାନ୍ତି । ରଜୋଗୁଣ ଧରି ବିଧାତା ରୂପରେ ସୃଷ୍ଟିକରି ଯଜ୍ଞପତି ଭାବରେ ପାଳନ ଏବଂ ଈଶ୍ୱର ରୂପରେ ତମୋଗୁଣ ଧରି ସଂହାର କରନ୍ତି । ପୂର୍ବେ ଦକ୍ଷପ୍ରଜାପତିଙ୍କ କନ୍ୟା ମୂର୍ତ୍ତିଙ୍କ ଗର୍ଭରୁ ଓ ଧର୍ମଦେବଙ୍କ ଔରସରୁ ସ୍ୱୟଂ ବିଷ୍ଣୁ ଅପୂର୍ବ ଋଷିକୁମାର ରୂପେ ଜନ୍ମହୋଇ ବଦରିକାଶ୍ରମରେ କଠୋର ତପସ୍ୟାରେ ମଗ୍ନ ରହିବାରୁ ଇନ୍ଦ୍ର ନିଜର ପଦଚ୍ୟୁତି ଭୟରେ ଋତୁରାଜ ବସନ୍ତ ସହିତ ଅପସାରାମାନଙ୍କୁ ପ୍ରେରଣ କଲେ, ଯେଉଁମାନେ କାମୋଦ୍ଦିପକ ଗୀତନୃତ୍ୟ ମାଧ୍ୟମରେ ଋଷିକୁମାରଙ୍କ ତପସ୍ୟା ଭଙ୍ଗ କରିବାକୁ ପ୍ରୟାସ କରି ବିଫଳ ହେଲେ । କାମଦେବ ମଧ୍ୟ ଇନ୍ଦ୍ରଙ୍କ ପ୍ରରୋଚନାରେ ପଞ୍ଚସର ପ୍ରୟୋଗ କରି ସୁଫଳ ନପାଇବାରୁ ଇନ୍ଦ୍ରଙ୍କ ଅନୁଚରଗଣ ଭୟଭୀତ ହୋଇପଡିଲେ । ଭଗବାନ ଜାଣିପାରିଲେ ଯେ ଇନ୍ଦ୍ର ପଦଭୟରେ ଏପରି କରୁଛି ତେଣୁ ସେ ମୃଦୁହସି ଅନୁଚରଗଣଙ୍କୁ କହିଲେ ତୁମର ପ୍ରଭୁକୁ କହିଦେବ ସିଏ ଯେଉଁ ଆଶଙ୍କା କରୁଛନ୍ତି ତାହା ନିରର୍ଥକ । ମୋ ତପ କିମ୍ୱା ଭଙ୍ଗ ଦ୍ୱାରା ତାଙ୍କର କୌଣସି ଲାଭକ୍ଷତି ହେବନାହିଁ । ବିଷ୍ଣୁରୂପୀ ମୁନିକୁମାରଙ୍କୁ ଚିହ୍ନିପାରି ଅନୁଚରମାନେ ଅନୁତପ୍ତ ହେଲେ ଏବଂ ପ୍ରଣିପାତ କରି କ୍ଷମାମାଗି ସ୍ତୁତି କଲେ । ସେମାନଙ୍କର ସ୍ତୁତି ମଧ୍ୟରେ ହଠାତ୍ ବିଷ୍ଣୁମାୟାରେ ଅନେକ ନାରୀ ସେମାନଙ୍କର ଅତୁଳ ରୂପବିଭବ ପ୍ରକାଶ କରି ସେଠାରେ ଆବିର୍ଭୂତ ହୋଇ ବିଷ୍ଣୁସେବାରେ ବ୍ରତୀ ହେଲେ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରିଙ୍ଗ

# ଥରେ ତାଙ୍କ ହୃଦୟକୁ ବୁଝ



ଶ୍ୱେତା ରାଉତ୍

ମଣିଷ ଜୀବନରେ ଯଦି କୌଣସି ସମ୍ପର୍କ ନିଃସ୍ୱାର୍ଥ, ନିର୍ମଳ ଓ ପବିତ୍ର ହୋଇଥାଏ, ତେବେ ସେହି ସମ୍ପର୍କ ହେଉଛି ବାପା-ମାଆ ଓ ସନ୍ତାନର ସମ୍ପର୍କ। ପୃଥିବୀରେ ଏମିତି କେହି ନାହାନ୍ତି, ଯିଏ ନିଜ ସନ୍ତାନର ସୁଖ, ସଫଳତା ଓ ଭବିଷ୍ୟତ ପାଇଁ ବାପା-ମାଆଙ୍କ ପରି ନିଃସ୍ୱାର୍ଥ ଭାବରେ ଚିନ୍ତା କରିଥାନ୍ତି। ସନ୍ତାନ ଜନ୍ମ ହେବା ଦିନଠାରୁ ସେମାନଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ପିଲାଙ୍କୁ କେନ୍ଦ୍ର କରି ଅତିବାହିତ ହୋଇଥାଏ। ନିଜର ଇଚ୍ଛା, ଆଶା ଓ ସ୍ୱପ୍ନକୁ ପଛକୁ ଠେଲି ଦେଇ ସେମାନେ ସନ୍ତାନର ଭବିଷ୍ୟତ ଗଢ଼ିବାରେ ବ୍ୟସ୍ତ ରୁହନ୍ତି। ଗୋଟିଏ ମାଆ ଦଶ ମାସ ଦଶ ଦିନ ଗର୍ଭରେ ସନ୍ତାନକୁ ଧାରଣ କରି ଅସହ୍ୟ କଷ୍ଟ ସହିଥାଏ। ସନ୍ତାନ ଜନ୍ମ ପରେ ରାତିର ନିଦ, ଦିନର ବିଶ୍ରାମ ସବୁକିଛି ତ୍ୟାଗ କରି ସେ ତାହାର ଲାଳନ-ପାଳନରେ ଲାଗି ପଡ଼େ। ଅନ୍ୟପଟେ ବାପା ଘରର ଦାୟିତ୍ୱ ବହନ କରିବା ପାଇଁ ନିଜର ସୁଖ-ସୁବିଧାକୁ ଭୁଲି ଯାଇ ପରିଶ୍ରମ କରିଥାନ୍ତି। କେତେ ଅଭାବ, ଅସୁବିଧା ଓ ସମସ୍ୟା ଭିତରେ ସେ ନିଜକୁ ଜଳାଇ ସନ୍ତାନର ଭବିଷ୍ୟତକୁ ଆଲୋକିତ କରିବାକୁ ଚେଷ୍ଟା କରିଥାନ୍ତି।

ବାପା-ମାଆ ନିଜ ପାଇଁ ନୂଆ ପୋଷାକ କିଣନ୍ତି ନାହିଁ, କିନ୍ତୁ ସନ୍ତାନର ଆବଶ୍ୟକତା ପୂରଣ କରନ୍ତି। ନିଜେ ଭଲ ଖାଦ୍ୟ ନଖାଇ ସନ୍ତାନ ପାଇଁ ସଞ୍ଚୟ କରନ୍ତି। ଦିନରାତି ପରିଶ୍ରମ କରି ପିଲାମାନଙ୍କୁ ଭଲ ଶିକ୍ଷା ଦିଅନ୍ତି, ଯେପରି ସେମାନେ ଭବିଷ୍ୟତରେ ସମାଜରେ ମୁଣ୍ଡ ଉଠାଇ ଚାଲିପାରିବେ। ସନ୍ତାନର ଆଖିରେ ଲୁହ ଦେଖିଲେ ସେମାନଙ୍କ ହୃଦୟ କାନ୍ଦି ଉଠେ, ଆଉ ସନ୍ତାନର ହସ ଦେଖିଲେ ସେମାନଙ୍କ ସମସ୍ତ ଦୁଃଖ ଦୂର ହୋଇଯାଏ। କିନ୍ତୁ ଆଜିର ସମାଜରେ ଏକ ଚିନ୍ତାଜନକ ଚିତ୍ର ଦେଖିବାକୁ ମିଳୁଛି। ଅନେକ ପିଲା କୁସଙ୍ଗରେ ପଡ଼ି ନିଶା, ଅପରାଧ ଓ ଅନୈତିକ କାର୍ଯ୍ୟରେ ଜଡ଼ିତ ହେଉଛନ୍ତି। ମଦ, ଗଞ୍ଜେଇ, ଡ୍ରଗ୍ସ ଭଳି ନିଶାଦ୍ରବ୍ୟ ସେମାନଙ୍କ ଜୀବନକୁ ଅନ୍ଧକାର ଦିଗକୁ ଟାଣି ନେଉଛି। ସେମାନେ ଭୁଲି ଯାଉଛନ୍ତି ଯେ, ଯେଉଁ ଟଙ୍କାରେ ସେମାନେ ନିଶା କରୁଛନ୍ତି, ସେହି ଟଙ୍କା ବାପା-ମାଆଙ୍କ ରକ୍ତ ଓ ଝାଳର ମୂଲ୍ୟ। ଯେଉଁ ହାତ ସେମାନଙ୍କୁ ସ୍ନେହ ଦେଇ ବଡ଼ କରିଛି, ସେହି ହାତକୁ ସେମାନେ ଅବହେଳା କରୁଛନ୍ତି ।ଥରେ ଭାବନ୍ତୁ, ଯେତେବେଳେ ଜଣେ ବାପା ନିଜ ସନ୍ତାନକୁ ନିଶାଗ୍ରସ୍ତ ଅବସ୍ଥାରେ ଦେଖନ୍ତି, ତାଙ୍କ ହୃଦୟରେ କେତେ ବେଦନା ସୃଷ୍ଟି ହୁଏ ? ଯେଉଁ ପୁଅ କିମ୍ବା ଝିଅ ପାଇଁ ସେ ସାରା ଜୀବନ ସଂଘର୍ଷ କରିଛନ୍ତି, ସେହି ସନ୍ତାନ ଯେତେବେଳେ ଭୁଲ୍ ରାସ୍ତାରେ ଚାଲିଯାଏ, ସେତେବେଳେ ତାଙ୍କ ସବୁ ସ୍ୱପ୍ନ ଭାଙ୍ଗିଯାଏ। ମାଆର ଆଖିର ଲୁହ ଓ ବାପାର ନିରବ ବେଦନାକୁ କୌଣସି ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ।

ପିଲାମାନେ ବୁଝିବା ଉଚିତ ଯେ,ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଚାର ନୁହେଁ। ଭଲ ସଙ୍ଗତି ମଣିଷକୁ ଉନ୍ନତି ପଥରେ ନେଇଥାଏ, ଆଉ ଖରାପ ସଙ୍ଗତି ତାକୁ ଧ୍ୱଂସ ଦ୍ୱାରରେ ପହଞ୍ଚାଇ ଦିଏ। ଜୀବନରେ ସଫଳ ହେବାକୁ ହେଲେ ବାପା-ମାଆଙ୍କ ଆଶୀର୍ବାଦ, ପରିଶ୍ରମ ଓ ତ୍ୟାଗର ମୂଲ୍ୟ ବୁଝିବାକୁ ପଡ଼ିବ। ସେମାନଙ୍କ ସ୍ୱପ୍ନକୁ ଭାଙ୍ଗି ଦେବା ନୁହେଁ, ବରଂ ସାକାର କରିବା ହେଉଛି ପ୍ରତ୍ୟେକ ସନ୍ତାନର କର୍ତ୍ତବ୍ୟ।

ଆମେ ଅନେକ ସମୟରେ ବାପା-ମାଆଙ୍କ କଠୋର କଥାକୁ ଭୁଲ୍ ବୁଝିଥାଉ। କିନ୍ତୁ ସେହି କଠୋରତା ପଛରେ ଲୁଚି ରହିଥାଏ ଅସୀମ ସ୍ନେହ ଓ ଚିନ୍ତା। ସେମାନେ ଚାହାଁନ୍ତି ନାହିଁ ତାଙ୍କ ସନ୍ତାନ ଭୁଲ୍ ରାସ୍ତାରେ ଯାଉ। ସେଥିପାଇଁ ସମୟ ସମୟରେ ସତର୍କ କରନ୍ତି, ବୁଝାନ୍ତି ଓ ମାର୍ଗଦର୍ଶନ କରନ୍ତି। ଯଦି ଆମେ ଟିକେ ସେମାନଙ୍କ ହୃଦୟକୁ ବୁଝିପାରିବା, ତେବେ ସେମାନଙ୍କ ପ୍ରତ୍ୟେକ କଥାରେ ଥିବା ଭଲପାଇବାକୁ ଅନୁଭବ କରିପାରିବା।

ପିଲାମାନେ ଥରେ ବାପା ମାଆଙ୍କ ହୃଦୟକୁ ବୁଝନ୍ତୁ। କେତେ ଆଶା, ଆକାଂକ୍ଷା,ସ୍ୱପ୍ନ ସେମାନଙ୍କ ଆଖିରେ ରହିଛି ନିଜ ପିଲାର ଉଜ୍ଜଳ ଭବିଷ୍ୟତକୁ ନେଇ ସେ ଆଶାର ଆଲୋକକୁ ନିଶାର ଧୂଆଁରେ ନଉଡ଼ାଇ ଅନ୍ତତଃ ଜୀବନ ଦେଇଥିବା ବାପା ମାଆଙ୍କ ଉପରେ ଦୟା କରନ୍ତୁ। ପୃଥିବୀରେ ସବୁକିଛିର ବିକଳ୍ପ ମିଳିପାରେ, କିନ୍ତୁ ବାପା-ମାଆଙ୍କ ନିଃସ୍ୱାର୍ଥ ସ୍ନେହ ଓ ତ୍ୟାଗର କୌଣସି ବିକଳ୍ପ ନାହିଁ। ପିଲାମାନଙ୍କୁ ଶିକ୍ଷାଗତ ଯୋଗ୍ୟତା ଦେବା ସହିତ ମାନବିକତାର ଶିକ୍ଷା ଦେବା ବର୍ତ୍ତମାନ ଜରୁରୀ ହୋଇପଡିଛି।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ସ୍ଲିପ୍ ପାରାଲିସିସ୍ କ'ଣ ? କାହିଁକି ନିଦ ଭାଙ୍ଗିଲା ପରେ ମଧ୍ୟ ହଲିପାରେନି ଶରୀର ?

ଅନେକ ଲୋକ ଜୀବନରେ ଥରେ ନା ଥରେ ଏପରି ଅନୁଭବ ନିଶ୍ଚୟ କରିଥିବେ। ହଠାତ ମଧ୍ୟ ରାତ୍ରରେ ଆଖି ଖୋଲିଯାଏ, ଚାରିପାଖ ସବୁ ଦେଖାଯାଏ ହେଲେ ଯେତେ ଚେଷ୍ଟା କଲେ ମଧ୍ୟ ଶରୀରକୁ ହଲାଇବା ସମ୍ଭବ ହୋଇପାରେନି । ଚିତ୍କାର କରି କାହାକୁ ଡାକିବାକୁ ଚାହିଲେ ମଧ୍ୟ ପାଟିରୁ କଥା ବାହାରେନି,ଏହାକୁ କୁହାଯାଏ ସ୍ଲିପ୍ ପାରାଲିସିସ ..



*ସ୍ଲିପ ପାରାଲିସିସ କ'ଣ ?*

ସ୍ଲିପ ପାରାଲିସିସ କୌଣସି ଭୁତପ୍ରେତ ଜନିତ କିମ୍ୱା ଅଲୌକିକ ଘଟଣା ନୁହେଁ । ଏହା ନିଦ୍ରା ସହିତ ଜଡ଼ିତ ଏକ ଗଭୀର ସମସ୍ୟା । ରାତି ଅଧରେ ଆମର ଯେତେବେଳେ ହଠାତ ନିଦ ଭାଙ୍ଗିଯାଏ ସେତେବେଳେ ଆମ ଶରୀରର ମାଂସପେଶୀ ଶିଥିଳ ଅବସ୍ଥାରେ ରହିଥାଏ । ତେଣୁ ଶରୀରକୁ ଜାଗ୍ରତ ହେବାକୁ କିଛି ସମୟ ଲାଗିଥାଏ ହେଲେ ମସ୍ତିଷ୍କ ବହୁତ ଶୀଘ୍ର ସଜାଗ ହୋଇଯାଏ । ସେହି କାରଣରୁ ନିଦ ଭାଙ୍ଗିବା ପରେ ମଧ୍ୟ ନିଜ ଶରୀରକୁ ଜାଗ୍ରତ ହେବାକୁ କିଛି ସେକେଣ୍ଡ ବା ମିନିଟ ଲାଗିଥାଏ ।

*ଏହା କାହିଁକି ହୁଏ ?*

ଡାକ୍ତରମାନେ ଏହି ସମସ୍ୟାକୁ ସାଧାରଣ ବୋଲି କହିଥିବା ବେଳେ ନିଦ୍ରାରେ ଅନିୟମିତତା, ଚିନ୍ତା, ଅତ୍ୟଧିକ କ୍ଳାନ୍ତି ଏବଂ ଥକ୍କାପଣ ଏହାର କାରଣ ବୋଲି କହିଛନ୍ତି । କିଛି ଲୋକ ଏହି ସମୟରେ ଛାତି ଉପରେ ଭାରି ଭାରି ଅନୁଭବ କରିଥାନ୍ତି ବା ଘରେ କେହି ଥିଲା ଭଳି ଅନୁଭବ କରିଥାନ୍ତି ଯାହା ସେମାନଙ୍କୁ ଭୟଭୀତ କରିଥାଏ ।

*ଏହାର ଲକ୍ଷଣ କ'ଣ ?*

ଏହାର ସାଧାରଣ ଲକ୍ଷଣ ମୁଖ୍ୟତଃ ନିଦ ଭାଙ୍ଗିଲା ପରେ ଆଖି ଖୋଲାଥିଲେ ମଧ୍ୟ ଶରୀରକୁ ହଲାଇବାରେ ଅସୁବିଧା ହେବା, କଥା କହିବାକୁ ଚେଷ୍ଟା କଲେ ମଧ୍ୟ ପାଟି ନ ଖୋଲିବା, ଛାତି ଉପରେ ଭାରି ଭାରି ଅନୁଭବ କରିବା ଏବଂ ରୁମ ଭିତରେ କେହି ଥିଲା ଭଳି ଲାଗିବା ଆଦି ହୋଇଥାଏ ।

*ଏହାକୁ କିପରି ଦୂର କରିବେ ?*

ତେବେ ଚିନ୍ତାର କୌଣସି କାରଣ ନାହିଁ କେତେକ କ୍ଷେତ୍ରରେ ଏହା କିଛି ସେକେଣ୍ଡରେ ଠିକ ହୋଇଯାଏ । ତେବେ ଏହି ସମସ୍ୟାକୁ କମାଇବା ପାଇଁ ୭ ରୁ ୮ ଘଣ୍ଟା ପର୍ଯ୍ୟାପ୍ତ ପରିମାଣର ନିଦ୍ରା ସହ ନିୟମିତ ସଠିକ ସମୟରେ ଶୋଇବା, ମାନସିକ ଚାପ କମାଇବା ମଧ୍ୟ ଆବଶ୍ୟକ । ତେବେ ଅତ୍ୟଧିକ ସମୟ ଧରି ଫୋନର ବ୍ୟବହାର ମଧ୍ୟ କମାଇବା ଆବଶ୍ୟକ । ଯଦି ଏହି ସମସ୍ୟା ଅତ୍ୟଧିକ ଭାବରେ ଦେଖା ଦେଉଛି ତାହାଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।

# ଜାତିସଂଘ ରିପୋର୍ଟ ଦେଲା ପ୍ରମାଣ, ଏବେ କାର୍ଯ୍ୟାନୁଷ୍ଠାନର ସମୟ

ଗାଜାରେ ବର୍ତ୍ତମାନ ଯାହା ଘଟୁଛି, ତାହାକୁ କୌଣସି ଦୃଷ୍ଟିକୋଣରୁ ଏକ ସାଧାରଣ ଯୁଦ୍ଧ କୁହାଯାଇପାରିବ ନାହିଁ, ବରଂ ଏହା ଏକ ପ୍ରକାରର ସୁଚିନ୍ତିତ ଗଣହତ୍ୟା ବା ଜେନୋସାଇଡ୍ ଅଟେ । ଆରମ୍ଭରୁ ଏହି ସଂଘର୍ଷକୁ ଆତ୍ମରକ୍ଷାର ଆଖ୍ୟା ଦିଆଯାଉଥିଲେ ମଧ୍ୟ, ବର୍ତ୍ତମାନର ସ୍ଥିତି ପ୍ରମାଣ କରୁଛି ଯେ ଏହା ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସମ୍ପୂର୍ଣ୍ଣ ବିନାଶ ପାଇଁ ଉଦ୍ଦିଷ୍ଟ ଏକ ଅଭିଯାନ । ଗୋଟିଏ ସମ୍ପ୍ରଦାୟର ଭବିଷ୍ୟତକୁ ସମୂଳେ ନାଶ କରିବା ପାଇଁ ଶିଶୁମାନଙ୍କୁ ଯେପରି ଟାର୍ଗେଟ କରାଯାଉଛି, ତାହା ସମଗ୍ର ମାନବ ସଭ୍ୟତା ପାଇଁ ଏକ କଳଙ୍କ । ନିକଟରେ ମିଳିତ ଜାତିସଂଘର ଏକ ସ୍ୱାଧୀନ ତଦନ୍ତ ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟ ଏହି ଭୟାନକ ସତ୍ୟକୁ ପଦାରେ ପକାଇଛି । ଶ୍ରୀନିବାସନ ମୁରଲୀଧରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଆୟୋଗ ସ୍ପଷ୍ଟ ଭାବରେ ଦର୍ଶାଇଛି ଯେ ଇସ୍ରାଏଲୀ ସୁରକ୍ଷା ବାହିନୀ ଗାଜାରେ ପାଲେଷ୍ଟାଇନ ଶିଶୁମାନଙ୍କୁ ଜାଣିଶୁଣି ଲକ୍ଷ୍ୟ କରି ହତ୍ୟା କରୁଛି । ଏହି ରିପୋର୍ଟର ଶୀର୍ଷକ ରହିଛି 'ପିଲାଦିନର ମୂଳତତ୍ତ୍ୱ ନଷ୍ଟ ହୋଇଯାଇଛି' ବା 'ଦି ଏସେନ୍ସ ଅଫ୍ ଚାଇଲ୍ଡହୁଡ୍ ହାଜ୍ ବିନ୍ ଡେଷ୍ଟ୍ରଏଡ୍', ଯାହାକି ସେଠାକାର ବାସ୍ତବ ସ୍ଥିତିର ଏକ ଜୀବନ୍ତ ତଥା ହୃଦୟବିଦାରକ ଚିତ୍ର ପ୍ରଦାନ କରେ । ଯୁଦ୍ଧର ନିୟମ ଏବଂ ଆନ୍ତର୍ଜାତୀୟ ମାନବୀୟ ଆଇନ ଅନୁଯାୟୀ ସାଧାରଣ ନାଗରିକ ଏବଂ ବିଶେଷ କରି ଶିଶୁମାନଙ୍କୁ ସର୍ବଦା ସୁରକ୍ଷା ପ୍ରଦାନ କରାଯିବା ଉଚିତ୍, କିନ୍ତୁ ଗାଜା କ୍ଷେତ୍ରରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଇ ଏକ ସମ୍ପ୍ରଦାୟର ମୂଳୋତ୍ପାଟନ ପାଇଁ ଅଭିଯାନ ଚାଲିଛି । ଏଣୁ ବିଶ୍ୱବ୍ୟାପୀ ବୁଦ୍ଧିଜୀବୀ ଏବଂ ମାନବିକ ଅଧିକାର କର୍ମୀମାନେ ଏକମତ ଯେ ଗାଜାରେ ଚାଲିଥିବା ରକ୍ତପାତ କେବଳ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ନୁହେଁ, ବରଂ ଏହା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ବିନାଶ ପାଇଁ ଉଦ୍ଦିଷ୍ଟ ଏକ ଅମାନବୀୟ ଗଣହତ୍ୟା ।

ମିଳିତ ଜାତିସଂଘର ଏହି ୯୪ ପୃଷ୍ଠା ସମ୍ବଳିତ ବିସ୍ତୃତ ରିପୋର୍ଟରେ ଅକ୍ଟୋବର ୭, ୨୦୨୩ ଠାରୁ ଆରମ୍ଭ କରି ମାର୍ଚ୍ଚ ୩୧, ୨୦୨୬ ପର୍ଯ୍ୟନ୍ତ ହୋଇଥିବା ଧ୍ୱଂସଲୀଳାର ତଥ୍ୟଭିତ୍ତିକ ବିଶ୍ଳେଷଣ କରାଯାଇଛି । ପରିସଂଖ୍ୟାନ ଅନୁଯାୟୀ, ଏହି ସମୟ ମଧ୍ୟରେ ଗାଜାରେ ଅତି କମରେ ୨୦,୧୭୯ ଜଣ ଶିଶୁ ନିହତ ହୋଇଥିବା ବେଳେ ୪୪,୧୪୩ ରୁ ଅଧିକ ଶିଶୁ ଗୁରୁତର ଭାବରେ ଆହତ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୭୦,୦୦୦ରୁ ଊର୍ଦ୍ଧ୍ୱ ମୃତକଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ କେବଳ ଶିଶୁ ଅଟନ୍ତି, ଯାହାକି ପୂର୍ବରୁ ହୋଇଥିବା କୌଣସି ବି ଯୁଦ୍ଧ ତୁଳନାରେ ଯଥେଷ୍ଟ ଅଧିକ, । ସବୁଠାରୁ ହୃଦୟବିଦାରକ ତଥ୍ୟ ହେଉଛି ଯେ, ନିହତ ହୋଇଥିବା ଶିଶୁମାନଙ୍କ ମଧ୍ୟରୁ ୫,୦୩୧ ଜଣଙ୍କ ବୟସ ପାଞ୍ଚ ବର୍ଷରୁ କମ୍ ଥିଲା, ଯେଉଁଥିରେ ୧,୦୦୦ ରୁ ଅଧିକ ଶିଶୁ ଏବଂ ପ୍ରାୟ ୪୨୦ ଜଣ ନବଜାତ ଶିଶୁ ସାମିଲ ଅଛନ୍ତି । ଆୟୋଗ ନିଜର ଅନୁସନ୍ଧାନରେ ଏକ ସ୍ପଷ୍ଟ ଢାଞ୍ଚା ପାଇଛନ୍ତି ଯେଉଁଥିରେ ସ୍ନାଇପର ଫାୟାର, ଡ୍ରୋନ ଆକ୍ରମଣ ଏବଂ ଅନ୍ୟାନ୍ୟ ଭାରୀ ଅସ୍ତ୍ରଶସ୍ତ୍ର ମାଧ୍ୟମରେ ଶିଶୁମାନଙ୍କୁ ସିଧାସଳଖ ଟାର୍ଗେଟ କରାଯାଇଛି । ଏହି ତଥ୍ୟ କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ଏହା ଏକ ସୁଚିନ୍ତିତ ଷଡଯନ୍ତ୍ରର ଜ୍ୱଳନ୍ତ ପ୍ରମାଣ। ହଜାର ହଜାର ଶିଶୁ ଏବେ ବି ଧ୍ୱଂସସ୍ତୂପ ତଳେ ପୋତି ହୋଇ ରହିଥିବାର ଆଶଙ୍କା କରାଯାଉଛି, ତେଣୁ ପ୍ରକୃତ ମୃତ୍ୟୁ ସଂଖ୍ୟା ସରକାରୀ ଆକଳନ ଠାରୁ ବହୁତ ଅଧିକ ହୋଇପାରେ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି । ଏହା ବ୍ୟତୀତ ଆହତ ଶିଶୁମାନଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବାରେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବରେ ବିଳମ୍ବ କରାଯାଉଛି, ଯାହା ଫଳରେ ସେମାନେ ଅକଥନୀୟ ଯନ୍ତ୍ରଣା ଭୋଗି ମୃତ୍ୟୁବରଣ କରୁଛନ୍ତି । ଏହି ସମସ୍ତ ତଥ୍ୟ ପ୍ରମାଣ କରୁଛି ଯେ ଏହା କେବଳ ଏକ ସାମରିକ ଅଭିଯାନ ନୁହେଁ, ବରଂ ଏକ ସମ୍ପ୍ରଦାୟର ଆଗାମୀ ପିଢ଼ିକୁ ନିଶ୍ଚିହ୍ନ କରିବାର ଏକ ସୁଚିନ୍ତିତ ପ୍ରୟାସ ।

ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଶ୍ଳେଷଣାତ୍ମକ ଦିଗଟି ହେଉଛି 'ଗଣହତ୍ୟାର ଉଦ୍ଦେଶ୍ୟ' ବା ଜେନୋସାଇଡାଲ ଇଣ୍ଟେଣ୍ଟ । ଆନ୍ତର୍ଜାତୀୟ ଆଇନ ବିଶେଷଜ୍ଞମାନଙ୍କ ମତରେ କୌଣସି ଏକ ଗୋଷ୍ଠୀକୁ ସମ୍ପୂର୍ଣ୍ଣ ବା ଆଂଶିକ ରୂପେ ନଷ୍ଟ କରିବାର ଲକ୍ଷ୍ୟ ରଖି କରାଯାଉଥିବା ଆକ୍ରମଣକୁ ୧୯୪୮ ମସିହାର ଜେନୋସାଇଡ୍ କନଭେନସନ୍ ଅଧୀନରେ ଗଣହତ୍ୟା କୁହାଯାଏ । ମିଳିତ ଜାତିସଂଘର ଆୟୋଗ ସ୍ପଷ୍ଟ କରିଛନ୍ତି ଯେ ପାଲେଷ୍ଟାଇନ ଶିଶୁମାନଙ୍କୁ ଟାର୍ଗେଟ କରିବା ହେଉଛି ଇସ୍ରାଏଲର ଗଣହତ୍ୟା ଉଦ୍ଦେଶ୍ୟ ପ୍ରମାଣିତ କରିବାର ମୁଖ୍ୟ ଆଧାର । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଶିଶୁମାନେ କେବଳ ଜନସଂଖ୍ୟାର ଏକ ସାଧାରଣ ଅଂଶ ନୁହଁନ୍ତି, ବରଂ ସେମାନେ ପାଲେଷ୍ଟାଇନ ଗୋଷ୍ଠୀର ଅସ୍ତିତ୍ୱ ଏବଂ ନିରନ୍ତରତା ପାଇଁ ଅତ୍ୟନ୍ତ ଜରୁରୀ ଅଟନ୍ତି । ଶିଶୁମାନଙ୍କୁ ହତ୍ୟା କରିବା ଅର୍ଥାତ୍ ଏକ ସମ୍ପ୍ରଦାୟର ଭବିଷ୍ୟତକୁ ଚିରଦିନ ପାଇଁ ସମାପ୍ତ କରିଦେବା । ଏହା ବ୍ୟତୀତ, ଇସ୍ରାଏଲ ଦ୍ୱାରା ଗାଜା ଉପରେ ଲଗାଯାଇଥିବା ସମ୍ପୂର୍ଣ୍ଣ ଅବରୋଧ ଏବଂ ସାଧାରଣ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଜୀବନ ରକ୍ଷାକାରୀ ଭିତ୍ତିଭୂମିର ବିନାଶ ଏକ ଭୟାବହ ପରିସ୍ଥିତି ସୃଷ୍ଟି କରିଛି । ଖାଦ୍ୟ, ପାନୀୟ ଜଳ ଏବଂ ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଯୋଗୁଁ ଶିଶୁମାନେ ଅନାହାର ଏବଂ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଛନ୍ତି । ପିତାମାତାଙ୍କୁ ହରାଇ ଅନାଥ ହୋଇଥିବା ଶିଶୁମାନଙ୍କର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବା, ବାରମ୍ବାର ବିସ୍ଥାପନର ଶିକାର ହେବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପତନ ଶିଶୁମାନଙ୍କର ଶାରୀରିକ ତଥା ମାନସିକ ବିକାଶକୁ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ କରିଛି । ଏହି ସମସ୍ତ କାର୍ଯ୍ୟକଳାପ ରୋମ୍ ଷ୍ଟାଟ୍ୟୁଟ୍ ଏବଂ ଜେନେଭା କନଭେନସନ୍ ଅଧୀନରେ ମାନବିକତା ବିରୋଧୀ ଅପରାଧ ଏବଂ ଯୁଦ୍ଧ ଅପରାଧ ଭାବରେ ପରିଗଣିତ ହୁଏ ।

ଆନ୍ତର୍ଜାତୀୟ ଅପରାଧିକ ଆଇନ ଅନୁଯାୟୀ, ଯୁଦ୍ଧ ସମୟରେ ନିରୀହ ନାଗରିକ ଏବଂ ବିଶେଷକରି ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପ୍ରତ୍ୟେକ ରାଷ୍ଟ୍ରର ଏକ ବାଧ୍ୟତାମୂଳକ କର୍ତ୍ତବ୍ୟ ଅଟେ । କିନ୍ତୁ ଗାଜା କ୍ଷେତ୍ରରେ ଇସ୍ରାଏଲ ନିଜର ଏହି ଦାୟିତ୍ୱ ପାଳନ କରିବାରେ କେବଳ ବିଫଳ ହୋଇନାହିଁ, ବରଂ ଉଦ୍ଦେଶ୍ୟମୂଳକ ଭାବରେ ଆଇନର ଉଲ୍ଲଂଘନ କରୁଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଅକ୍ଟୋବର ୨୦୨୫ ରେ ହୋଇଥିବା ଯୁଦ୍ଧବିରାମ ଚୁକ୍ତି ପରେ ମଧ୍ୟ ଶିଶୁମାନଙ୍କୁ ହତ୍ୟା ଏବଂ ଗୁରୁତର ଆହତ କରିବା ପ୍ରକ୍ରିୟା ବନ୍ଦ ହୋଇନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହା ସହିତ ଇସ୍ରାଏଲୀ ଜେଲ ଏବଂ ଅଟକ କେନ୍ଦ୍ରଗୁଡ଼ିକରେ ପାଲେଷ୍ଟାଇନ ନାବାଳକମାନଙ୍କୁ ବେଆଇନ ଭାବରେ ଗିରଫ କରିବା, ସେମାନଙ୍କୁ ନିର୍ଦ୍ଦୟ ନିର୍ଯ୍ୟାତନା ଦେବା ଏବଂ ଅନ୍ୟାନ୍ୟ ଅମାନବୀୟ ବ୍ୟବହାର ପ୍ରଦର୍ଶନ କରିବା ମଧ୍ୟ ଏହି ଯୁଦ୍ଧ ଅପରାଧର ଏକ ପ୍ରମୁଖ ଅଂଶବିଶେଷ ଅଟେ । ମିଳିତ ଜାତିସଂଘ ଆୟୋଗର ଅଧ୍ୟକ୍ଷ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଉପଲବ୍ଧ ପ୍ରମାଣଗୁଡ଼ିକ ନିଃସନ୍ଦେହରେ ସୂଚାଉଛି ଯେ ଏହା କୌଣସି ଦୁର୍ଘଟଣା ନୁହେଁ କିମ୍ବା ସାଧାରଣ ଯୁଦ୍ଧଜନିତ କ୍ଷତି ନୁହେଁ, ବରଂ ଏହା ଏକ ସୁଚିନ୍ତିତ ସାମରିକ ରଣନୀତି ଯାହାକି ସମ୍ପୂର୍ଣ୍ଣ ରୂପେ ବେଆଇନ ଏବଂ ଅମାନବୀୟ ଅଟେ । ଏଭଳି ପରିସ୍ଥିତିରେ ଆନ୍ତର୍ଜାତୀୟ ସମ୍ପ୍ରଦାୟର ନୀରବତା ଆହୁରି ଅଧିକ ଯନ୍ତ୍ରଣାଦାୟକ ମନେହୁଏ ।

ମିଳିତ ଜାତିସଂଘର ଏହି ଚାଞ୍ଚଲ୍ୟକର ଏବଂ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇବା ପରେ ଆନ୍ତର୍ଜାତୀୟ ସ୍ତରରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ତେବେ ଆଶା କରାଯାଉଥିବା ପରି, ଜେନେଭା ଠାରେ ଥିବା ଇସ୍ରାଏଲୀ ମିଶନ ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛି ଏବଂ ଏହାକୁ ଏକ ଅପମାନଜନକ ପ୍ରହସନ ବୋଲି ଆଖ୍ୟା ଦେଇଛି । ଇସ୍ରାଏଲର ପ୍ରମୁଖ ଯୁକ୍ତି ହେଉଛି ଯେ ହମାସ ଆତଙ୍କବାଦୀମାନେ ସାଧାରଣ ନାଗରିକ ଏବଂ ଶିଶୁମାନଙ୍କୁ ମାନବ ଢାଲ ଭାବରେ ବ୍ୟବହାର କରୁଛନ୍ତି, ତେଣୁ ଆତ୍ମରକ୍ଷା ତଥା ସାମରିକ କାର୍ଯ୍ୟାନୁଷ୍ଠାନ ବେଳେ ଏଭଳି କ୍ଷତି ଘଟୁଛି । କିନ୍ତୁ ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ ଏବଂ ହ୍ୟୁମାନ ରାଇଟସ୍ ୱାଚ୍ ଭଳି ପ୍ରମୁଖ ଆନ୍ତର୍ଜାତୀୟ ମାନବିକ ଅଧିକାର ସଂଗଠନଗୁଡ଼ିକ ଏହି ଯୁକ୍ତିକୁ ଗ୍ରହଣ କରିନାହାଁନ୍ତି । ସେମାନଙ୍କ ମତରେ, ଶତ୍ରୁ ପକ୍ଷର ଯେକୌଣସି ବେଆଇନ କାର୍ଯ୍ୟ ଗୋଟିଏ ସାର୍ବଭୌମ ରାଷ୍ଟ୍ରକୁ ଗଣହତ୍ୟା ଭଳି ଜଘନ୍ୟ ଅପରାଧ କରିବାର ଅଧିକାର ଦେଇପାରିବ ନାହିଁ । ଏହି ଗମ୍ଭୀର ପ୍ରସଙ୍ଗରେ ଆନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ବା ଆଇସିସି ମଧ୍ୟ ହସ୍ତକ୍ଷେପ କରିଛି ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ଯୁଦ୍ଧ ଅପରାଧ ପାଇଁ ଗିରଫ ପରୱାନା ପ୍ରସଙ୍ଗ ଉଠାଇଛି । ଏସବୁ ସତ୍ତ୍ୱେ ଆମେରିକା ଏବଂ ବ୍ରିଟେନ ଭଳି କେତେକ ପାଶ୍ଚାତ୍ୟ ଦେଶ ଇସ୍ରାଏଲକୁ ନିରନ୍ତର କୂଟନୈତିକ ଏବଂ ସାମରିକ ସମର୍ଥନ ଯୋଗାଇ ଦେଉଛନ୍ତି, ଯାହାକି ଆନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥାର ଦ୍ୱୈତ ନୀତିକୁ ପଦାରେ ପକାଉଛି ଏବଂ ମିଳିତ ଜାତିସଂଘ ଭଳି ସଂସ୍ଥାର ପ୍ରଭାବଶୀଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହି ପାଶ୍ଚାତ୍ୟ ଦେଶଗୁଡ଼ିକର ସମର୍ଥନ ବିନା ଇସ୍ରାଏଲ ପାଇଁ ଏତେ ଦୀର୍ଘ ସମୟ ଧରି ଏହି ଗଣହତ୍ୟା ଜାରି ରଖିବା ସମ୍ଭବପର ହୋଇନଥାନ୍ତା ।

ପରିଶେଷରେ, ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଗାଜାରେ ଚାଲିଥିବା ଏହି ଅବିରତ ରକ୍ତପାତ ଏକ ସାଧାରଣ ଯୁଦ୍ଧ ନୁହେଁ, ବରଂ ଏହା ଏକ ଯୋଜନାବଦ୍ଧ ଗଣହତ୍ୟା ଅଟେ । ମିଳିତ ଜାତିସଂଘର ଏହି ରିପୋର୍ଟ ବିଶ୍ୱ ସମୁଦାୟ ପାଇଁ ଏକ ସ୍ପଷ୍ଟ ଚେତାବନୀ ଯେ ଯଦି ଏବେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଆନ୍ତର୍ଜାତୀୟ ଆଇନ ଏବଂ ମାନବିକ ଅଧିକାରର କୌଣସି ମୂଲ୍ୟ ରହିବ ନାହିଁ । ଗୋଟିଏ ପିଢିର ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବା କୌଣସି ପରିସ୍ଥିତିରେ ଗ୍ରହଣୀୟ ହୋଇନପାରେ କିମ୍ବା ଏହାକୁ ଯୁଦ୍ଧର ବାଧ୍ୟତାମୂଳକ ପରିଣାମ ବୋଲି କହି ଏଡାଇ ଦିଆଯାଇପାରିବ ନାହିଁ । ଏହି ଗଣହତ୍ୟାକୁ ତୁରନ୍ତ ବନ୍ଦ କରିବା ପାଇଁ ଆନ୍ତର୍ଜାତୀୟ ସମ୍ପ୍ରଦାୟକୁ ନିଜର ନୈତିକ ଦାୟିତ୍ୱ ତୁଲାଇବାକୁ ପଡିବ ଏବଂ ଇସ୍ରାଏଲ ଉପରେ କଠୋର ଚାପ ପକାଇ ଏକ ସ୍ଥାୟୀ ସମାଧାନ ବାହାର କରିବାକୁ ହେବ । ଦୋଷୀମାନଙ୍କୁ ଆଇନର କାଠଗଡାକୁ ଆଣିବା ସହିତ ପୀଡିତ ପରିବାରଗୁଡିକୁ ନ୍ୟାୟ ପ୍ରଦାନ କରିବା ଏକାନ୍ତ ଆବଶ୍ୟକ । ଶିଶୁମାନେ ହେଉଛନ୍ତି ପୃଥିବୀର ଭବିଷ୍ୟତ ଏବଂ ସେମାନଙ୍କର ସୁରକ୍ଷା ବିନା କୌଣସି ସମାଜ ତିଷ୍ଠି ରହିପାରିବ ନାହିଁ । ଗାଜାରେ ଶିଶୁମାନଙ୍କର ଯେଉଁ ପିଲାଦିନ ନଷ୍ଟ କରାଯାଇଛି, ତାହାର ହିସାବ ଇତିହାସ ନିଶ୍ଚୟ ମାଗିବ ଏବଂ ସେତେବେଳେ ନୀରବ ଦର୍ଶକ ସାଜିଥିବା ପ୍ରତ୍ୟେକ ରାଷ୍ଟ୍ରକୁ ନିଜର ନିଷ୍କ୍ରିୟତା ପାଇଁ କଠୋର ଜବାବ ଦେବାକୁ ପଡିବ। ଏଣୁ ବିଶ୍ୱ ନେତୃବୃନ୍ଦ ଏବଂ ଆନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ତ୍ୟାଗ କରି ମାନବିକତାର ରକ୍ଷା ପାଇଁ ଏକଜୁଟ ହେବାର ପ୍ରକୃତ ସମୟ ଏବେ ଉପନୀତ ହୋଇଛି ।

ଧ୍ୱନି ପ୍ରତିଧ୍ୱନି

# କକ୍ରୋଜ ଜନତା ପାର୍ଟି



**କାଳୀ ଦାସ**

କକ୍ରୋଜ ଜନତା ପାର୍ଟିର ଲୋକପ୍ରିୟତା ଏବଂ ସଦସ୍ୟ ସଂଖ୍ୟା ଦିନକୁ ଦିନ ତୀବ୍ର ଗତିରେ ବଢିଚାଲିଛି। ଆମର ତଥା କଥିତ ମିଡିଆରେ କକ୍ରୋଜ ଜନତା ପାର୍ଟି ବିଷୟରେ ଅନେକ କିଛି କୁହାଯାଉ ନାହିଁ କିନ୍ତୁ ସୋସିଏଲ ମିଡିଆରେ କୋକ୍ରୋଜ ଜନତା ଦଳ ବିଷୟରେ ଅହରହ ଆଲୋଚନ ହେଉଛି। ଏହାର ଗଠନ ପଛରେ ଦେଶ ର ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତିଙ୍କ ଗୋଟିଏ ବକ୍ତବ୍ୟ ରହିଛି। ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ କିଛି ବେକାର ଯୁବକ ଯୁବତୀ କକ୍ରୋଜ୍ ପରି ଆର୍ଟିଆଇ କାର୍ଯ୍ୟକର୍ତ୍ତା ହୋଇ କିମ୍ବା ସୋସିଏଲ ମିଡିଆର କାର୍ଯ୍ୟକର୍ତ୍ତା ହୋଇ ଦେଶର ସିଷ୍ଟମ ଉପରେ ଆକ୍ରମଣ କରୁଛନ୍ତି।

ଚିଫ ଜଷ୍ଟିସଙ୍କ ଏହି ଟିପ୍ପଣୀକୁ ଆଧାର କରି ଜନ୍ମ ନେଇଛି କୋକ୍ରୋଜ୍ ଜନତା ଦଳ। ଏହି ଦଳର ଜନ୍ମ ପଛରେ ଆମ ଦେଶର ଯୁବକଙ୍କ ଅବଶୋଷ ଏବଂ କ୍ଷୋଭ ନିଶ୍ଚୟ ଦର୍ଶାଉଛି।

ପରବର୍ତ୍ତୀ କାଳରେ ଚିଫ ଜଷ୍ଟିସ ନିଜର ମନ୍ତବ୍ୟକୁ ଭୁଲଭାବରେ ମିଡିଆ ଦ୍ୱାରା ଉଦ୍ଧାର କରାଯାଇଛି ବୋଲି ମଧ୍ୟ କହିଛନ୍ତି।

ଆମ ଦେଶରେ ବେରୋଜଗାରୀ ସବୁଠାରୁ ଚରମ ଅବସ୍ଥାରେ କହିଲେ ଭୁଲ ହେବନି। ଯେଉଁ ଦେଶରେ ଯୁବକ ଶିକ୍ଷା ସମାପ୍ତ କରି ଘରେ ବସିଯାଏ ସେ ଦେଶର ଉନ୍ନତି ସମ୍ଭବ କିପରି ହେବ।

ଯୁବକ ଅବସ୍ଥା ରୋଜଗାର କରିବା ସହିତ ଦେଶ ଓ ସମାଜ ଗଠନ ପାଇଁ ଅବଦାନ ଦେବା କଥା। ଶିକ୍ଷିତ ଯୁବକ ଯଦି ପରଭକ୍ଷୀ ବା ପାରାଜାଇଟ ପରି ଅନ୍ୟ ଉପରେ ନିର୍ଭରଶୀଳ ହୋଇଗଲେ ତା ହେଲେ ସେ ଦେଶ ବା ସମାଜ ଆଗକୁ ବଢ଼ିବ କିପରି। ଶିକ୍ଷା ପ୍ରାପ୍ତ କଲାପରେ କାହିଁକି ଜଣେ ଯୁବକ ବା ଯୁବତୀ ରୋଜଗାର କ୍ଷମ ହୋଇପାରୁ ନାହାନ୍ତି ? ଆମ ଶିକ୍ଷା ପଦ୍ଧତିକୁ ପରିବର୍ତ୍ତନ କରି ଏମିତି ଶିକ୍ଷାର ପ୍ରଚଳନ କରାଯିବା କଥା ଯାହାଦ୍ୱାରା ଦେଶର ବେକାରୀ ସମସ୍ୟା ରହିବନାହିଁ। ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ ବ୍ରିଟିଶ ସରକାର ଭାରତରେ ଶିକ୍ଷା ଏପରି ଭାବରେ ପ୍ଲାନ୍ କରିଛି ଯାହାଦ୍ୱାରା ଭାରତୀୟ ଶିକ୍ଷିତ ଯୁବକମାନେ ବ୍ରିଟିଶ ସରକାରଙ୍କ କାଗଜପତ୍ରର କାମ ବା କ୍ଲରିକେଲ କାମ ସ୍ୱଳ୍ପ ଦରମା ନେଇ କରିବେ କିନ୍ତୁ ବର୍ତ୍ତମାନର ସରକାର ତ ଆମ ନିଜର ସରକାର । ଭାରତର ଯୁବ ପିଢ଼ି ଭାରତର ଆଗାମୀ ପିଢ଼ି କିପରି ଆଗକୁ ବଢ଼ିବେ ସେଥିପ୍ରତି ସରକାର ଚେଷ୍ଟାଶିଳ ହେବାକଥା।

ଆଜି ଭାରତରେ ଆଇନ ଶୃଙ୍ଖଳା ଜରାଜୀର୍ଣ୍ଣ, ବିଗତ କିଛି ଦିନ ତଳେ ନିଟ ପେପରର ଲିକ୍ ମାମଲା ସାମ୍ନାକୁ ଆସିଥିଲା।

ଦେଶର ତେଇଶ ଲକ୍ଷ ଛାତ୍ରଛାତ୍ରୀ ଏହି ପରୀକ୍ଷା ପାଇଁ ଫର୍ମ ଭରିଥିଲେ କିନ୍ତୁ ପରୀକ୍ଷା ପେପର ଲିକ୍ ହେବାର ଖବର ପରେ ଏହି ପରୀକ୍ଷାକୁ ରଦ୍ଦ କରାଗଲା।

ଦେଶର ଏନଟିଏ ବା ପରୀକ୍ଷା ଟେଷ୍ଟିଙ୍ଗ ଏଜେନସି ଏହି ପରୀକ୍ଷାର ଦାୟୀତ୍ୱ ନେଇଥିଲେ । ଏହି ପରୀକ୍ଷା ରଦ୍ଦ ହେଲାପରେ ଏନଟିଏ ଯୋଗ୍ୟତା ଓ ବିଶ୍ୱାସନୀୟତା ଉପରେ ପ୍ରଶ୍ନ ଚିହ୍ନ ଲାଗିଯାଇଛି। ନିଟ ପରୀକ୍ଷା ରଦ୍ଦ ହେବାପରେ ଏଥିପାଇଁ ପ୍ରସ୍ତୁତ କରିଥିବା ଛାତ୍ରଛାତ୍ରୀ ମାନେ ନିଶ୍ଚିତ ଭାବରେ ବିଶେଷ ଆଘାତ ପାଇଛନ୍ତି। କୁହାଯାଉଛି ଯେ ଏହି ଆଘାତକୁ ସହି ନପାରି ବାର ଜଣ ଛାତ୍ରଛାତ୍ରୀ ଆତ୍ମ ହତ୍ୟା କରିଛନ୍ତି।

ସିବିଏସି ପରୀକ୍ଷାର ଫଳରେ ମଧ ବ୍ୟତିକ୍ରମ ଦେଖାଯାଇଛି। ସିବିଏସିର ରିଭେଲ୍ୟୁଏସନ୍ ପୋର୍ଟାଲରେ ସିବିଏସି ଉତ୍ତର ଖାତାର ରିଭେଲ୍ୟୁଏସନ୍ କଲା ବେଳେ ଅନେକ ତ୍ରୁଟି ବିଚ୍ୟୁତି ଆଖିରେ ପଡୁଛି।

ଖାତା ଉପରେ ଥିବା ରୋଲ୍ ନମ୍ବର ସହିତ ଖାତା ଭିତରେ ଥିବା ଲେଖା ମିଶୁନି। ଜଣକ ରୋଲ୍ ନମ୍ବରରେ ଅନ୍ୟ ଜଣଙ୍କର ଆନସାରସିଟ ମିଳୁଛି।

ବର୍ତ୍ତମାନ ଦେଶର ଯୁବ ଶକ୍ତି ଦେଶରେ ଚାଲିଥିବା ଅସଜଡା କାର୍ଯ୍ୟ ଭିତରେ ନିଜର ଅନିଶ୍ଚିତ ଭବିଷ୍ୟତକୁ ନେଇ ବିଚଳିତ ଓ ବିବ୍ରତ।

ଏହି ଅନିଶ୍ଚିତତା ଭିତରେ କକ୍ରୋଜ ଜନତା ଦଳ ସେମାନଙ୍କ ପାଇଁ ନୂଆ ଆଶା ହୋଇ ଆସିଛି। କିନ୍ତୁ ଏହି ଜନ ଆନ୍ଦୋଳନକୁ ମଧ୍ୟ ଦମନ କରିବା ପାଇଁ କ୍ଷମତାଶିଳ ବ୍ୟକ୍ତିମାନେ ଲାଗିଛନ୍ତି । ନିଜର ଭୁଲ୍‌କୁ ଠିକ କରିବା ପାଇଁ ଯଦି କ୍ଷମତାଶିଳ ବ୍ୟକ୍ତି ମାନେ ତତ୍ପର ହୁଅନ୍ତେ ତାହେଲେ ତାହା ସମଗ୍ର ଦେଶ ଓ ସାଧାରଣ ଜନତାଙ୍କ ପାଇଁ ନିଶ୍ଚିତ ଭାବରେ ଉପକାର ହୁଅନ୍ତା। ଯୁବ ସମାଜ ଦେଖୁଛନ୍ତି ଦେଶର କଳଙ୍କିତ ରାଜନୀତିକୁ ଗୋଟିଏ ଦଳର ଆଦର୍ଶକୁ ନିଜର ଆଦର୍ଶ ବୋଲି ସ୍ୱୀକାର କରିଥିବା ରାଜନେତା କେମିତି ରାତା ରାତି ନିଜ ବିରୋଧୀ ଶିବିର ଭିତରେ ପଶି ଯାଉଛି ତାହା ଦେଶର ନାଗରିକଙ୍କୁ ଚକିତ କରୁଛି। ଅନ୍ୟ ରାଜନୈତିକ ଦଳକୁ ବର୍ଷ ବର୍ଷ ଧରି ସମାଲୋଚନା କରୁ ଥିବା ମଣିଷଟି କେମିତି ସେହି ଦଳ ଭିତରେ ପଶି ଯାଇ ନିଜକୁ ଧନ୍ୟ ମନେ କରୁଛି ତାହା ବିଚାର ଯୋଗ୍ୟ।ଜନତାଙ୍କୁ ଧୋକା ଦେଇ ଜନତାଙ୍କ ଭୋଟରେ ଆଡ଼ମ୍ବର ଜୀବନ ଯାପନ ଆଜିର ନେତାଙ୍କ କର୍ମ ପନ୍ଥା ହୋଇଗଲାଣି। ଏହିପରି ଏକ ପରିସ୍ଥିତିରେ ଯୁବ ପିଢ଼ିଙ୍କ ଭବିଷ୍ୟତ କିପରି ସୁରକ୍ଷିତ ରହିବ ? ଦେଶର ରାଜନେତା ପଇସା ଓ କ୍ଷମତା ପଛରେ ଦୋଡ଼ିବାର ଦୃଶ୍ୟ ନିଶ୍ଚିତ ଭାବରେ ଦୃଷ୍ଟି କଟୁ। ଯୁବ ପିଢ଼ିଙ୍କୁ ଆଦର୍ଶ ବିଷୟରେ କେଉଁଠୁ ପ୍ରେରଣା ମିଳିବ ?

+ବ୍ରହ୍ମପୁର,
ଖୋଡାସିଂଗି କଳିଙ୍ଗନଗର
ଗଞ୍ଜାମ,
ପିନ -୭୬୦୦୧୦
ମୋ: ୭୨୦୫୧୦୦୮୩୯

# ଉପଭୋଗ୍ୟ ଶବ୍ଦ ପ୍ରଦୂଷଣ ! !



**ଯୁଧିଷ୍ଠିର ମହାରଣା**

ଓଡ଼ିଶାର ଜନୈକ ପ୍ରସିଦ୍ଧ ଓ ଲୋକପ୍ରିୟ ନାଟ୍ୟ ଅଭିନେତାଙ୍କର ଡିଜେର ବିକଟାଳ ଶବ୍ଦରେ ହୃଦଘାତ ହୋଇ ଅକାଳରେ ପରଲୋକ ହୋଇଗଲା, ଏହା କିଛି ଦିନ ତଳର ଘଟଣା। ବାସ୍ତବ କଥା ହେଉଛି ସମାଜରେ ଶବ୍ଦ ପ୍ରଦୂଷଣର ଯେଉଁପରି କାୟା ବିସ୍ତାର ହୋଇଛି ଏହାକୁ ନେଇ ପ୍ରତିବାଦର ସ୍ୱର ଯେପରି ଅନେକଙ୍କ ଭିତରେ ହଜି ଯାଇଛି। ଆଇନ କାନୁନ ବ୍ୟବସ୍ଥା ଦେଖିଲେ ପୋଲିସର ପ୍ରଶାସନିକ ବ୍ୟବସ୍ଥାରେ ଶବ୍ଦର ସ୍ତର ଓ ଡିଜେ ଉପରେ କଟକଣା ଜାରି ରହିଛି। କିନ୍ତୁ କ୍ୱଚିତ କ୍ଷେତ୍ରରେ ଏହାର ସଫଳ ବ୍ୟବହାର ଦେଖାଦେଉଛି। ଅନେକ ସମୟରେ ଦେଖାଯାଏ ପୂଜା ମଣ୍ଡପ ବ୍ୟତୀତ ସପିଂ ମଲ, ମନ୍ଦିର, ହାଟ ଆଦି ସର୍ବସାଧାରଣ ସ୍ଥାନରେ ଛାଡ଼ି ଦୁଲୁକାଇବା ଭଳି ଡିଜେ ବାଜୁଥିଲେ ମଧ ଏଥିପ୍ରତି ସମସ୍ତେ ଦେଖି ନଦେଖିବା ଭଳି ଅଭିନୟ କରୁଥିଲେ। ଏହି କଟକଣା ଉଲ୍ଲଘଂନକାରୀଙ୍କ ମଧ୍ୟରୁ ଯଦି ଜଣକ ବିରୋଧରେ ମଧ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା ତେବେ ଶବ୍ଦ ରାକ୍ଷସର ଦୌରାତ୍ମ୍ୟକୁ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇପାରନ୍ତା। ଅନେକ ହୁଏତ ଏହା ମଧ କହିପାରନ୍ତି ଯେ, କିଛି ବର୍ଷ ତଳେ ଦେଶର ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ମହାନଗରରେ ବାଣଫୁଟା ଉପରେ ସଂପୂର୍ଣ୍ଣ କଟକଣା ଜାରି କରିଥିଲେ କିନ୍ତୁ କଟକଣାକୁ ଗ୍ରହଣ କରିବେ କ'ଣ ବରଂ ଦେଶର ସବୁ ରେକର୍ଡ଼ ଦିଲ୍ଲୀରେ ହିଁ ଭାଙ୍ଗିଥିଲା। ବଜାରକୁ କିପରି ଏ ବାଣ ଆସୁଛି ପ୍ରଶାସନ ଦେଖିବା ପ୍ରଥମ କାର୍ଯ୍ୟ କିନ୍ତୁ ଲୋକଦେଖାଣିଆ କଟକଣା ଧର୍ମକୁ ଆଖି ଠାର ମାରିଲା ପରି।

ବିବାହ ଉତ୍ସବରେ ସମାନ ଧାରା ଜାରି ରହିଛି, ଯାହା ଚଳିତ ବର୍ଷ ମଧ ଜାରି ରହିବା ସମ୍ଭାବନା ପ୍ରାୟତଃ ନିଶ୍ଚିତ। ଆକାଶକୁ ଥରାଇ ଦେବା ଭଳି ରକେଟ ବାଣର ଗୁରୁଗର୍ଜନ ଡିଜେର ବୁକୁଫଟା ଶବ୍ଦ ତରଙ୍ଗର କୁପ୍ରଭାବ ଯେତେ ସୁଦୂରପ୍ରସାରୀ ହେଲେ ହେଁ ଏସବୁ ପ୍ରତି ଆମେ ନିଜେ ସଚେତନ ନ ହେବା ଦ୍ୱାରା ଆମ ଅଲକ୍ଷ୍ୟରେ ନିଜର ଓ ଉତ୍ତରପିଢ଼ିର କ୍ଷତି ସାଧନ କରିଚାଲୁଛେ। ଗତ କିଛିବର୍ଷ ଧରି ଖୋଦ ବରଯାତ୍ରୀରେ ସାମିଲ ହୋଇଥିବା ଲୋକ ଏପରିକି ବରପିତା ଡିଜେର ଉତ୍କଟ ଶବ୍ଦରେ ପ୍ରାଣ ହରାଇଥିବା ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁଥିବାର ଖବରମାନ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହାସତ୍ତ୍ୱେ ବିନା ଡିଜେ ଓ ଉତ୍କଟ ଶବ୍ଦ ସୃଷ୍ଟିକାରୀ ବାଣ ବିନା ବରଯାତ୍ରୀ ଥାଟ ବାହାରି ପାରୁନାହିଁ କି ପୁଲିସ ପ୍ରଶାସନ କଠୋର ହେଉନାହିଁ।

ବର୍ତ୍ତମାନର ସମୟରେ ଡିଜେର ଛାତିଥରା ଘଟଣାଟିକୁ ଚିନ୍ତା କଲାବେଳକୁ ଏହା ଅନୁଭବ ହେଉଛି ଯେ ଆମ୍ଭେମାନେ ଜୀବନ ଶୈଳୀକୁ ଏବଂ ଆମର ସୁଖଦ କାର୍ଯ୍ୟକ୍ରମକୁ ଆଡ଼ମ୍ବରପୂର୍ଣ୍ଣ ଓ ଉପଭୋଗ୍ୟ କରିବାପାଇଁ ଯେଉଁ ସବୁ ବିଜୁଳି ଚାଳିତ ଓ ଯାନ୍ତ୍ରିକ ଉପକରଣର ସହଯୋଗ ନେଉଛୁ ସେ ସବୁ ଆମର ପରୋକ୍ଷରେ ହୁଏତ ଅଜାଣତରେ ମଣିଷ, ପଶୁ-ପକ୍ଷୀ, କୀଟ-ପତଙ୍ଗ ଓ ବୃକ୍ଷଲତା ପାଇଁ ନିରବ ଘାତକର ରୂପ ନେଉଛି। ବିଜ୍ଞାନର ଅଗ୍ରଗତି ସହିତ ଶବ୍ଦ ରାକ୍ଷସର ରୂପ ଆହୁରି କରାଳ ଓ ତା'ର ପ୍ରକୃତି ଅଧିକ କ୍ରୁର ହେବାରେ ଲାଗିଛି। ଏପରିକି ବିଦ୍ୟାଳୟର ବ୍ୟାୟାମ ପାଇଁ ବାଜୁଥିବା ଡ୍ରମ ଓ ହ୍ୱିସିଲରୁ ଆରମ୍ଭ କରି ମଠ ମନ୍ଦିରରେ ଢ଼ୋଲ, ରୋଷଣୀର ସଙ୍ଗୀତ ଓ ଆତସବାଜୀ, ଗାଡ଼ିର ହର୍ଣ୍ଣ ମଧ କାହାର ତତ୍କାଳ ଜୀବନ ନେଇପାରେ, ନିରବ ଘାତକ ସାଜି ଜୀବନକୁ ଅର୍ଥବ କରିପାରେ। ଏହା ଆମେ କ୍ଷଣିକ ଆନନ୍ଦର ମୋହରେ ଭୁଲି ଯାଉଛୁ କିମ୍ବା ଜାଣି ମଧ ଅବହେଳା କରୁଛୁ। ଅନେକ ହୁଏତ ଜାଣିନଥିବେ, ଆତସବାଜି ଆମ ପ୍ରିୟ ଗୃହପାଳିତ ପଶୁଙ୍କ ପାଇଁ ଯେ ମୃତ୍ୟୁର ଯନ୍ତ୍ରଣା ଆଣୁଛି ତାହା ମଧ ଆମେ ଜାଣି ଅଜଣା ହେଉଛୁ। ଡିଜେର ଛାତିଥରା ବିକଟାଳ ଶବ୍ଦ, ବାଣଫୁଟା, ରାବଣ ପୋଡ଼ି, ଜଳ ପ୍ରଦୂଷଣ ଏ ସବୁ ଉପରେ ପ୍ରଶାସନିକ ଭାବରେ ଅନେକ କଠୋର ଆଇନ ଓ ଦଣ୍ଡର ବ୍ୟବସ୍ଥା ରହିଛି। କେଉଁ ଅଞ୍ଚଳରେ କେତେ ସ୍ତରର ଏବଂ କେଉଁ ମାନ ଦଣ୍ଡ ଗ୍ରହଣ କରାଯାଇ ଶବ୍ଦ ଡେସିବଲ ବ୍ୟବହାର କରାଯିବ ସେ ନେଇ ସର୍କୁଲାର ରହିଛି। କେବଳ ସେତିକି ନୁହେଁ ଏହାକୁ ଯେଉଁମାନେ ବି ଖିଲାପ କରୁଥିବେ ସେମାନଙ୍କ ବିରୋଧରେ କେଉଁ ସ୍ଥାନରେ, କେଉଁ ତଥ୍ୟାବଳୀ ସହ ଅଭିଯୋଗ ରଖିପାରିବେ ସେ ନେଇ ମଧ ଆଇନରେ ସ୍ପଷ୍ଟ ଭାବରେ ଅନେକ ନିର୍ଦ୍ଦେଶାବଳୀ ଉଲ୍ଲେଖ ରହିଛି। ଏଠାରେ ଏକ ତଥ୍ୟ ରଖିପାରୁ କି ଯେ ଶବ୍ଦର ଗ୍ରହଣୀୟ ଡେସିବଲ ମାପ ମାନଦଣ୍ଡ ସବୁକ୍ଷେତ୍ର ପାଇଁ ସମାନ ନଥାଏ। ଶିଳ୍ପ ନିର୍ମାଣ କ୍ଷେତ୍ର, ଆକାଶପଥ, ରେଳପଥ, ସଡ଼କପଥ ସବୁ ପାଇଁ ଅଲଗା ଅଲଗା ଆଇନର ନିର୍ଦ୍ଦେଶାବଳୀ ରହିଛି କିନ୍ତୁ ସଚେତନତା ନଥିବାରୁ ଓ ପ୍ରଶାସନିକ କ୍ଷେତ୍ରରେ ଉଦାସୀନତା ମାନସିକତା ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ବର୍ତ୍ତମାନର ଜଳବାୟୁର ଯେଉଁପରି ବିଭିନ୍ନ ବ୍ୟତିକ୍ରମ ଓ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ସବୁ ଦେଖାଦେଉଛି ଏ ସବୁକୁ ଦେଖିଲେ ଉପରୋକ୍ତ ପ୍ରଦୂଷଣ କ୍ଷେତ୍ର କିପରି ଯେ ଜୀବଜଗତ ଠାରୁ ପ୍ରାଣୀଜଗତ ଆମ ସମସ୍ତଙ୍କ ପାଇଁ ବିଷର ବଳୟ ସୃଷ୍ଟି କରୁଛନ୍ତି ତାହା ଚିନ୍ତାଜନକ ନିଶ୍ଚୟ। ଶ୍ରାବଣ ମାସରେ ଧାରା ଶ୍ରାବଣର ବର୍ଷା ଆଉ ନାହିଁ, ଗାଁ ଗଣ୍ଡାରେ ରହିଥିବା ବିଲର ପାଣି ବା ପୋଖରୀ ହୁଡ଼ାରେ ଆଉ ବେଙ୍ଗ ରଡ଼ି ବି ଶୁଭୁନାହିଁ, କ୍ୱଚିତ କେଉଁଠି କୋଇଲିଟି ରାବ ଦେଉଛି, ଖରା ଦିନରେ ଅଚାନକ କାଳବୈଶାଖୀ ଓ ବର୍ଷା। ଏମିତିରେ କହିଲେ ତ ଆମ୍ଭେମାନେ ପ୍ରାୟତଃ ତିନଟି ଋତୁ ଅର୍ଥାତ୍ ବର୍ଷା, ଶୀତ ଓ ଗ୍ରୀଷ୍ମ ଅନୁଭବ କରୁ। ଦିନକୁ ଦିନ ଆମ୍ଭେମାନେ ଜୀବନକୁ ଅନ୍ୟ ମାନଙ୍କ ଠାରୁ ଉଚା ଦେଖାଇବା ପାଇଁ ଅନେକ ଅର୍ଥ ଅପଚୟ କରି ହୁଏତ କିଛି କ୍ଷଣ ପାଇଁ ସମୟକୁ ଉପଭୋଗପୂର୍ଣ୍ଣ କରାଯାଇପାରେ। କିନ୍ତୁ ଏହା ନିଶ୍ଚିନ୍ତ ପ୍ରଦୂଷଣର ଭୟାବହତା ଯଦି ଆଜିଠାରୁ ସଠିକ ଭାବେ ବିଚାର କରାଯାଇ ମାନସିକତା ଓ ପରିବର୍ତ୍ତନକୁ ଗ୍ରହଣ କରାନଯାଏ ତେବେ ଆମ୍ଭେମାନେ ଯେ ଏକ ଭୟାନକ ଉତ୍କଟ ପ୍ରଦୂଷଣର ଗର୍ତ୍ତ ଭିତରକୁ ଯାଉଛେ ଏହା ମନେରଖିବା ଉଚିତ। ଏହାକୁ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ, ସତର୍କ କରିପାରିଲେ ନିଜେ ସୁରକ୍ଷିତ ରହିପାରିବା ଏହାସହ ଆମ ଆସୁଥିବା ପିଢ଼ି ଓ ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ଜୀବଜଗତର ସୁରକ୍ଷା ହୋଇପାରିବ।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ : ୯୪୩୭୧୬୩୫୨୮

# ଓଡିଶା ପ୍ରେକ୍ଷାପଟ୍ଟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କ ଭୂମିକା ଓ ନିରପେକ୍ଷତା



**ସୌଭାଗ୍ୟ ରଂଜନ ମହାନ୍ତି**

ସାମ୍ପ୍ରତିକ ସିନେମାରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କ ବା ପ୍ରଭାବଶାଳୀ ବ୍ୟକ୍ତିମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି, ଯେଉଁମାନେ ନିଜର ସୃଜନଶୀଳତା ଏବଂ ସ୍ଥାନୀୟ ସଂଯୋଗ ଦ୍ୱାରା ଲୋକଙ୍କ ଚିନ୍ତାଧାରା ଓ ଜୀବନଶୈଳୀକୁ ପ୍ରଭାବିତ କରୁଛନ୍ତି। ଓଡିଶାର କୋଣ ଅନୁକୋଣରେ ଇଂଟରନେଟର ପହଂଚ ପରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଏବଂ ଶେୟାରଚାଟ୍ ଭଳି ପ୍ଲାଟଫର୍ମଗୁଡିକ ଏକ ଶକ୍ତିଶାଳ ଆୟୁଧ ସାଜିଛି। ଏହି ପ୍ରେକ୍ଷାପଟ୍ଟରେ ଓଡିଆ ଇନଫ୍ଲୁଏନ୍ସରମାନେ ସାଧାରଣ ଜନତା ଏବଂ ଆଧୁନିକ ଗଣମାଧ୍ୟମ ମଧ୍ୟରେ ଏକ ସେତୁ ଭଳି କାମ କରୁଛନ୍ତି, ଯେଉଁଠି ସେମାନେ ନିଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ଆଧାର କରି ବିଭିନ୍ନ ବିଷୟବସ୍ତୁ ତିଆରି କରୁଛନ୍ତି। ଓଡିଶାରେ ଇନଫ୍ଲୁଏନ୍ସର ମାର୍କେଟିଂ ଏବଂ କଂଟେଂଟ କ୍ରିଏସନର ଏକ ନୂଆ ଯୁଗ ଆରମ୍ଭ ହୋଇଛି, ଯେଉଁଥିରେ କମେଡି, ଭ୍ରମଣ, ଖାଦ୍ୟପେୟ, ସୌନ୍ଦର୍ଯ୍ୟ ଏବଂ ଶିକ୍ଷା ଭଳି କ୍ଷେତ୍ରରେ ଅନେକ ପ୍ରତିଭା ସାମ୍ନାକୁ ଆସିଛନ୍ତି। ଏହି ପ୍ରଭାବଶାଳୀ ବ୍ୟକ୍ତିମାନେ ସେମାନଙ୍କର ସ୍ଥାନୀୟ ଓଡିଆ ଆଂଚଳିକ ଭାଷା ଯଥା ସମ୍ବଲପୁରୀ, ଗଞ୍ଜାମୀ କିମ୍ବା ଉପକୂଳବର୍ତ୍ତୀ ଓଡିଆ ଭାଷାର ପ୍ରୟୋଗ କରି ସିଧାସଳଖ ଲୋକଙ୍କ ହୃଦୟକୁ ଛୁଇଁପାରୁଛନ୍ତି ଏବଂ ଏହି କାରଣରୁ ପାରମ୍ପରିକ ଗଣମାଧ୍ୟମ ତୁଳନାରେ ସେମାନଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଅଧିକ ଦେଖିବାକୁ ମିଳୁଛି। ଓଡିଶାର ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନଙ୍କର ସବୁଠାରୁ ବଡ ଅବଦାନ ହେଉଛି ରାଜ୍ୟର କଳା, ସଂସ୍କୃତି ଓ ପର୍ଯ୍ୟଟନର ବିଶ୍ୱସ୍ତରୀୟ ପ୍ରସାର, ଯେଉଁଥିରେ ସେମାନେ ଓଡିଶାର ଆନାଲୋଚିତ ପର୍ଯ୍ୟଟନ ସ୍ଥଳୀ, ପାରମ୍ପରିକ ହସ୍ତତନ୍ତ, ସମ୍ବଲପୁରୀ ଶାଢୀ ଏବଂ ଓଡିଶାର ସ୍ୱତନ୍ତ୍ର ଖାଦ୍ୟ ଯଥା ପଖାଳ, ରସଗୋଲା ଓ ଛେନାପୋଡକୁ ଆଧୁନିକ ଢଙ୍ଗରେ ଉପସ୍ଥାପନ କରି ଦେଶବିଦେଶରେ ଏହାର ଆଦୃତି ବଢାଉଛନ୍ତି। ଏହାସହିତ ଗ୍ରାମାଚଂଳରେ ଅନେକ ପ୍ରତିଭାବାନ ଯୁବକଯୁବତୀ, ଯେଉଁମାନେ କୌଣସି ବଡ ମଂଚ ପାଇବାରୁ ବଂଚିତ ଥିଲେ, ସେମାନେ ଆଜି କେବଳ ଏକ ସ୍ମାର୍ଟଫୋନ ବ୍ୟବହାର କରି ନିଜର କଳା ପ୍ରଦର୍ଶନ କରୁଛନ୍ତି ଏବଂ ଓଡିଶାର ଘର ଘରର ପରିଚିତ ଚେହେରା ପାଲଟିଛନ୍ତି। ଏହା କେବଳ ସେମାନଙ୍କୁ ଆତ୍ମନିର୍ଭରଶୀଳ କରୁନାହିଁ, ବରଂ ଓଡିଶାର ଅର୍ଥନୀତିରେ ଡିଜିଟାଲ କର୍ମସଂସ୍ଥାନର ଏକ ନୂତନ ଦିଗ ଉନ୍ମୋଚନ କରୁଛି। ତେବେ ଏହି ସକରାତ୍ମକ ପ୍ରଭାବ ସହିତ ସାମାଜିକ ଗଣମାଧ୍ୟମ ପ୍ରଭାବଶାଳୀମାନଙ୍କର କିଛି ନକାରାତ୍ମକ ଦିଗ ଏବଂ ସମାଜ ପ୍ରତି ଥିବା ଦାୟିତ୍ୱବୋଧକୁ ମଧ ଅସ୍ୱୀକାର କରାଯାଇପାରିବ ନାହିଁ। ଅନେକ ସମୟରେ ଅଧିକ ଭ୍ୟୁଜ୍ ଏବଂ ଲାଇକ୍ ପାଇବା ଆଶାରେ କିଛି ଇନଫ୍ଲୁଏନ୍ସର ଅଶ୍ଳୀଳତା, ଅପସଂସ୍କୃତି କିମ୍ବା ଭ୍ରାମକ ତଥ୍ୟ ପ୍ରସାର କରିଥାନ୍ତି, ଯାହା ଓଡିଶାର ସାଂସ୍କୃତିକ ମୂଲ୍ୟବୋଧକୁ ଆଘାତ ପହଂଚାଏ ଏବଂ ବିଶେଷ କରି କୋମଳମତି ଶିଶୁ ଓ ଯୁବପିଢିଙ୍କ ଉପରେ ଏହାର କୁପ୍ରଭାବ ପଡିଥାଏ। ବିଜ୍ଞାପନ ବା ସ୍ପନ୍ସରସିପ୍ ମାଧ୍ୟମରେ ଖରାପ ବା ଅନୁପଯୁକ୍ତ ସାମଗ୍ରୀର ପ୍ରୋତ୍ସାହନ କରିବା ମଧ ଗ୍ରାହକମାନଙ୍କୁ ଭ୍ରମିତ କରିଥାଏ ତେଣୁ ସେମାନଙ୍କର ଏକ ସାମାଜିକ ଉତରଦାୟିତ୍ୱ ରହିବା ଅତ୍ୟନ୍ତ ଜରୁରୀ। ସରକାରୀ ସ୍ତରରେ ମଧ ଓଡିଶା ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ସ୍ୱାସ୍ଥ୍ୟ ସେବା ଏବଂ ସଚେନତତା ବାର୍ତ୍ତାକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ଏହି ଇନଫ୍ଲୁଏନ୍ସରମାନଙ୍କର ସାହାଯ୍ୟ ନେଉଛନ୍ତି, ଯାହା ସେମାନଙ୍କର ଗୁରୁତ୍ୱକୁ ଆହୁରି ବଢାଇ ଦେଇଛି। କରୋନା ମହାମାରୀ ସମୟରେ ହେଉ କିମ୍ବା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟାୟ ସମୟରେ ଓଡିଆ ସୋସିଆଲ ମିଡିଆ ପ୍ରଭାବଶାଳୀମାନେ ସଠିକ୍ ସୂଚନା ପ୍ରଦାନ ଏବଂ ସାହାଯ୍ୟ ସଂଗ୍ରହ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ପରିଶେଷରେ ଏହା କୁହାଯାଇପାରେ ଯେ ଓଡିଶା ପ୍ରେକ୍ଷାପଟ୍ଟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନେ ହେଉଛନ୍ତି ଏକ ନୂତନ ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର, ଯଦି ସେମାନେ ନିଜର ପ୍ରଭାବକୁ ସକରାତ୍ମକ ଭାବେ ଏବଂ ସାମାଜିକ ଦାୟିତ୍ୱର ସହ ବ୍ୟବହାର କରିବେ, ତେବେ ଓଡିଶାର କଳା, ସଂସ୍କୃତି ଓ ଅର୍ଥନୀତିକୁ ଏକ ନୂତନ ଶିଖରରେ ପହଂଚାଇବା ସହ ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିପାରିବେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ଇନ୍ଦ୍ରଧନୁ

**ଡିସମ୍ବର ମେହେର**



ମୁଁ ଅନେଇ ବସିଛି
ନିଦାଘର ତାତିକୁ
ଛାତିପାତି ସହି
ଦିନେ କଳା ଅନ୍ଧାର ଘୋଟି
ଆସିବ ଝରି
ଝରଝର ଅଛାରେ ବର୍ଷା ଧରି,
ପରେ ପରେ
ବର୍ଷା ସୁରେ ତୁମେ ଆସିବ
ଇନ୍ଦ୍ରଧନୁ ସାଜି
ସାତ ରଙ୍ଗରେ ରଙ୍ଗୀନ କରିବ
ହୃଦୟକୁ ମୋର ।
ତୁମ ପରଶେ
ଜିଇଁ ଉଠିବ ଜୀବନ
ଜାଗି ଉଠିବ
ପ୍ରେମ ବୀଜରୁ ଚାରା
ଦ୍ରୁମ ସାଜି ଦିନେ
ଫୁଲ ଫଗୁଣରେ ସଜେଇ ହେବ
ଠିକ୍ ତୁମ ପରି
ସାତ ରଙ୍ଗେ ଇନ୍ଦ୍ରଧନୁ ।।
ତୁମେ ଆସିଲେ
ହସେ ହୃଦୟ କନ୍ଦର
ମେଘ ରଙ୍ଗର କେଶ ଉଣୁଝୁଣୁ କରି
ଛୁଇଁ ଯାଏ ଶରୀରକୁ ମୋର
ସିହରଣ ଖେଳେ
ବୁନ୍ଦା ବୁନ୍ଦା ପାଣି ଟୋପା
ପ୍ରାଣରୁ ଆତ୍ମାକୁ ଛୁଏଁ
ପ୍ରେମ ଢାଳେ
ଅଙ୍ଗରୁ ଅଙ୍ଗକୁ
ପ୍ରେମ, ସ୍ନେହ, ସମର୍ପଣ
ବିଶ୍ୱାସ,ସହଯୋଗ, ସଂପର୍କ
ବନ୍ଧନର ସାତ ରଙ୍ଗେ ।।
ପୁଣି ଭାବେ
ସବୁ ବର୍ଷା କଣ ?
ଇନ୍ଦ୍ରଧନୁ ରଚିପାରେ
ଜୁଆରକୁ ବାଲିଘର ଡରେ
ତଥାପି
ଆଞ୍ଜୁଳା ଆଞ୍ଜୁଳା ସ୍ମୃତିକୁ
ହୃଦୟରେ ଭର୍ତ୍ତିକରି
ବିଶ୍ୱାସ ବାନ୍ଧିଛି ମୁହାଣେ ବସି
ମୋ ଇନ୍ଦ୍ରଧନୁ ଦିନେ
ପ୍ରେମ ଆକାଶେ
ଖିଲି ଖିଲି ଚମକି ହସିବ ।

+ଗଣ୍ଡାବାହାଲି
ନୂଆପଡା
ମୋ: ୭୮୯୪୭୮୮୧୩୫

### କର୍ମେ ହେବା ଅଗ୍ରସର...

**ରାମଚନ୍ଦ୍ର ବେହେରା**



ଦୁଇ ଦିନର ଏ ଜୀବନ କାହାଣୀ
କାହା ପାଇଁ ରାଗ ରୋଷ
ଲୋଭ ଓ ମାୟାରେ ଉବୁଟୁବୁ ହୋଇ
କାହିଁ ହେବା ଅମଣିଷ।

ମାୟା ମରୀଚିକା ପଛେ ଧାଇଁ ଧାଇଁ
ପାଇବା ଖାଲି ଆଘାତ
କର୍ତ୍ତବ୍ୟର ବୋଝ ମଥାରେ ବୋହିବା
ଆପଣାଇ ସତ୍ୟ ପଥ।

ଜୀବନ ଦୋଛକି ଧୋକାଦିଏ କେବେ
କେବେ ଦିଏ ଉପହାର
ନୂଆ ରୂପ ନେଇ ନୂଆ ଆଶା ଆସେ
ସହି ଦୁଃଖ କଷ୍ଟ ଭାର।

ଦେଇଛନ୍ତି ପ୍ରଭୁ ବୁଦ୍ଧି ଓ ବିବେକ
ପ୍ରୟୋଗ କରିବା ତା'ର
ଧର୍ମ ଆଲୋକରେ ଆଲୋକିତ ହୋଇ
କର୍ମେ ହେବା ଅଗ୍ରସର।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬



ପ୍ରଣତି ଆଚାର୍ଯ୍ୟ ମିଶ୍ର

# ଏହା ଆନନ୍ଦ ନୁହେଁ ବରଂ ଉପଦ୍ରବ

ଅଧିକାଂଶ ସମୟରେ ପ୍ରଦୂଷଣ ବିଷୟରେ ଆଲୋଚନା ହେଲାବେଳେ ଶବ୍ଦ ପ୍ରଦୂଷଣର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ଆଲୋଚନା କରାଯାଏ ନାହିଁ । ସାଧାରଣତଃ କୌଣସି ସମୟରେ ବି ଜୋରରେ ଶବ୍ଦ ଆମର ଆବଶ୍ୟକତା ନଥାଏ, କିନ୍ତୁ ଲୋକମାନେ ସେମାନଙ୍କ ମଜା ପାଇଁ ଉଚ୍ଚ ଶବ୍ଦକୁ 'ଉପଭୋଗ' କରନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରନ୍ତି। ଗତ କିଛି ବର୍ଷ ମଧ୍ୟରେ ଅନେକ ସମାବେଶରେ ଏମିତି ଘଟିଛି ଯେ ଜୋରରେ ସଙ୍ଗୀତ ଶବ୍ଦରେ ନୃତ୍ୟ କରୁଥିବା ଲୋକମାନେ ହଠାତ୍ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି କିମ୍ବା ମୃତ୍ୟୁବରଣ କରିଛନ୍ତି। ବୈଜ୍ଞାନିକ ଏବଂ ଡାକ୍ତରଙ୍କ ମତରେ କ୍ରମାଗତ ଶବ୍ଦ ଯୋଗୁଁ ଜଣେ ବ୍ୟକ୍ତିଙ୍କ ମନରେ ଭୟ ମିଶ୍ରିତ ଚିନ୍ତା ଆରମ୍ଭ ହୋଇଯାଏ; ତାଙ୍କ ରକ୍ତଚାପ ଉଚ୍ଚ ହେବା ସହ ହୃତ୍ପିଣ୍ଡର କାର୍ଯ୍ୟକଳାପ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଯେଉଁମାନେ ପୂର୍ବରୁ କୌଣସି ହୃଦ୍ ରୋଗ, ରକ୍ତଚାପର ଅସ୍ଥିରତା କିମ୍ବା ମାନସିକ ଚାପ ଅନୁଭବ କରୁଛନ୍ତି ସେମାନଙ୍କ ପାଇଁ ଏହି ବିପଦ ବଢିଯାଏ ।

ବିଶେଷକରି ସହରାଞ୍ଚଳ ଜୀବନରେ ପ୍ରବଳ ଶବ୍ଦ ଏକ ବିପଦ ର ସଂକେତ। ଯାହାର ପରିଣାମ ଭୋଗିବାକୁ ପ୍ରତ୍ୟେକ ନାଗରିକ ବାଧ୍ୟ ହେଉଛନ୍ତି । ସମସ୍ତେ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପାଇଁ ତରବରିଆ ହୋଇଥିବାରୁ ସାମାନ୍ୟ ଜାମ୍ ହେବା ମାତ୍ରେ ଚାଳକମାନେ ହର୍ନ ମାରିବା ଆରମ୍ଭ କରିଦିଅନ୍ତି। ବାହ୍ୟ ଶବ୍ଦକୁ ଏଡ଼ାଇବା ପାଇଁ ଲୋକମାନେ ପ୍ରାୟତଃ ନିଜ କାରରେ ସ୍ୱାଭାବିକ ଠାରୁ ଅଧିକ ମାତ୍ରାରେ ସଙ୍ଗୀତ ବଜାଉଛନ୍ତି। ଟ୍ରେନ, ବସରେ ଯାତ୍ରା କରୁଥିବା କିମ୍ବା ରାସ୍ତାରେ ବୁଲୁଥିବା ଯୁବକଙ୍କ କାନରେ ହେଡଫୋନ ଲାଗିଥାଏ। ଅନେକ ସମୟରେ ଏହି ହେଡଫୋନର ଶବ୍ଦ ଏତେ ଜୋରରେ ହୋଇଥାଏ ଯେ ପଛପଟୁ ଆସୁଥିବା କାରର ହର୍ନ ଲଗାତାର ବାଜିବା ଶବ୍ଦ ଶୁଣିବାକୁ ମିଳେ ନାହିଁ । ଏଭଳି ସ୍ଥିତିରେ ଅନେକ ଦୁର୍ଘଟଣା ଘଟେ ।



ଗବେଷଣାରୁ ଜଣାପଡିଛି ଯେ ଏହି ଶବ୍ଦ ପ୍ରଦୂଷଣ ହିଁ ଲୋକଙ୍କ ମଧ୍ୟରେ କ୍ରମାଗତ ଭାବରେ ବଢୁଥିବା ଚିଡ଼ଚିଡ଼ାପଣ ଏବଂ ରାସ୍ତାରେ ଚାଳକଙ୍କ ମଧ୍ୟରେ ସଂଘର୍ଷର କାରଣ ଅଟେ । ଆମ ଚାରିପାଖରେ ବଢୁଥିବା ଶବ୍ଦ କ୍ରମାଗତ ଭାବରେ ବିପଦ ସୃଷ୍ଟି କରୁଛି। ମଣିଷର ଶ୍ରବଣ ଶକ୍ତି ସୀମିତ । ଜଣେ ସାଧାରଣ ବ୍ୟକ୍ତି ଡେସିବେଲ ତୀବ୍ରତା ସହିତ ସହଜରେ ଶବ୍ଦ ଶୁଣିପାରିବେ । ଡେସିବେଲ ହେଉଛି ଶବ୍ଦର ସ୍ତର ମାପିବାର ଏକ ୟୁନିଟ୍ । ସାଧାରଣତଃ ତିରିଶ ଡେସିବେଲରୁ ଅଧିକ ଶବ୍ଦକୁ ଶବ୍ଦ ପ୍ରଦୂଷଣ ବୋଲି ବିବେଚନା କରାଯାଏ । ଏହି ସ୍ତର ୧୨୦ ଡେସିବେଲ୍ ରୁ ଅଧିକ ହେଲେ ହୃଦସ୍ପନ୍ଦନ ଦ୍ରୁତ ହୋଇଯାଏ। ଯେତେବେଳେ ହୃଦୟ ଦ୍ରୁତ ଗତିରେ ସ୍ପନ୍ଦନ କରିବା ଆରମ୍ଭ କରେ, ସେତେବେଳେ ଏକ ଅଦ୍ଭୁତ ଅସ୍ଥିରତା ଦେଖାଯାଏ। ଶ୍ରୋତାଙ୍କ ରକ୍ତଚାପ ବଢିଥାଏ ଏବଂ ଏହି ଅବସ୍ଥା ଶରୀରର ଅନ୍ୟ ଅଙ୍ଗକୁ ମଧ୍ୟ ପ୍ରଭାବିତ କରିଥାଏ । ବୟସ୍କ ବ୍ୟକ୍ତି କିମ୍ବା ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଏହି ଅବସ୍ଥା ବେଳେବେଳେ ମାରାତ୍ମକ ହୋଇଯାଏ।

ବିବାହ, ବ୍ରତ ରେ ବାଜୁଥିବା 'ଡିଜେ' ପ୍ରାୟତଃ ୧୨୦-୧୩୦ ଡେସିବେଲ ପର୍ଯ୍ୟନ୍ତ ଶବ୍ଦ ଉତ୍ପନ୍ନ କରିଥାନ୍ତି। ରାଜରାସ୍ତାର ଧାର୍ମିକ ଶୋଭାଯାତ୍ରା, ବେଳେବେଳେ ଏହି ସ୍ତରରୁ ମଧ୍ୟ ଉପରକୁ ଯାଇଥାଏ । ଏହି ଶବ୍ଦ ଯୋଗୁଁ ରାସ୍ତା କଡ଼ରେ ଥିବା ଘରର ବାସିନ୍ଦାମାନେ ଅନେକ ସମୟରେ ଘରର କବାଟ ଓ ଝରଣାରେ କମ୍ପନ ଅନୁଭବ କରନ୍ତି। ଆଜିକାଲି ନିର୍ବାଚନର ଭିଡ଼ ଦେଖିବାକୁ ମିଳୁଛି। ନିର୍ବାଚନ ଯୁଗରେ ଏଭଳି ଶବ୍ଦ ବଢ଼ିବ। ପ୍ରଚାର ପାଇଁ ନିୟୋଜିତ ଗାଡ଼ି ଗୁଡ଼ିକ ଲଗାତାର ଜୋରସୋରରେ ରାସ୍ତାକୁ ଓହ୍ଲାଇବ। ତେଣୁ ଲୋକଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦ ବିଷୟରେ କିଏ ଚିନ୍ତା କରିବ ?

ସାଉଣ୍ଡ ଆମ୍ପ୍ଲିଫାୟାର ଦ୍ୱାରା ହେଉଥିବା ଶବ୍ଦରସ୍ତର ଏହି ତଥ୍ୟରୁ ଆକଳନ କରାଯାଇପାରେ ଯେ ଯେତେବେଳେ ଏକ କୁକୁର କ୍ରମାଗତ ଭାବରେ ଭୁକିଥାଏ, ସେତେବେଳେ ଏହା ୬୦ରୁ ୮୦ ଡେସିବେଲ ଶବ୍ଦ ଉତ୍ପନ୍ନ କରିଥାଏ । ସେଥିପାଇଁ ଯଦି କୌଣସି କୁକୁର ଲଗାତାର ଭୁକିଥାଏ, ତେବେ ଏକ ଅଦ୍ଭୁତ ପ୍ରକାରର ଚିଡ଼ଚିଡ଼ାପଣ ଅନୁଭବ ହୁଏ। ରାସ୍ତାରେ ଶୋଭାଯାତ୍ରା ଡିଜେ ଶବ୍ଦକୁ ନେଇ କେତେକ ଅଦାଲତ ରାୟ ମଧ୍ୟ ଦେଇଛନ୍ତି, କିନ୍ତୁ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି। ଏହାର କାରଣ ହେଉଛି ସାଧାରଣତଃ ଲୋକମାନେ ଶବ୍ଦ ପ୍ରଦୂଷଣ ବିରୋଧରେ ଅଭିଯୋଗ କରନ୍ତି ନାହିଁ ଏବଂ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ କୋର୍ଟ ଚାଲାଣ କରିବା ପୋଲିସ ପାଇଁ ମଧ୍ୟ କାର୍ଯ୍ୟଭାର ବଢ଼ାଇବା ଭଳି ମନେ ହୁଏ । ପ୍ରାୟ ୮ ବର୍ଷ ତଳେ ମଧ୍ୟପ୍ରଦେଶର ଖରଗୋନରେ ପ୍ରଶାସନ ଓ ପୋଲିସ ଅଧିକାରୀମାନେ ଡିଜେ ପିଲାଙ୍କ ଏକ ବୈଠକ କରି ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଦାହରଣ ଦେଇ କହିଥିଲେ ଯେ ଡିଜେ କୌଣସି ଶୋଭାଯାତ୍ରା,କିମ୍ବା ରାଲିଯାତ୍ରାରେ ୧୦ ଡେସିବେଲରୁ ଅଧିକ ବଜାଇବେ ନାହିଁ, ନଚେତ ଦୋଷୀଙ୍କୁ ୬ ମାସ ଜେଲ ନହେଲେ ଜୋରିମାନା କିମ୍ବା ଉଭୟ ଦଣ୍ଡ ହୋଇପାରେ। ପାଖାପାଖି ଦୁଇ ବର୍ଷ ପରେ ପଞ୍ଜାବ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ପିପିସିବି) ମଧ୍ୟ ଶବ୍ଦ ପ୍ରଦୂଷଣକୁ ଗମ୍ଭୀରତାର ସହ ନେଇ ବିବାହ ଆୟୋଜକମାନଙ୍କୁ ନିର୍ଦ୍ଧାରିତ ମାନଦଣ୍ଡ ମଧ୍ୟରେ ଡିଜେ ବଜାଇବାକୁ ନିର୍ଦ୍ଦେଶ ଦେଇଥିଲା। ଏହା କେତେଦୂର କାର୍ଯ୍ୟ କରିଛି କେହି ଯାଣନ୍ତି ନାହିଁ। ଶବ୍ଦ ସାରା ବିଶ୍ୱରେ ଚିନ୍ତାର କାରଣ ପାଲଟିଛି । ଏହା କେବଳ ପ୍ରଦୂଷଣ ନୁହେଁ ବରଂ ଉପଦ୍ରବ, କାରଣ ଏହା ଅନ୍ୟର ଶାନ୍ତିଭଙ୍ଗ କରିଥାଏ। ୨୦୦୫ ମସିହାରେ ସ୍ପେନରେ ଏକ ସର୍ଭେ କରାଯାଇଥିଲା, ଯେଉଁଥିରେ ଜଣାପଡ଼ିଥିଲା ଯେ ଲୋକମାନେ ବହୁ ପରିମାଣର ଅର୍ଥ ଖର୍ଚ୍ଚ କରି ଶବ୍ଦ ପ୍ରଦୂଷଣରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି। ଶବ୍ଦ ପ୍ରଦୂଷଣ କୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଦେଶିକ ସରକାର ଏବଂ ସ୍ଥାନୀୟ ସଂସ୍ଥାକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି । କାନାଡା ଏବଂ ୟୁରୋପୀୟ ସଂଘର ଦେଶମାନଙ୍କରେ ମଧ୍ୟ ସାଧାରଣ ଲୋକଙ୍କୁ ଶବ୍ଦ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ଆଇନ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ୮୫ ଡେସିବେଲରୁ ଅଧିକ ଶବ୍ଦକୁ ବିଚାର କରି ବଢୁଥିବା ଶବ୍ଦ ପ୍ରଦୂଷଣକୁ ନେଇ ଚିନ୍ତା ପ୍ରକଟ କରିଛି । କିନ୍ତୁ ଶବ୍ଦ ପ୍ରଦୂଷଣର କୁପ୍ରଭାବକୁ ଦେଖିଲେ କୁହାଯାଇପାରେ ଯେ ଆମ ଚାରିପାଖରେ ବ୍ୟାପୁଥିବା ଏହି ଶବ୍ଦ ଆମକୁ ଶାନ୍ତିରେ ରହିବାକୁ ଦେବ ନାହିଁ ।

+ ନୟାଗଡ଼
ମୋ: ୯୪୩୭୬୪୨୯୪୭

# ଅଦେଖା ଲୁହ

ଅମ୍ବିକା ସ୍ୱାଇଁ

ଅଞ୍ଜନା ଆଉ ଅର୍ପିତା ଦୁଇ ସାଙ୍ଗ ପାଖାପାଖି ଗାଁର। ଗୋଟିଏ ସ୍କୁଲରେ ପାଠ ପଢୁଥିଲେ ଏକା ଶ୍ରେଣୀରେ। ଦୁହେଁ ଖୁବ୍ ଭଲ ପାଠ ପଢ଼ନ୍ତି। ଶ୍ରେଣୀରେ ସବୁବେଳେ ଅଞ୍ଜନା ପ୍ରଥମ ଓ ଅର୍ପିତା ଦ୍ୱିତୀୟ ସ୍ଥାନରେ ରୁହନ୍ତି। ଅଞ୍ଜନାର ଗଣିତ ଭଲ ହୁଏ, ଅର୍ପିତାର ସାହିତ୍ୟ ଭଲ ହୁଏ। ମ୍ୟାଟ୍ରିକ ପରୀକ୍ଷାରେ ଅଞ୍ଜନା ଫାଷ୍ଟ ଡିଭିଜନରେ ପାସ କରି ରେଭେନ୍ସାରେ ପଢିଲା। କିନ୍ତୁ ଅର୍ପିତା ଖୁବ୍ କମ ବ୍ୟବଧାନରେ ସେକେଣ୍ଡ ଡିଭିଜନ ପାଇ ଶୈଳବାଳାରେ ପାଠ ପଢିଲା। ଦୁହେଁ ଦୁହିଁଙ୍କଠାରୁ ଏକ ପ୍ରକାର ଅଲଗା ହୋଇଗଲେ। ସେତେବେଳେ ତ ଆଉ ଏମିତି ମୋବାଇଲ ଫୋନ ନଥିଲା। ତେଣୁ ପରସ୍ପର ଭିତରେ ଯୋଗଯୋଗ ରହିପାରିଲା ନାହିଁ । କଲେଜରେ ପଢ଼ିଲାବେଳେ ଅର୍ପିତା କଲେଜ ମାଗାଜିନରେ କବିତା ଲେଖେ ତା'କବିତାକୁ ପଢି ସମସ୍ତେ ଖୁବ୍ ପ୍ରଶଂସା କରନ୍ତି । ଅର୍ପିତାର ଲେଖିବା ଏକ ନିଶା ହୋଇ ଯାଇଥାଏ। କଲେଜରେ ପଢିଲା ସମୟରେ ଝଙ୍କାରରେ ତା'ର ପ୍ରଥମେ ଗୋଟିଏ କବିତା ପ୍ରକାଶିତ ହୋଇ ଖୁବ୍ ପ୍ରଶଂସା ଲାଭ କରିଥିଲା, ସେ ବାବଦରେ ତା'ପାଖକୁ ସେତେବେଳେ ଅନେକ ବଡ଼, ବଡ଼ ଲେଖକ ଓ ପାଠକଙ୍କଠାରୁ ପ୍ରଶଂସାର ଚିଠି ମଧ୍ୟ ଆସିଥିଲା। ତେଣୁ ତା'ର ଲେଖା ଲେଖିରେ ରୁଚି ଆହୁରି ବଢ଼ି ଯାଇଥିଲା ଏବଂ ଅନେକ ପତ୍ର ପତ୍ରିକା ଖବରକାଗଜରେ ତା'ର ଲେଖା ସ୍ଥାନ ପାଉଥିଲା। କିନ୍ତୁ ସମୟ ତ ପରିବର୍ତ୍ତନ ଶୀଳ। ଜୀବନ ଡଙ୍ଗା କେତେବେଳେ କେଉଁ ଦିଗକୁ ଗତି କରିବ ତାହା ସଠିକ କହି ହେବନି। ତା'ର ଗ୍ରାଜୁଏସନ ସରୁ ସରୁ ବାହାଘର ହୋଇଗଲା। କାରଣ ତାଙ୍କ ରକ୍ଷଣଶୀଳ ଯୌଥପରିବାର ଝିଅ ମାନଙ୍କୁ ଅଠର କି ଉଣେଇଶି ବର୍ଷ ବୟସ ହେଲା ମାତ୍ରେ ବର ଘର ଖୋଜାପଡେ । ତେଣୁ ଏକ ଭଲ ପ୍ରସ୍ତାବ ଆସିଲାରୁ ତାକୁ ହାତଛଡା କରିବାକୁ ପରିବାର ଲୋକ ଚାହିଁଲେନି ବିଭାଘର କରିଦେଲେ। ତା'ସ୍ୱାମୀ ବ୍ୟାଙ୍କ ଅଫିସର ଭାବେ ଭୁବନେଶ୍ୱରରେ ଚାକିରୀ କରନ୍ତି। ସପରିବାର ଭୁବନେଶ୍ୱରରେ ରୁହନ୍ତି ଶ୍ୱଶୁର ସେକ୍ରେଟାରୀଏଟରେ ଚାକିରୀ କରିବା ସମୟରେ ଘରଟିଏ ତୋଲିଥିଲେ । ବାହାଘର ପରେ ଅର୍ପିତା ଗୃହ ଜଞ୍ଜାଳର କର୍ମମୟ ଜୀବନ ଭିତରେ ରହି ଅନେକ ବର୍ଷ କଟିଗଲାଣି। ଏହା ଭିତରେ ବୟସାଧିକ କାରଣରୁ ଶାଶୂ ଶ୍ୱଶୁର ଆରପାରିକୁ ଚାଲିଗଲେଣି । ଝିଅ ପୁଅ ବଡ଼ ହୋଇ ଚାକିରୀ କରି ବିବାହ କରି ସାରିଲେଣି। ବୋହୂ ଶୁଭଶ୍ରୀ ସଫ୍ଟୱେର ଇଞ୍ଜିନିୟର ପୁଅ ଶୁଭମ ଡାକ୍ତର। ଅର୍ପିତାକୁ ଏବେ ଢେର ସମୟ ମିଳୁଛି। ତା'କଲମ ଏବେ ଖୁବ୍ ଚଳ ଚଞ୍ଚଳ। ଲେଖା ଲେଖିରେ ଏକଦମ ମନ ପ୍ରାଣ ଢାଳି ଦେଇଛି । ସବୁ ଖବରକାଗଜ ପତ୍ରପତ୍ରିକାରେ ତା'ର ଲେଖା ପ୍ରକାଶିତ ହେଉଛି। ସେ ବର୍ତ୍ତମାନ ଜଣେ ଅଗଧାଡ଼ିର ଲେଖିକା। ଅନେକ ସାହିତ୍ୟ ସଭାସମିତିରୁ ତାକୁ ନିମନ୍ତ୍ରଣ ଆସେ। ସେ ପହଞ୍ଚି ଯାଏ କେତେବେଳେ କବିତା ପାଠ ତ, କେତେବେଳେ ସଂଯୋଜନା। ଯେ ହେତୁ ଭଲ ଲେଖିକା ଭାବରେ ନାଁ କଲାଣି, ତାକୁ ଅନେକ ସାହିତ୍ୟ ସଂସ୍ଥା ଅତିଥି ଭାବରେ ଡାକନ୍ତି। ସମସ୍ତଙ୍କ ମୁହଁରେ ତା'ର ଭୂରି ଭୂରି ପ୍ରଶଂସା। ଖବରକାଗଜରେ ଲେଖାଟିଏ ବାହାରିଲେ ପଚାଶ, ଶହେ ଫୋନ କଲ ଆସେ। ଶାଶୂଙ୍କର ଏତେ ପ୍ରସଂଶକ ଦେଖି ବୋହୂ ଶୁଭଶ୍ରୀ ଖୁବ୍ ଖୁସି ହୁଏ। ଶାଶୁଙ୍କୁ କୁଣ୍ଢେଇ ପକାଇ କୁହେ ମମି ସତରେ ଆପଣଙ୍କର କେତେ ଫ୍ୟାନ। ମୋତେ ଖୁବ୍ ଗର୍ବ ଲାଗୁଛି ଆପଣଂକୁ ମାଆ ଉପରେ ପାଇ । ମୋ ଶାଶୂ ମାଆ ଜଣେ ଲେଖିକା କହିଲେ ମୋ ଛାତି କୁଣ୍ଢେ ମୋଟ ହୋଇଯାଉଛି । ଆଜିକାଲିର ଜିନ ପିନ୍ଧା ମଡ଼ର୍ଣ୍ଣ ବୋହୂ ଶୁଭଶ୍ରୀ ସାହିତ୍ୟର ଧାର ଧାରେନି । ଓଡ଼ିଆ ତା'ର ଭଲ ହୁଏନି ବୋଲି ଡିଏଭି ସ୍କୁଲରେ ପାଠ ପଢିବା ବେଳେ ଓଡିଆ ବଦଳରେ ହିନ୍ଦୀ ରଖି ପଢୁଥିଲା। କିନ୍ତୁ ଶାଶୂ ମାଆଙ୍କର ସାହିତ୍ୟ ରୁଚି ଦେଖି ଛୁଟିଦିନ ମାନଙ୍କରେ ନିଜେ କାର ଡ୍ରାଇଭିଂ କରି ଶାଶୂ ଅର୍ପିତାଙ୍କୁ ନେଇ ସଭାସମିତିରେ ଛାଡି ଦେଇ ଆସେ। ଖାଲି ସେତିକି ନୁହେଁ, ଅର୍ପିତାଙ୍କୁ ଶାଢ଼ୀ ବଦଳରେ ଡ୍ରେସ ପିନ୍ଧିବାକୁ ବାଧ୍ୟକରେ ଏବଂ ନିଜେ ଯେପରି ଡ୍ରେସ ପିନ୍ଧେ ଶାଶୂଙ୍କ ପାଇଁ ସେପରି ଡ୍ରେସ କିଣି ଆଣେ। ଦୁହେଁ ବଜାରରେ ଚାଲୁଥିବା ବେଳେ କେହି କହିବେନି ସେ ଦୁହେଁ ଶାଶୂ ବୋହୂ ବୋଲି । ସତରେ ଅର୍ପିତା ଓ ଶୁଭଶ୍ରୀ ଏବେ ଶାଶୂ ବୋହୂ ନୁହଁନ୍ତି ଦୁନିଆର ସବୁଠୁ ବେଷ୍ଟ ଫ୍ରେଣ୍ଡ। ସବୁ ଖୁସି ଯେମିତି ତାଙ୍କ ହାତ ମୁଠାରେ। ଜୀବନକୁ ଭରପୂର ଉପଭୋଗ କରୁଛନ୍ତି। କେତେବେଳେ



ସିନେମା ତ କେତେବେଳେ ମଲ। ଶାଶୂ ଅର୍ପିତାଙ୍କର ବୋହୂ ପ୍ରତି ନା ଅଛି କଡା ଶାସନ ନା ଅଛି ଗାଳି ମନ୍ଦ। ଝିଅଟିଠାରୁ ଅଧିକ ଭାବରେ ସ୍ନେହରେ କୋଳେଇ ନେଇଛନ୍ତି ବୋହୂ ଶୁଭଶ୍ରୀକୁ। ଶୁଭଶ୍ରୀ ମଧ୍ୟ କେବେ ଶାଶୂଙ୍କ ପ୍ରତି ଅସମ୍ମାନ କରେ ନାହିଁ କି ଅବହେଳା କରେ ନାହିଁ। ବେଶ୍ ଅନାବିଳ ମଧୁର ସମ୍ପର୍କ ଶାଶୂ ବୋହୂଙ୍କ ଭିତରେ। ଆମ ସମାଜର ଆଦର୍ଶ ଶାଶୂ ବୋହୂ କହିଲେ ଭୁଲ ହେବ ନାହିଁ । ଆମ ସମାଜରେ ଅନେକ କୁହନ୍ତି ଶାଶୂ କେବେ ମା'ହୋଇ ପାରିବନି କି ବୋହୂ କେବେ ଝିଅ ହୋଇ ପାରିବନି। କିନ୍ତୁ କାହିଁକି ନୁହେଁ ? ଦେଖନ୍ତୁ, ଅର୍ପିତା ଓ ଶୁଭଶ୍ରୀ ଦୁହେଁ ଏହାର ଜ୍ୱଳନ୍ତ ଉଦାହରଣ।

ଥରେ ଅର୍ପିତା ଏକ ମଗାଜିନର ପୃଷ୍ଠା ଖେଳଉ ଖେଳଉ ହଠାତ ଆଖିରେ ପଡ଼ିଲା ଏକ ଗଳ୍ପ ସେଥିରେ ଥିବା ଫୋଟୋଟି ଚିହ୍ନାମୁହଁ ପରି ଲାଗିଲା ଭଲରେ ନିରୀକ୍ଷଣ କରି ଦେଖିଲା ! ଆରେ !! ଏତ ମୋ ସାଙ୍ଗ ଅଞ୍ଜନା । ସଂଗେ ସଂଗେ ସେଥିରେ ଦିଆ ଯାଇଥିବା ମୋବାଇଲ ନମ୍ବରକୁ ରିଂ କଲା, ସେହି ସ୍ୱର ସେହି କଥା । କିଛି ବି ବଦଳିନି ପଚାରିଲା ଅଞ୍ଜନା ମାଡାମ ମୋତେ ଚିହ୍ନି ପାରୁଛନ୍ତି ? ଅଞ୍ଜନା ହଠାତ ଟିକେ ନିରବ ରହିଗଲେ, ହଁ ସ୍ୱର ତ ଚିହ୍ନା ଚିହ୍ନା ଲାଗୁଛି, କିନ୍ତୁ....କିଏ ... ଆପଣ !! କୁହନ୍ତୁ ନା...! ଅର୍ପିତା କହିଲେ ମନେ ଅଛି ? ସ୍କୁଲ ପାଖ ଝାଉଁଗଛ, ଶୋଲି ନାନୀର ବୁଟ ଭଜା !! କେମିତି ଛଡା ଛଡି ହୋଇ ଖାଉଥିଲେ ଦୁହେଁ। ରସୁଣ ପକା ଭିଜା ବୁଟ ଭଜା ବରପତ୍ର ଠୁଙ୍ଗାରେ... ସତେ କେତେ ସୁଆଦ ମ ..!! ଭାରି ମନେ ପଡୁଛି । ଅଞ୍ଜନା ଠୋ କିନା ହସି ଉଠିଲେ .. ଓଃ ମାଇଁ ଗଡ଼ ! ଆରେ ଅର୍ପିତା ତୁ....!! ଓଃ କି ଭାଗ୍ୟ ମୋର ଆଜି। ଦୁଇ ସାଙ୍ଗଙ୍କର ଅପୂର୍ବ ମିଳନ। କଥା ଚାଲିଲା ଅସରନ୍ତି। ଅର୍ପିତା ପଚାରିଲା ! ଅଞ୍ଜନା ତୁ କେବେ ଠାରୁ ଲେଖା ଲେଖି କଲୁଣି ? ଭାଇନା ଆଉ ପିଲାମାନେ ତୋର କଣ ସବୁ କରୁଛନ୍ତି ? ଅଞ୍ଜନାଙ୍କ ଗଳା ଟିକେ ନରମି ଗଲା। ଆରେ ଅଞ୍ଜନା କ'ଣ ହେଲା ? ଭାଇନା ତୋ'ର ଆଉ ଏ ଇହଧାମରେ ନାହାନ୍ତିରେ...ଏକ ରୋଡ଼ ଆକ୍ସିଡେଣ୍ଟରେ ପାଞ୍ଚବର୍ଷ ହେଲାଣି ମୋତେ ଏକା କରି ଚାଲିଗଲେଣି। କହୁ କହୁ କୋହ ସମ୍ଭାଳି ପାରିଲେନି ଅମାନିଆ ଅଶ୍ରୁଗୁଡା ପଣତକାନିକୁ ତା'ର ଭିଜାଇ ଦେଲା। ଅର୍ପିତା ଆଶ୍ୱସନା ଦେଇ କହିଲେ ସବୁ ସେହି ପ୍ରଭୁଙ୍କ ଇଛା। ଅଞ୍ଜନା କାନ୍ଦନାରେ...ଆମେ କେବେ ଭେଟ ହେବା କହିଲୁ ? ମୁଁ ତ ଏବେ ପୁଅ ବୋହୁଙ୍କ ପାଖରେ ପୁନେରେ ରହୁଛି। ଭୁବନେଶ୍ୱର ଘର ତାଲା ପଡିଛି। ଯେବେ ଭୁବନେଶ୍ୱର ଯିବି ନିଶ୍ଚିତ ଆମେ ଦେଖା ହେବା ଖୁବ୍ ମଜା କରିବା। ଏମିତି କଥା ହେବା ଭିତରେ ବୋହୂ ଶୁଭଶ୍ରୀ ଅଫିସରୁ ଆସି ପହଁଚିଲା। ଅର୍ପିତା ଶୁଭଶ୍ରୀ ହାତରେ ଫୋନ ଧରାଇ ଦେଇ କହିଲେ ମା'ରେ ନେ ମୋ ସ୍କୁଲ ବେଳର ସାଙ୍ଗ ଅଞ୍ଜନା ଆଣ୍ଟିଙ୍କ ସହ କଥା ହଅ । ଅଞ୍ଜନା ଶୁଭଶ୍ରୀଙ୍କ ସହ କଥା ହୋଇ ଅନୁଭବ କଲେ ସତରେ କେତେ ଭଲ ଝିଅଟି ଯାହା କି ଅର୍ପିତା ଟିକିଏ ପୂର୍ବରୁ କହୁଥିଲା ସେ ମୋର ବୋହୂ ନୁହେଁ ଝିଅଟିଏ। ସତରେ ଅର୍ପିତା ଭାଗ୍ୟ କେତେ ଭଲ ...!! କିନ୍ତୁ.....ମୁଁ ବି ତ ଏମିତି ସ୍ୱପ୍ନ ଦେଖିଥିଲି ମୋର ତ ଝିଅ ନାହିଁ ଗୋଟିଏ ବୋଲି ପୁଅ । ଯେଉଁ ବୋହୂଟି ଆସିବ ସେ ମୋର ବୋହୂ ନୁହେଁ ଝିଅ ପରି ହୋଇ ରହିବ । ମୁଁ ତାକୁ ଝିଅ ପରି ସ୍ୱାଧୀନତା ଦେଲି,ଏତେ ଭଲ ପାଇବା, ସ୍ନେହ ମମତା ଦେଲା ସତ୍ତ୍ୱେ ବି ତା'ଠାରୁ କାହିଁକି ସ୍ନେହ ସମ୍ମାନ ପାଇ ପାରୁନି କ'ଣ ମୋର ଭୁଲ ରହିଲା ? ଏମିତି ପ୍ରଶ୍ନ ଭିତରେ ଅଞ୍ଜନା ଘାଣ୍ଟି ହେଉଛନ୍ତି। ସ୍ୱାମୀ ଗଲା ଦିନୁ ମନର କଷ୍ଟ ଦୁଃଖକୁ ଭୁଲାଇବା ପାଇଁ ହାତରେ ହାତରେ କଲମ ଧରିଲି, ଏକାକିତ୍ୱ ଜୀବନକୁ ଦୂରେଇବା ପାଇଁ ଲେଖନୀକୁ ଜୀବନର ସାଥୀ କଲି। ବଞ୍ଚିବାର ଟିକିଏ ରାହା ପାଇଲି। ଦୁଃଖ ଭିତରେ ସାମାନ୍ୟ ସୁଖ ସାଉଁଟିବାକୁ ବେଳେ ବେଳେ ସାହିତ୍ୟ ସଭା ସମିତି ଯାଇ ଗପ କବିତା ପଢ଼ି ଟିକେ ଆନନ୍ଦ ପାଉଥିଲି। ସେ ସବୁ ଆଜି ମୋଠାରୁ ଛିନ୍ନ ହୋଇ ଯାଇଛି। ପୁଅ ବାହାଘର ପରେ ସବୁ ଆଜି ବଦଳିଗଲା। ଖବରକାଗଜରୁ ମୋ ଲେଖାଟିଏ ପଢ଼ି ଯଦି କୌଣସି ପାଠକଟିଏ ଫୋନ କରନ୍ତି ବୋହୂ ସୀମା ଦେହରେ ଏସବୁ ଯାଏନି। ପୁଅ ଆଗରେ ଫେରାଦ ହୁଏ ତୁମ ମାଆଙ୍କ ପାଖକୁ ଏତେ ଫୋନ କଣ ଆସୁଛି ? ପୁଅ ଅଭିଜିତ କିଛି ନ ବୁଝି ନଶୁଝି ଦୁଇ ପଦ ଶୁଣାଇ ଦିଏ। ଛାଡ଼ ମୋ ଭାଗ୍ୟ ....!! ଏମିତି ଭାବନା ଭିତରେ ରହି ଅଞ୍ଜନା ଦୀର୍ଘ ନିଃଶ୍ୱାସଟିଏ ମାରନ୍ତି। ଆଖିରୁ ଦୁଇ ବୁନ୍ଦା ଲୁହ ଝରି ପଡେ। ମନେ ପଡ଼ିଯାଏ ଅତୀତର କଥା। ସ୍କୁଲ ଜୀବନରୁ ଏତେ ଭଲ ପାଠ ପଢା ସହ ଅଧ୍ୟାପିକା ଚାକିରୀ। କିନ୍ତୁ ବାହାଘର ପରେ ସ୍ୱାମୀଙ୍କ ସହ ଭୁବନେଶ୍ୱର ଆସି ରହିଲା ପରେ ସ୍ୱାମୀ ଚାହିଁଲେନି ଚାକିରୀ କରିବା ପାଇଁ। ସ୍ୱାମୀଙ୍କର ଗଭୀର ଭଲ ପାଇବା ଭିତରେ ନିଜକୁ ହଜାଇ ମଜାଇ ସମୟ ଅତିବାହିତ ହୋଇ ଯାଉଥିଲା ବେଶ୍ ଆନନ୍ଦରେ, ଚାକିରୀ ଛାଡିବାର ଅବଶୋଷ କେବେ ବି ନଥିଲା ମନରେ.!! ଏବେ କିନ୍ତୁ ସମୟ ବଦଳି ଯାଇଛି ସବୁ ସୁଖ ଯେମିତି ସ୍ୱାମୀଙ୍କ ସହ ଚାଲି ଯାଇଛି ସାତ ପର କରି। ନିଜ ଭାଗ୍ୟକୁ ଦୋଷ ଦେବା ଛଡା ମୋ ପାଖରେ କଣ ବା ଚାରା ଅଛି... ? କେବଳ ଅଦେଖା ଲୁହ ହିଁ ମୋର ଏକାନ୍ତ ସାଥୀ..... କାହାକୁ ବା କହିବି ....!!

+ ଭୁବନେଶ୍ୱର,
ମୋ: ୯୭୭୭୫୯୯୬୯୫

# ପ୍ରେମର ପରିଭାଷା

ପ୍ରତିଭା ଦାଶ



ଭିଡ ଭିତରେ
ଲୋକଙ୍କ ମଧ୍ୟରେ
ତାକୁ ଦେଖିଲା ଦିନଠୁ
ବୁଝି ପାରୁନି ମୁଁ
ମୋ ମନଟି କୁଆଡେ
ଉଡ଼ି ଉଡ଼ି ଯାଉଛି ।
ହଁ....
ଚାହିଁଥିଲି ପାଖରେ ରଖିବାକୁ
ମାତ୍ର ମନର ଗତିକୁ
କିଏ ଅବା ଅଟକାଇ ପାରିବ ?
ନା ଅଛି ତା'ର ସୀମା
ନା କରି ହେଉଛି ନିୟନ୍ତ୍ରଣ ।
ହେଲେ ସେ କ'ଣ
ମୋ ହୃଦୟକୁ ବୁଝିପାରିଲା
ମୋ ଅନ୍ତରର ବ୍ୟଥାକୁ ପଢି ପାରିଲା
ଭଲ ପାଇବାର ମୂଲ୍ୟକୁ ଜାଣିପାରିଲା ?
ନା, ତାକୁ ପ୍ରେମ ନୁହଁ
ଧନ ସମ୍ପତ୍ତି ଲୋଡା
ରହିବା ସକାଶେ
ଝାଟିମାଟି କାନ୍ଥର କୁଡ଼ିଆ
ତା' ପାଇଁ ଅଲୋଡ଼ା
ଅଭ୍ରଂଶ କୋଠାବାଡ଼ି ସହ
ଆରାମ ଦାୟକ ଜିନିଷ
ନିତାନ୍ତ ଜରୁରୀ ।
ତା' ପାଇଁ
ପ୍ରେମର ପରିଭାଷା
ସେଇୟା ।

+ ନୂଆପଡ଼ା
ମୋ: ୭୮୯୪୫୨୮୪୯୩

# ଜୀବନ ଗଣିତ

ଅନସୂୟା ପଣ୍ଡା



ହିସାବ ପାଉନି ଖୋଜି ଖୋଜି
କ'ଣ ଜୀବନର ଅବୁଝା ଗଣିତ
ସବୁ ଥିବା ଭିତରେ
ପୁଣି ଗୋଟେ ଖାଲିପଣ
ସକାଳ ହାତରେ ଆଣି ଆସିଥାଏ।
ଆଉ ଗୋଟେ ଖୁସିର ଦିନ
ଚାଙ୍ଗୁଡିଏ ସଜଫୁଲ ପକ୍ଷୀର ଗୁଞ୍ଜନ
ତଥାପି ମୁଣ୍ଡ ପିଟୁଥାଏ ଗୋଟେ ବିକଳ ପଣ
ତା' ଆଗରେ ସବୁ ଲାଗେ ଶୂନ୍ୟ ଶୂନ୍ୟ
କେମିତି ଗଢିଛ ପ୍ରଭୁ ମନ ଜୀବନପାତ୍ର
ହେଉନି ପୂରଣ କରି ଏତେ ଦେଣ ନେଣ।
ଯାଚିଷ୍ଣୁ ଆହୁରି ଆହୁରି ଭିତରେ
ଭୋଗୁଥାଏ ଦୁଃଖ କ୍ଲେଶ
ସିଝୁଥାଏ ପୋଡୁଥାଏ ଅତିଷ୍ଠ ଜୀବନ
ଅବସୋସର ମିଶାଣ ଫେଡାଣରେ
ଜଳୁଥାଏ ନିତି ଜୀବନ ଚୁଲି।
ପୁନଷ୍ଚ ଆଗକୁ ଦଳି ଚକଟି
ପଡି ଉଠିଯିବାର ଅଜବ ଉପକ୍ରମ
ସ୍ୱାର୍ଥର ପାଦରେ ନଇଁଯାଏ କାନ୍ଧ ପିଠି ମନ
ତଥାପି ଦ୍ୱାହିଦିଏ ଆପଣାପଣ
ହଜାରେ ସପନ ଛୁଏଁ ଆଶା ଉପବନ।
ଶତବାରଣ ସତ୍ତ୍ୱେ
ଚାଲିଥାଏ ମୋହର ମହାକୁମ୍ଭରେ ମହାସ୍ନାନ
ପାପନାଶନର ମନ୍ତ୍ରଟିଏ ପଢି ସାରିବା ପରେ
ହୋଇଯାଏ ଆଉ ଏକ ପାପର ଆଚମନ
କେତେବେଳେ ସେଇଠି ଆପଣା ଛାଏଁ
ପହଞ୍ଚି ସାରିଥାଏ ରହସ୍ୟର ମନ
ଯେଉଁଠିକୁ ଯିବାକୁ ବାରଣ ଥିଲା
ସବୁ ପୂର୍ଣ୍ଣତା ଭିତରେ ଅପୂର୍ଣ୍ଣ ଜୀବନ।

+ ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧

# ଗ୍ରୀଷ୍ମ ଋତୁ

ସରସ୍ୱତୀ ମେହେର



ତପ୍ତ ରବିର କିରଣ ପଡେ ଝରି
ଧାରା ବିଚଳିତ ହୁଏ ଦିବାରେ
ନଦୀ, ନାଲ,ପୋଖରୀ ଯାଏ ଶୁଖି
ପଥିକ ଛାଇ ଖୋଜେ ବାଟରେ ।
ଗଛ ର ପତ୍ର ଝାଞ୍ଜି ପବନରେ
ହୋଇଯାଏ କ୍ଳାନ୍ତ, ଅଧିର
ପଶୁ,ପକ୍ଷୀ ,ଖୋଜବୁଲେ ଜଳ
ଟୋପାଏ ପାଣି ପାଇଁ ପ୍ରାଣ ବିକଳ।
ମାଟି ମାଆ ବାକ୍ଷ ଫାଟି ଫାଟି ଯାଏ
କୃଷକ ଦେଖି କରୁଣ ଚିତ୍କାର କରେ
ବର୍ଷା ପାଇଁ ସେ ଗୁହାରି ଲଗାଏ
ଆନନ୍ଦ ହୁଏ ବରଷା ଝରିଲେ ।
ଗାଁ ର ପିଲା ଆମ୍ବ ତୋଟା ରେ
ଆମ୍ବ ଖାଇ ମନ ତୃପ୍ତ କରେ
ଦୋଳି ବାନ୍ଧିଣ ଖେଳେ ଖୁସିରେ
ଗ୍ରୀଷ୍ମତାପକୁ ଭୁଲିବାକୁ ଚେଷ୍ଟା କରେ ।
ତାଳଟି ସୁଆଦିଆ,ରସ ଭାରିମଧୁର
ଥଣ୍ଡା ପାଣି ସହ,ବିଭିନ୍ନ ସର୍ବତ
ମନ ହୁଏ ଖୁସି ପାନ କରି ଏ ସବୁ
ସାହି ଯାଏ ଗ୍ରୀଷ୍ମ ର ପ୍ରତାପ ।
ସନ୍ଧ୍ୟା ହେଲେ ଆକାଶ ତଳେ
କୋଇଲି ଗାଏ ମଧୁର ତାନ
ଧିରେ ଧିରେ ଅନ୍ଧାର ଆସେ
ଶୀତଳ ପବନେ ମୋହିତ ମନ ।
ଗରମ ଆମକୁ କଷ୍ଟ ଦିଏ
ପ୍ରକୃତି ଆମକୁ ଶିକ୍ଷା ଦିଏ
ଧର୍ଯ୍ୟ ଧରି ରହିବାକୁ ହେବ
ବର୍ଷା ଆସିଲେ ଧାରା ବଦଳି ଯାଏ ।

+ଯୋଗିବାହାଲ,
ସିନାପାଲି,ନୂଆପଡ଼ା

# ଭଉଁା



ସୁଚରିତା ମହାନ୍ତି

ଭଉଁା ପାଇଁ ସଭିଏଁ ଏଠି
ହେଉଥାନ୍ତି ଛଡ଼ା ରାମ୍ପୁଡ଼ା
ବିଧାୟକ ନେତା ମନ୍ତ୍ରୀ ଯେତେ
କାଙ୍ଗାଳିଙ୍କର ଅଟନ୍ତି 'ବାପୁଡ଼ା'
ଭାରି ଲାଜ ଲାଗେ ସତେ
କହିବାକୁ ନିଜକୁ ମଣିଷ
'ଭଉଁା' ପାଇଁ ଯୋଗ୍ୟ ଯିଏ
ହେଉ ଅଛନ୍ତି ହନ୍ତସନ୍ତ
ଲୋଭ, ମଦ ନିଶାରେ ଚୁର୍
ଯେତେ ଏଠି ବଡ଼ ବଡ଼ିଆ
ଗୋଦରୀର କି ଗୁଣ ଗାଇବ କୁହ
ସବୁଯାକ ହୀନିମାନିଆ
ମାରି ନିଅନ୍ତି ମହାପାତ୍ରେ
ଚାହିଁ ରହିଥାନ୍ତି ଜଳକା
ଯୋଜନାରେ ଅନ୍ତ ନାହିଁ, ନାହିଁ କିଛି ବଳକା
ଭିଣିଭାଣି ଖାଇଗଲେଣି
ଦୁନିଆଁଟା ହେଲାଣି ସର୍ବନାଶ
ରହିବନି ଚିହ୍ନବର୍ଣ୍ଣ,
କାହାର ଅବା କେଉଁ ବାସ।
ମାତିଛନ୍ତି ଲୁଟେରା ଯେତେ
ନିତି ଲୁଟି ଖାଉଛନ୍ତି ।
ତଥାପି ତାଙ୍କ ଭୋକ ମେଣ୍ଟୁନାହିଁ
'ଭଉଁା'କୁ 'ଭାତ' କରି ଗିଳୁଥାନ୍ତି ।
ବାହାସ୍ଫୋଟ ମାରିବାରେ
କେହି କାହାଠାରୁ ଊଣା ଜମା ନୁହଁନ୍ତି ।
'ଭଉଁା' ନାମେ ଭିଆଇପି ଯେତେ
ଭିକ ମାଗି ଚଳନ୍ତି।
ମାଛ ତେଲରେ ମାଛ ଭଜା
ସେମାନଙ୍କୁ ଅଛି ଜଣା
ମିଛରେ ମଣିଷ ଏଠି ପେଲୁଥାଏ ଘଣା ।
'କଥା' ବଡ଼ 'ଭଉଁା' ନାହିଁ ଚୁପଚାପ୍ ରୁହ
ତମ ଠାରୁ ହୀନ ଯିଏ
ତାଙ୍କୁ 'ଭଉଁା' ଖାଇବାକୁ ଦିଅ ।

+ବାରିପଦା,ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨

# ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନଲାଇନ୍ ମତାମତ ଓ ମୂଲ୍ୟାୟନ ଗ୍ରହଣ ବ୍ୟବସ୍ଥା ଉନ୍ମୋଚିତ

ବଲାଙ୍ଗିର, ୨୪/୦୬ (ନି.ପ୍ର): ଓଡ଼ିଶାରେ ପ୍ରଥମ ଥର ପାଇଁ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅନଲାଇନ୍ ମତାମତ ଓ ମୂଲ୍ୟାୟନ ଗ୍ରହଣ ବ୍ୟବସ୍ଥା ଉନ୍ମୋଚିତ ହୋଇଯାଇଛି । ଏହାଦ୍ୱାରା ଡାକ୍ତରଖାନାକୁ ଆସୁଥିବା ରୋଗୀ ତଥା ସେମାନଙ୍କ ପରିଜନଙ୍କ ମତାମତ ଆଧାରରେ ଆହୁରି ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ ବୋଲି ଜଣାଯାଇଛି । ଏହି ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଡିଜିଟାଲ ସେବାର ଉନ୍ମୋଚନ ତଥା ଲୋକାର୍ପଣ କରିଥିଲେ । ପୂର୍ବରୁ ଏହି ସେବା ମେନୁଏଲ୍ ମାଧ୍ୟମରେ ହେଉଥିବା ଯୋଗୁଁ ରୋଗୀ ତଥା ସେମାନଙ୍କ ପରିଜନଙ୍କ ମଧ୍ୟରେ ଦ୍ୱନ୍ଦ ସୃଷ୍ଟି ହେଉଥିଲା । ଡିଜିଟାଲ ସିଷ୍ଟମରେ କ୍ୟୁଆର କୋଡକୁ ସ୍କାନ କରି ଲୋକେ ସ୍ୱକୀୟ ମତାମତ ଦେଇପାରିବେ, ଯେଉଁଥିରେ କି କୌଣସି ଓଟିପିର ଆବଶ୍ୟକତା ନାହିଁ । ହସ୍ପିଟାଲରେ ଉପଲବ୍ଧ ଔଷଧ ବିତରଣ ସେବା ସାଙ୍ଗକୁ ସଫାସୁତୁରା, ଅନ୍ତଃ ବିଭାଗ, କର୍ମଚାରୀଙ୍କ ବ୍ୟବହାର, ରୋଗୀ ସେବାରେ ବିଳମ୍ବ ସମେତ ସମସ୍ତ ବିଭାଗର ସେବା ଉପରେ ରୋଗୀ ତଥା ସେମାନଙ୍କ ପରିଜନ ମତାମତ ଉପସ୍ଥାପନ କରିପାରିବେ । ସେମାନଙ୍କ ମତାମତକୁ ଆଧାର କରି ପରବର୍ତ୍ତୀ ସମୟରେ ଡାକ୍ତରଖାନାର ଆହୁରି ଉନ୍ନତି ପାଇଁ ପଦକ୍ଷେପ ନିଆଯାଇପାରିବ ବୋଲି ହସ୍ପିଟାଲ ଅଧିକ୍ଷକ ଡ. ଶେଖରଲାଲ ପଧାନ ସୂଚନା ଦେଇଛନ୍ତି । କାୟାକଳ୍ପ ଯୋଜନାରେ ଲୋଇସିଂହା ଡାକ୍ତରଖାନାକୁ ମିଳିଥିବା ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ଅର୍ଥକୁ ଏହି ସେବାରେ ବିନିଯୋଗ କରାଯାଇଥିବା ଜଣାଯାଇଛି । ଏହି ଲୋକାର୍ପଣ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପୁଷ୍ପାଞ୍ଜଳି ମିଶ୍ର, ଡ. ସଞ୍ଜୀବ କୁମାର ବିଶ୍ୱାଳ, ଡ. ଶୁଭେନ୍ଦୁ ପଧାନ, ଡ. ଯଶୋବନ୍ତ ପାଢ଼ୀଙ୍କ ସମେତ ଡାକ୍ତରଖାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଲୋକଙ୍କୁ ସୁବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ପୂର୍ବରୁ ଅନେକ ଉଦାହରଣ ସୃଷ୍ଟି କରିଥିବା ହସ୍ପିଟାଲ ଅଧିକ୍ଷକ ଡା. ଶେଖରଲାଲ ପଧାନଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି ।

# ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ଖୋର୍ଦ୍ଧା, ୨୪/୦୬ (ନି.ପ୍ର): ଆଜି ଆନ୍ତର୍ଜାତିକ ଯୋଗ ଦିବସ। ୨୦୧୪ମସିହାରେ ଆଜିର ଦିନରେ ଭାରତ ତରଫରୁ ଆଗତ ଏହି ଯୋଗ ଦିବସ ପାଳନ କୁ ସାରାବିଶ୍ୱରେ ୨୦୦ରୁ ଉର୍ଦ୍ଧ୍ୱ ଦେଶ ସମର୍ଥନ କରିଥିଲେ। ୨୦୧୫ ମସିହା ଠାରୁ ସେଇ ଦିନ ଠାରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହେଉଛି। ଆଜି ସାରା ଦେଶରେ ଦ୍ୱାଦଶ ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହେଉଛି। ଏହି ଅବସର ରେ ଖୋର୍ଦ୍ଧା ର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ସିଗମା ପବ୍ଲିକ ସ୍କୁଲ ପରିସର ରେ ପାତଞ୍ଜଳି ଯୋଗ ସମିତି ଆନୁକୁଲ୍ୟରେ ଯୋଗ ଦିବସ ପାଳନ ହୋଇଯାଇଛି। ସମିତି ଆବାହକ ସୀତାକାନ୍ତ ପଣ୍ଡା, ଯୋଗ ଗୁରୁ ଗୌରାଙ୍ଗ ମଣ୍ଡଳ, ହୁସେନ ମିଶ୍ର ପ୍ରମୁଖ ଛାତ୍ର ଛାତ୍ରୀ ମାନଙ୍କୁ ଯୋଗ, ପ୍ରାଣାୟାମ ଶିକ୍ଷା ପ୍ରଦାନ କରିଥିଲେ। ଯୋଗାସାନ ଦ୍ୱାରା ଛାତ୍ର ସମାଜ ଏକ ଶୃଙ୍ଖଳିତ, ସୁନ୍ଦର ନିରୋଗ ଜୀବନ ଲାଭ କରିବା ସହ ଲକ୍ଷ ହାସଲ କରି ପାରିବେ ବୋଲି ମତ ଦେଇଥିଲେ। ସୂର୍ଯ୍ୟ ନମସ୍କାର, ଭ୍ରାମରି, ଅନୁଲୋମ ବିଲମ୍, ସହିତ ବିଭିନ୍ନ ମୁଦ୍ରା ରେ ପିଲାଠାରୁ ବଡ ସମସ୍ତେ ଯୋଗାଭ୍ୟାସ କରିଥିଲେ। ପ୍ରତିଦିନ ଛାତ୍ର ଛାତ୍ରୀ ଙ୍କ ଠାରୁ ଆରମ୍ଭ କରି ସମସ୍ତେ ୧୫ମିନିଟ୍ ରୁ ଅଧିକ ସମୟ ଯୋଗାଭ୍ୟାସ କରିବା ଉଚିତ୍ ବୋଲି ଯୋଗ ଗୁରୁ ପରାମର୍ଶ ଦେଇଥିଲେ। ଏହି ଯୋଗ ଶିବିର ରେ ଅନୁଷ୍ଠାନ ର ଛାତ୍ର ଛାତ୍ରୀ ଙ୍କ ସହ ଅଭିଭାବକ ମାନେ ଯୋଗ ଦେଇଥିଲେ। ଅନୁଷ୍ଠାନ ର ଚେୟାରମ୍ୟାନ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଙ୍କ ଆବାହକ ରେ ଆୟୋଜିତ ଏହି ଯୋଗ ଦିବସ ରେ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ , ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇ ପରିଚାଳନା କରିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ପ୍ରକଳ୍ପ ନିଶ୍ଚୟ ମାଧ୍ୟମରେ ସୁରକ୍ଷା ସଂସ୍କୃତିର ରୂପାନ୍ତରଣ



ରାଉରକେଲା, ୨୪/୦୬ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ୍.ପି.) ଏହାର ସୁରକ୍ଷା ସଂସ୍କୃତି ରୂପାନ୍ତରଣ ପଦକ୍ଷେପ ସ୍ୱରୂପ, ପ୍ରକଳ୍ପ ନିଶ୍ଚୟ ମାଧ୍ୟମରେ ଏକ ଦୁର୍ଘଟଣା-ମୁକ୍ତ କାର୍ଯ୍ୟସ୍ଥଳ ସୃଷ୍ଟି କରିବା ଲାଗି ନିଜର ପ୍ରତିବଦ୍ଧତାକୁ ମଜଭୁତ କରି ଚାଲିଛି। ପ୍ରକଳ୍ପ ନିଶ୍ଚୟ କୁ ସମଗ୍ର କାରଖାନାରେ ସୁରକ୍ଷା ସଂସ୍କୃତିକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖି ଏକ ବ୍ୟାପକ ପଦକ୍ଷେପ ଭାବେ ଆରମ୍ଭ କରାଯାଇଥିଲା। ଜୁଲାଇ ୨୦୨୨ରେ କରାଯାଇଥିବା ବେସଲାଇନ୍ ସୁରକ୍ଷା ସଂସ୍କୃତି ପରିପକ୍ୱତା ସର୍ଭେ ଇଙ୍ଗିତ କରିଥିଲା ଯେ ଆର.ଏସ୍.ପି.ର ସୁରକ୍ଷା ସଂସ୍କୃତି ପ୍ରତିକ୍ରିୟାଶୀଳ ସ୍ତରରୁ ପ୍ରଗତିଶୀଳ ସ୍ତର ଆଡ଼କୁ ଅଗ୍ରଗତି କରୁଛି । ଏହି ଅଗ୍ରଗତିକୁ ତ୍ୱରିତ କରି 'ଦୁର୍ଘଟଣା-ମୁକ୍ତ ଇସ୍ପାତ' ର ଲକ୍ଷ୍ୟ ନିକଟତର ହେବାର ଉଦ୍ଦେଶ୍ୟରେ ଉକ୍ତ ପ୍ରକଳ୍ପକୁ ପରବର୍ତ୍ତୀ ସମୟରେ ଡିଜାଇନ କରାଯାଇଥିଲା। ପ୍ରକଳ୍ପ ନିଶ୍ଚୟ ଅଧୀନରେ ଚାଲିଥିବା ନିରବଚ୍ଛିନ୍ନ ପ୍ରୟାସର ଅଂଶ ରୂପେ, ସେଫ୍ଟି ଇଞ୍ଜିନିୟରିଂ ବିଭାଗ କାରଖାନା ମଧ୍ୟରେ କର୍ମଚାରୀଙ୍କ ଲାଗି କ୍ଷମତା ଏବଂ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରୁଅଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କ୍ଷେତ୍ର ଯଥା ଉଚ୍ଚତାରେ କାର୍ଯ୍ୟ, ସୀମିତ ସ୍ଥାନ ସୁରକ୍ଷା, ବିଦ୍ୟୁତ ସୁରକ୍ଷା, ସଡ଼କ ସୁରକ୍ଷା, କାର୍ଯ୍ୟ ଅନୁମତି, ସାମଗ୍ରୀ ପରିଚାଳନା, ଘଟଣା ରିପୋର୍ଟିଂ ଏବଂ ବ୍ୟବହାରିକ ସୁରକ୍ଷା ଉପରେ ଧ୍ୟାନ ଦେଇଥାଏ। ଏଯାବତ ଅଧିକାରୀଙ୍କ ସମେତ ସମୁଦାୟ ୯୬୩୩ କର୍ମଚାରୀ ଏହି ପ୍ରଶିକ୍ଷଣ ଅଧୀନରେ ପ୍ରଶିକ୍ଷିତ ।

ଏହି ପ୍ରଶିକ୍ଷଣ ପଦକ୍ଷେପର ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତା ହେଉଛି ଆଗମେଣ୍ଟେଡ୍ ରିଆଲିଟି (ଏ ଆର) ଏବଂ ଭର୍ଚୁଆଲ ରିଆଲିଟି (ଭି ଆର) ପ୍ରଯୁକ୍ତିର ବ୍ୟବହାର, ଯାହା କର୍ମଚାରୀମାନଙ୍କୁ ଏକ ସୁରକ୍ଷିତ ଓ ନିୟନ୍ତ୍ରିତ ପରିବେଶରେ ସିମୁଲେଟେଡ୍ ଉଚ୍ଚ-ବିପଦ ପରିସ୍ଥିତିକୁ ଅନୁଭବ କରିବା ଏବଂ ପ୍ରତିକ୍ରିୟା ଦେବାର ସୁବିଧା ଦେଇଥାଏ। ବ୍ୟବହାରିକ ପ୍ରଦର୍ଶନ, କେସ ଷ୍ଟଡି, ପାରସ୍ପରିକ ଅଧିବେଶନ ଏବଂ ନିୟମିତ ମୂଲ୍ୟାୟନ ମାଧ୍ୟମରେ, କର୍ମଚାରୀମାନଙ୍କୁ ବିପଦ ଚିହ୍ନଟ, ବିପଦ ମୂଲ୍ୟାୟନ ଏବଂ ସ୍ଥାପିତ ସୁରକ୍ଷା ପ୍ରୋଟୋକଲ ଅନୁସରଣ କରିବା ଲାଗି ଆବଶ୍ୟକ ଜ୍ଞାନ ଓ କୌଶଳରେ ସୁସଜ୍ଜିତ କରାଯାଉଅଛି।

ଏହି ପଦକ୍ଷେପ ସମଗ୍ର କାରଖାନା ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ମଜଭୁତ କରିବା ଏବଂ କାର୍ଯ୍ୟସ୍ଥଳ ସୁରକ୍ଷା ମାନକକୁ ନିରନ୍ତର ଉନ୍ନତ କରିବା ଉପରେ ଆର.ଏସ୍.ପି.ର ଧ୍ୟାନକୁ ପ୍ରତିଫଳିତ କରୁଛି ।

# ଲିଜ୍‌ରେ ଟ୍ରାକ୍ଟର ନେଇ ଠକୁଥିଲେ ଠକ ଲିଜଧାରୀ: ବିକ୍ରିପାଇଁ କରିଥିଲେ ଯୋଜନା, କାବୁକରି ପୋଲିସରେ ଜିମାଦେଲେ ଟ୍ରାକ୍ଟର ମାଲିକ



ନୀଳଗିରି , ୨୪/୦୬ (ନି.ପ୍ର): ଏକାଧିକ ଟ୍ରାକ୍ଟରକୁ ଲିଜନେଇ ମାଲିକଙ୍କୁ ଟଙ୍କାନଦେଇ ଫାଙ୍କି ଚାଲିଥିଲେ ଜଣେ ଲିଜଧାରୀ ଠକ। ତେବେ ୧୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟରମାଲିକଙ୍କ ସମ୍ମିଳିତ ଉଦ୍ୟମରେ ଠକ ଲିଜଧାରିଙ୍କୁ କାବୁକରି ପୋଲିସରେ ଜିମାଦେବା ପରେ ଠକଙ୍କ କଳାକାରନାମା ସାମ୍ନାକୁ ଆସିଛି। ଏନେଇ ଠିକାଦାରଙ୍କ ନାମରେ ନୀଳଗିରି ଥାନାରେ ତିନିଟି ପୃଥକ ଅଭିଯୋଗ ହୋଇଥିବା ଜଣାଯାଇଛି।ସୂଚନା ମୁତାବକ ନୀଳଗିରି ଥାନା ଅଧୀନ ଚଟ୍ରିଖୁଣ୍ଟା ଗ୍ରାମର ଯୁବକ ଯୋଗେଶ ନାୟକ ୧୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ଭିନ୍ନ ଭିନ୍ନ ମାଲିକଙ୍କ ଠାରୁ ଗାଡି ଲିଜ୍ ରେ ଆଣିଥିଲେ।ଗାଡିମାଲିକ ମାନଙ୍କୁ ମାସିକ କେତେଟଙ୍କା ଦେବେ କେତେ ଦିନପାଇଁ ଟ୍ରାକ୍ଟର ଲିଜ୍ ରେ ନେବେ ତାର ଏଗ୍ରିମେଣ୍ଟ ମଧ୍ୟ କରିଥିଲେ।ହେଲେ ଯୋଗେଶ ମାଲିକମାନଙ୍କୁ ମାସିକ ଟଙ୍କାପ୍ରଦାନ କରୁନଥିଲେ। ଫଳରେ ମାଲିକମାନେ ସନ୍ଦେହକରି ଟ୍ରାକ୍ଟର କେଉଁଠି କାମରେ ଲାଗିଛି ଦେଖିବୁ ବୋଲି ପଚାରିଥିଲେ।ହେଲେ ଯୋଗେଶ ସଠିକ୍ ଉତ୍ତର ନଦେଇ ଫୋନସୁଇଚ ଅଫ କରି ଗାୟବ ହୋଇଯାଇଥିଲେ। ପରେ ନୀଳଗିରି ଥାନାରେ ସମସ୍ତ ମାଲିକମାନେ ଅଭିଯୋଗ କରିବାସହ କୌଶଳକ୍ରମେ ଯୋଗେଶଙ୍କୁ ଧରି ନୀଳଗିରି ଥାନାର ଜିମା ଦେଇଥିଲେ। ନୀଳଗିରି ପୋଲିସ ଯୋଗେଶଙ୍କୁ ଅଟକରଖି ତଦନ୍ତ ଜାରି ରଖିଛି।ଟ୍ରାକ୍ଟର ଗୁଡିକୁ ଯୋଗେଶ ଲିଜ୍ ରେ ନେଇ ବିକ୍ରିକରିଦେବା ପାଇଁ ଯୋଜନା କରୁଥଲା ବୋଲି କହିଛନ୍ତି ଟ୍ରାକ୍ଟର ମାଲିକ।

# ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ କଥା ହେଲେ ଡିଇଓ ସୁଧାଂଶୁ ଶେଖର ମିଶ୍ର

ବଲାଙ୍ଗିର, ୨୪/୦୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପରିଦର୍ଶନ କରିଥିଲେ। ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ପର୍ଶୁରାମ ହାଇସ୍କୁଲ,କୁଡାସିଂହା, ସଚ୍ଚିଦାନନ୍ଦ ହାଇସ୍କୁଲ, ଭୁଡିଆରବାହାଲ ଓ ପଞ୍ଚାୟତି ହାଇସ୍କୁଲ, ମୁରିବାହାଲ କୁ ପରିଦର୍ଶନ କରି ବିଦ୍ୟାଳୟ ଗୁଡିକର ଶିକ୍ଷାଦାନ ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ପରୀକ୍ଷା ଫଳାଫଳ ଓ ବିଭିନ୍ନ ଭିତ୍ତିଭୂମି ସୁବିଧାର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ସେ ଶ୍ରେଣୀଗୃହ ବୁଲି ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ପାଠ ପଢ଼ାର ମାନ ଯାଞ୍ଚ କରିଥିଲେ। ବିଦ୍ୟାଳୟର ପରିମଳ ବ୍ୟବସ୍ଥା,ପାନୀୟ ଜଳ, ଗ୍ରନ୍ଥାଗାର,ବିଜ୍ଞାନ ପ୍ରୟୋଗଶାଳା ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ତଦାରଖ କରିଥିଲେ।ଶିକ୍ଷକ ମାନଙ୍କ ସହ ଆଲୋଚନା ବେଳେ ଡିଇଓ ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କ ମୌଳିକ ଶିକ୍ଷଣ ଦକ୍ଷତା ବୃଦ୍ଧି,ନିୟମିତ ଶ୍ରେଣୀ ଶିକ୍ଷାଦାନ ଓ ଶତପ୍ରତିଶତ ଉପସ୍ଥାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ଶିକ୍ଷା କ୍ଷେତ୍ରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ ଭାବେ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଥିଲେ।ପରିଦର୍ଶନ ସମୟରେ ପର୍ଶୁରାମ ହାଇସ୍କୁଲ କୁଡାସିଂହା ର ପ୍ରଧାନ ଶିକ୍ଷକ ଦିଲୀପ ବେହେରା, ଭୁଡିଆରବାହାଲ ହାଇସ୍କୁଲ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସିକତା ପଟେଲ ଓ ପଞ୍ଚାୟତି ହାଇସ୍କୁଲ, ମୁରିବାହାଲ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ବାଗ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବିଦ୍ୟାଳୟ ର ଶୈକ୍ଷିକ କାର୍ଯ୍ୟକଳାପ,ପରୀକ୍ଷା ଫଳାଫଳ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ।ମୁରିବାହାଲ ହାଇସ୍କୁଲ ପରିଦର୍ଶନ ସମୟରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିହାରୀ ମଧ୍ୟ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା

ଝାରସୁଗୁଡ଼ା, ୨୪/୦୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ଚାଲିଥିବା ୧୫ ଦିନିଆ (୧୨.୦୬.୨୦୨୬ ରୁ ୨୬.୦୬.୨୦୨୬) ଶିଶୁ ଶ୍ରମିକ ନିରାକରଣ ସପ୍ତାହ ସଚେତନତା ଅଭିଯାନର ଏକ ଅଂଶସ୍ୱରୂପ ଆଜି ଏକ ବିଶାଳ ଗଣ ସଚେତନତା ପଦଯାତ୍ରା 'ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା' ଆୟୋଜିତ ହୋଇଯାଇଛି। ସାଧାରଣ ଜନତା ଏବଂ ବିଭିନ୍ନ ବିଭାଗୀୟ ଅଂଶୀଦାରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ସଚେତନତା ଶୋଭାଯାତ୍ରା ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ପୁରୁଣା ବସଷ୍ଟାଣ୍ଡ (ଗାନ୍ଧୀ ଛକ) ପର୍ଯ୍ୟନ୍ତ ଯାଇଥିଲା। ଏହି ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଝାରସୁଗୁଡ଼ା ବ୍ରଜ ବନ୍ଧୁ ଭୋଇ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଆଂଚଳିକ ଶ୍ରମ କମିଶନର, ଜିଲ୍ଲା ଶ୍ରମ ଅଧିକାରୀ ଝାରସୁଗୁଡ଼ା ଏବଂ କୋଲାବିରା, କିରିମିରା, ଝାରସୁଗୁଡ଼ା ଓ ଲଖନପୁର ବ୍ଲକର ସହକାରୀ ଶ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଅଂଚଳର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନର ସକ୍ରିୟ ସ୍ୱେଚ୍ଛାସେବୀମାନେ ମଧ୍ୟ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ସମୟରେ ଟ୍ରାଫିକ ଏବଂ ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଟାଉନ ଥାନା ପୋଲିସ ପକ୍ଷରୁ ସୁରକ୍ଷା କର୍ମୀ ମୁତୟନ କରାଯାଇଥିଲା। ପଦଯାତ୍ରା ସମୟରେ ଶ୍ରମ ବିଭାଗର ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ମାନେ ଜନସାଧାରଣଙ୍କୁ ଶିଶୁ ଶ୍ରମ ନିରୋଧ ଆଇନ ସମ୍ପର୍କିତ ବିଭିନ୍ନ ସୂଚନା, ଶିକ୍ଷା ଓ ଯୋଗାଯୋଗ ସାମଗ୍ରୀ ଏବଂ ଲିଫ୍ଲେଟ୍ ବଂଟନ କରିଥିଲେ। ଏହା ସହିତ ସ୍ଥାନୀୟ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକ, ହୋଟେଲ ଓ ଢାବା ମାଲିକମାନଙ୍କୁ 'ଶିଶୁ ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ' ଅନୁଯାୟୀ ଶିଶୁମାନଙ୍କୁ କାମରେ ନିୟୋଜିତ କଲେ ମିଳୁଥିବା କଠୋର ଆଇନଗତ ଦଣ୍ଡ ଓ ଜରିମାନା ବିଷୟରେ ଚେତାବନୀ ଦେଇ ସଚେତନ କରାଯାଇଥିଲା। ପିଲାମାନଙ୍କର ମୌଳିକ ଶିକ୍ଷା ଅଧିକାର ଉପରେ ଗୁରୁତ୍ୱ ଦେବା ସହ କୌଣସି ସ୍ଥାନରେ ଶିଶୁ ଶ୍ରମିକ ନିୟୋଜିତ ହେଉଥିବାର ଦେଖିଲେ ତୁରନ୍ତ ଏ ବାବଦରେ ପ୍ରଶାସନ ବା ଚାଇଲ୍ଡଲାଇନକୁ ସୂଚନା ଦେବା ପାଇଁ ସମାଜର ସବୁ ବର୍ଗର ଲୋକଙ୍କୁ ଅନୁରୋଧ କରାଯାଇଛି।

# ସମାସିଂହାରେ ବିକାଶ ଯୋଜନାର ସଫଳତା ପ୍ରଦର୍ଶନ: ବଂଟନ ହେଲା ବିଭିନ୍ନ ସରକାରୀ ସୁବିଧା

ଝାରସୁଗୁଡ଼ା, ୨୪/୦୬ (ନି.ପ୍ର): କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ପଂଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ମଙ୍ଗଳବାର 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାସିଂହା ପଂଚାୟତରେ ଚାଲିଥିବା ବିଭିନ୍ନ ବିକାଶମୂଳକ ଯୋଜନା ଓ ସେଗୁଡ଼ିକର ସଫଳତା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସରପଂଚ ସୁରଭି ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ପ୍ରତିନିଧି ଅରୁଣ କୁମାର ବେହେରା ଏବଂ ସାଂସଦ ପ୍ରତିନିଧି ସଞ୍ଜୟ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଓ ତାହାର ସୁଫଳ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ରାଜେଶ ରୋଶନ ଗୁଡ଼ିଆ, ସହାୟକ ଯନ୍ତ୍ରୀ ରୀନା ମହାନନ୍ଦ ଏବଂ ଏପିଓ ଦେବଙ୍କର ଦେବନାଥ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀମାନଙ୍କୁ କାର୍ଡ ବଂଟନ କରାଯିବା ସହ ସୁଭଦ୍ରା ଶକ୍ତି ସମାବେଶ ଆୟୋଜିତ ହୋଇଥିଲା। ସେହିପରି ଅଙ୍ଗନୱାଡ଼ି କର୍ମୀମାନଙ୍କୁ ମୋବାଇଲ ଫୋନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

# ରାଜସ୍ୱ କର୍ମଚାରୀଙ୍କ ମିଶନ ସ୍ୱାଭିମାନ: ୨୫ରୁ ଅନଲାଇନ କାର୍ଯ୍ୟ ବନ୍ଦ, ଜୁଲାଇ ୧ରୁ ଗଣଛୁଟି ଚେତାବନୀ

ମାଲକାନଗିରି, ୨୪/୦୬ (ନି.ପ୍ର): ରାଜ୍ୟରେ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ ସାଜିଥିବା କ୍ଷେତ୍ର କର୍ମଚାରୀମାନେ ଏବେ ତୀବ୍ର ଅସନ୍ତୋଷ ମଧ୍ୟ ଦେଇ ଗତି କରୁଛନ୍ତି। ଅମାନୁଷିକ କାର୍ଯ୍ୟଭାର, ଭିତିଭୂମିର ଅଭାବ ଏବଂ ଦୀର୍ଘ ଦିନରୁ ପଡ଼ି ରହିଥିବା ଦାବି ପୂରଣ ନହେବା ପ୍ରତିବାଦରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ଆନ୍ଦୋଳନ ପାଇଁ ରଣନୀତି ପ୍ରସ୍ତୁତ ହୋଇଛି। ସଂଘ ମିଶନ ସ୍ୱାଭିମାନ ବ୍ୟାନରରେ ଆସନ୍ତା ୨୨ ଜୁନରୁ କଳାବ୍ୟାଜ୍ ପରିଧାନ କରିଥିବା ବେଳେ ୨୫ ଜୁନ୍‌ରୁ ସମସ୍ତ ସରକାରୀ ହ୍ୱାଟ୍ସଆପ୍ ଗ୍ରୁପ୍ ଛାଡ଼ିବା ସହ ଅନଲାଇନ କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ ଦେଇଛି। ଏହାପରେ ମଧ୍ୟ ଦାବି ପୂରଣ ନହେଲେ ଜୁଲାଇ ୧ ତାରିଖରୁ ସମୂହ ଛୁଟି ଓ ଗଣଇସ୍ତଫା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଜରିଆରେ ଜଣାଇ ଦିଆଯାଇଛି। ୫୦% କର୍ମଚାରୀଙ୍କୁ ନେଇ ଚାଲିଛି କାମ, ସରକାର ବଂଚାଇଲେଣି ୭୧୫ କୋଟି, ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ୯,୯୧୦ଟି ପଦବୀ ମଧ୍ୟରୁ ୪,୫୬୬ଟି ପଦବୀ (ପ୍ରାୟ ୪୬%) ଖାଲି ପଡ଼ିଛି। ମାତ୍ର ୫୦% କର୍ମଚାରୀଙ୍କୁ ନେଇ ସରକାର ୨୦୦% କାର୍ଯ୍ୟ ହାସଲ କରୁଛନ୍ତି। ବିଗତ ୩ ବର୍ଷ ଧରି ନିଯୁକ୍ତି ନହେବା, ଗ୍ରୁପ୍-ଡି କର୍ମଚାରୀ ନରହିବା, ମୋବାଇଲ୍ ଓ ଯାତ୍ରା ଭତା ନମିଳିବା କାରଣରୁ ସରକାରଙ୍କ ରାଜକୋଷରୁ ପ୍ରାୟ ୭୧୫.୭୩ କୋଟି ଟଙ୍କା ବଂଚିତ ହୋଇଛି, ଯାହା କ୍ଷେତ୍ର କର୍ମଚାରୀ ନିଜ ପକେଟରୁ ଖର୍ଚ୍ଚ କରୁଛନ୍ତି। ଆର.ଆଇ ଓ ଅମିନଗ୍ରୁପ୍-ଡି କର୍ମଚାରୀ ନଥିବାରୁ ରାଜସ୍ୱ ନିରୀକ୍ଷକ ଓ ଅମିନମାନେ ନିଜେ ଅଫିସ୍ ସଫା କରିବା ଠାରୁ ଆରମ୍ଭ କରି ନୋଟିସ୍ ବାଂଟିବା ଓ ବିଦ୍ୟୁତ୍ ବିଲ୍ ମଧ୍ୟ ନିଜ ପକେଟରୁ ଦେଉଛନ୍ତି। ଏଥିସହ ୨୦୨୪ ଡିସେମ୍ବର ମାସରୁ ପ୍ରାୟ ୧୧.୩୧ କୋଟି ଟଙ୍କାର ଯାତ୍ରା ଭତା ଏବଂ ଗତ ୩ ବର୍ଷର ମୋବାଇଲ୍ ଭତା ବାକି ରହିଛି। ବିନା ଇଣ୍ଟରନେଟ୍ ସୁବିଧା, ଲାପଟପ୍ ବା ପ୍ରିଂଟରରେ କର୍ମଚାରୀମାନେ ନିଜସ୍ୱ ଖର୍ଚ୍ଚରେ ମ୍ୟୁଟେସନ, ପ୍ରମାଣପତ୍ର ଓ ଇ-ପାଉତି ଭଳି ଗୁରୁତ୍ୱପୂର୍ଣ୍ଣ ଅନଲାଇନ କାମ କରୁଛନ୍ତି। ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ଆର.ଆଇ ଓ କ୍ଷେତ୍ର କର୍ମଚାରୀଙ୍କୁ ସୁଭଦ୍ରା ଯୋଜନା, ଧାନ ସଂଗ୍ରହ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ଯାଂଚ୍ ଏବଂ ଓପିଆଇଡି ଭଳି ଅଣ-ରାଜସ୍ୱ କାର୍ଯ୍ୟରେ ବ୍ୟସ୍ତ ରଖାଯାଉଛି। ଏହାଦ୍ୱାରା ସେମାନେ ଦୈନିକ ୧୨ ଘଂଟାରୁ ଅଧିକ ସମୟ କାମ କରିବାକୁ ବାଧ୍ୟ ହେଉଛନ୍ତି, ଯାହା ସେମାନଙ୍କର ପାରିବାରିକ ଜୀବନକୁ ନଷ୍ଟ କରୁଛି ଓ ସମ୍ବିଧାନର ଧାରା ୨୧ (ଜୀବନ ଜୀବିକାର ଅଧିକାର)କୁ କ୍ଷୁର୍ଣ୍ଣ କରୁଛି ।ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ାଯାଇ ନିମ୍ନଲିଖିତ ଦାବି ଉପସ୍ଥାପନ କରାଯାଇଛି। ତୁରନ୍ତ ପ୍ରଶାସନିକ ସମାଧାନ (୩୦ ଦିନ ମଧ୍ୟରେ): (କଲମ-୨ ସଂଶୋଧନ) କାର୍ଯ୍ୟକ୍ରମରୁ ବାଧ୍ୟତାମୂଳକ ଟାର୍ଗେଟ ହଟାଇବା ଓ ଅତିରିକ୍ତ କର୍ମଚାରୀ (ରାଜସ୍ୱ ସାଥୀ) ନିଯୁକ୍ତ କରିବା। ଅଣ-ରାଜସ୍ୱ କାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିବା। ସମସ୍ତ ଆର.ଆଇ ଅଫିସକୁ ଲାପଟପ୍, ପ୍ରିଂଟର, ଇଂଟରନେଟ୍ ଏବଂ ବାର୍ଷିକ ୨୫,୦୦୦ ଟଙ୍କାର ଆକସ୍ମିକ ପାଣ୍ଠି ପ୍ରଦାନ। ବାକି ଥିବା ଯାତ୍ରା ଭତା ଏବଂ ମାସିକ ୧,୦୦୦ ଟଙ୍କା ମୋବାଇଲ୍ ଭତା ପ୍ରଦାନ। ରବିବାର ଓ ସରକାରୀ ଛୁଟିଦିନରେ କାର୍ଯ୍ୟଭାର ବନ୍ଦ କରିବା। ମୁଖ୍ୟ ଦାବି ୩ ମାସ ମଧ୍ୟରେ କ୍ୟାଡରର ସମ୍ପୂର୍ଣ୍ଣ ପୁନର୍ଗଠନ ଓ ତୁରନ୍ତ ଡିପିସି ବୈଠକ ଆୟୋଜନ।

# ପବିତ୍ର ଘୋଷଯାତ୍ରା ଉପଲକ୍ଷେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ: ଶୃଙ୍ଖଳିତ ନୀତିକାନ୍ତି ଓ ଜନସାଧାରଣଙ୍କ ସୁବିଧା ଉପରେ ଗୁରୁତ୍ୱ



ନୀଳଗିରି , ୨୪/୦୬ (ନି.ପ୍ର): ସ୍ଥାନୀୟ ପଞ୍ଚାୟତସମିତି ସମ୍ମିଳନୀକକ୍ଷରେ ପବିତ୍ର ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବାପାଇଁ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ଅଧକ୍ଷତାରେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାନ୍ୟବର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ଗୋଷ୍ଠୀଉନ୍ନୟନ ଅଧିକାରୀ ବିକ୍ରମକେଶରୀ ପରିଡ଼ା,ଏନ୍.ଏ.ସି ନିର୍ବାହୀଅଧିକାରୀ ଅଂଶୁମାନ ପରିଡ଼ା,ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନା,ଏନ୍.ଏ.ସି କାର୍ଯ୍ୟନିର୍ବାହୀ ଅଧକ୍ଷ ମହେନ୍ଦ୍ରନାଥ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାପରେ ଏହି ପବିତ୍ର ଘୋଷଯାତ୍ରାକୁ ଶାନ୍ତି, ଶୃଙ୍ଖଳା ଓ ସୁଚାରୁରୂପେ ସମ୍ପନ୍ନ କରିବାପାଇଁ ଅଧକ୍ଷ ଶ୍ରୀମତୀ ରଥ ଉପସ୍ଥିତ ସମସ୍ତ ସଦସ୍ୟା/ସଦସ୍ୟ ମାନଙ୍କ ସହଯୋଗ କାମନା କରିଥିଲେ। ପ୍ରଥମେ ରଥନିର୍ମାଣର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ଆସନ୍ତା ୧୦ତାରିଖ ସୁଦ୍ଧା ସମସ୍ତ ନିର୍ମାଣକାର୍ଯ୍ୟ ସମ୍ପନ୍ନହେବ ବୋଲି ମୁଖ୍ୟ ମହାରଣା ପ୍ରକାଶ କରିଥିଲେ। ଆଇନଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ସହ ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜଳ ଓ ବିଦ୍ୟୁତସେବା ନିରବିଚ୍ଛିନ୍ନ ଭାବେ ଜାରିରଖିବା ସହ ଶ୍ରଦ୍ଧାଳୁଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପାନୀୟଜଳ ଯୋଗାଣ, ଜନସମାଗମକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବାପାଇଁ ଏକ ଅସ୍ଥାୟୀ ପ୍ରାଥମିକ ଚିକିତ୍ସାକେନ୍ଦ୍ର ଏବଂ ଯାତ୍ରୀମାନଙ୍କ ସୁବିଧାପାଇଁ ଏକ ଅସ୍ଥାୟୀ ସୂଚନାକେନ୍ଦ୍ର ଖୋଲାଯିବା ପାଇଁ ନିଷ୍ପତି ହୋଇଛି। ରଥଯାତ୍ରା ସମୟରେ ସହରର ଗାରିମା ରକ୍ଷା କରିବାପାଇଁ ଆଇନଶୃଙ୍ଖଳା ରକ୍ଷା ଏବଂ ଶାନ୍ତିପୂର୍ଣ୍ଣ ବାତାବରଣ ପାଇଁ ରଥଯାତ୍ରା ଓ ବାହୁଡ଼ାଯାତ୍ରା ସମୟରେ ୩ଦିନ ଲେଖାଏଁ ସମ୍ପୃକ୍ତ ଅଞ୍ଚଳରେ ଏବଂ ବଡ଼ଦାଣ୍ଡ ଆଖପାଖରେ ଥିବା ସମସ୍ତ ଦେଶୀ ଓ ଦେଶୀମଦ ଦୋକାନ, ଆମିଷ ଏବଂ ରଙ୍ଗବୋଳା ଭୋଗସାମଗ୍ରୀ ଉପରେ କଟକଣା ଜାରି ପାଇଁ ପ୍ରଚାର କରାଯାଇ ଅବଗତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏତଦ୍ ଭିନ୍ନ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ସହରର ପ୍ରମୁଖ ସ୍ଥାନମାନଙ୍କରେ ଓ ବଡ଼ଦାଣ୍ଡ ପାର୍ଶ୍ୱରେ ପର୍ଯ୍ୟାପ୍ତ ଅସ୍ଥାୟୀ ଭ୍ରାମ୍ୟମାଣ ପରିସ୍ରାଗାର ତିଆରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସହର ଏବଂ ମୁଖ୍ୟରାସ୍ତା ଗୁଡ଼ିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଅଳିଆ ଆବର୍ଜନା ସଫାକରାଯିବା ଉପରେ ଗୁରୁତ୍ୱ ଦେବାକୁ ସିଦ୍ଧାନ୍ତ ହୋଇଛି। ରଥ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଓ ପାରମ୍ପରିକ ନୃତ୍ୟଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାପାଇଁ ନିଷ୍ପତ୍ତି ହୋଇଛି। ପବିତ୍ର ଘୋଷଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କସୁରକ୍ଷା ଓ ସେବାକୁ ସୁନିଶ୍ଚିତ କରିବାପାଇଁ ପ୍ରଶାସନ, ପୋଲିସ ପ୍ରଶାସନ ଓ ପୌରପରିଷଦଙ୍କ ମିଳିତ ସହଯୋଗରେ କାର୍ଯ୍ୟକରିବାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ପ୍ରଥମପର୍ଯ୍ୟାୟ ବୈଠକରେ ନୀଳଗିରି ସହରର ବୁଦ୍ଧିଜୀବି, ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ, ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଆଇନଜୀବୀ, ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ସମେତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ବୈଠକର ସଫଳତା ନିମନ୍ତେ ଉପଜିଲ୍ଲାପାଳ ତଥା ଅଧକ୍ଷ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମହଙ୍ଗା ପଡିଲା ଦଳବଦଳ: ଦୁଇ ଜିଲ୍ଲାପରିଷଦ ସଭ୍ୟଙ୍କ ସଭ୍ୟପଦ ରଦ୍ଦକଲେ ରାଜ୍ୟ ନିର୍ବାଚନ କମିଶନ



ନୀଳଗିରି , ୨୪/୬ (ନି.ପ୍ର): ଗୋଟିଏ ଦଳର ଦଳୀୟଚିହ୍ନରେ ଚିହ୍ନରେ ଜିତି ଶେଷରେ ଅନ୍ୟଦଳରେ ସାମିଲ ହେବାପରେ ବାଲେଶ୍ୱର ଜିଲ୍ଲାପରିଷଦର ଦୁଇଜଣ ନିର୍ବାଚିତ ପ୍ରତିନିଧିଙ୍କୁ ମହଙ୍ଗା ପଡ଼ିଛି। ରାଜ୍ୟ ନିର୍ବାଚନ କମିଶନ ଜିଲ୍ଲାପରିଷଦ ଆଇନ ୩୩(ବି) ଅନୁଯାୟୀ ସେମାନର ସଭ୍ୟପଦ ରଦ୍ଦ କରିଛନ୍ତି । ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲାପରିଷଦ ଅନ୍ତର୍ଗତ ୧୧ନଂ ଜୋନର ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ ଏବଂ ୧୩ନଂ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ ଗତ ନିର୍ବାଚନରେ ବିଜୁଜନତା ଦଳ ଟିକଟରୁ ନିର୍ବାଚିତ ହୋଇଥିଲେ। ମାତ୍ର ଗତ ୨୦୨୫ମସିହା ଜୁନ ୨୮ତାରିଖରେ ବିଜୁ ଜନତାଦଳ ପରିତ୍ୟାଗକରି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଉପସ୍ଥିତିରେ ଭାରତୀୟ ଜନତାପାର୍ଟିରେ ସାମିଲ ହୋଇଥିଲେ। ତେବେ ଉଭୟ ବିଜେପିର ସଦସ୍ୟତା ଗ୍ରହଣ କରିନଥିବା ବେଳେ ନୀଳଗିରିର ପୂର୍ବତନ ବିଧାୟକ ତଥା ବିଜେଡି ବିଧାୟକପ୍ରାର୍ଥୀ ସୁକାନ୍ତ କୁମାର ନାୟକ ପାର୍ଟି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଅବଗତ କଲାପରେ ଦଳ ନିର୍ଦ୍ଦେଶରେ ସୁକାନ୍ତ କୁମାର ନାୟକ ଉଭୟ ଜିଲ୍ଲାପରିଷଦ ସଭ୍ୟଙ୍କ ସଭ୍ୟପଦ ରଦ୍ଦପାଇଁ ଜିଲ୍ଲାପରିଷଦ ସଂଶୋଧନ ଆଇନ ୨୦୧୫ର ୩୩(ବି) ଏବଂ ୩୩(ଡି) ଅନୁଯାୟୀ ରାଜ୍ୟ ନିର୍ବାଚନକମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ମାମଲା ପଞ୍ଜୀକୃତ ହୋଇ ୨୧/୧୧/୨୫ରେ ଶୁଣାଣିପାଇଁ ଉଭୟଙ୍କୁ କମିଶନଙ୍କ ଠାରେ ହାଜରହୋଇ ତଥ୍ୟ ରଖିବାକୁ ନୋଟିସ ଜାରି ହୋଇଥିଲା। ସମସ୍ତ ତଥ୍ୟକୁ ବିଚାରକରି ଆଜି ଅର୍ଥାତ୍ ଜୁନ ୨୪ତାରିଖରେ ରାଜ୍ୟ ନିର୍ବାଚନ କମିଶନ ଉଭୟଙ୍କ ସଭ୍ୟପଦ ରଦ୍ଦ କରିଛନ୍ତି। ଏନେଇ ନୀଳଗିରିରେ ରାଜନୈତିକ ହଟଚମଟ ଦେଖିବାକୁ ମିଳିଛି। ତେବେ ୧୩ନଂ ଜିଲ୍ଲାପରିଷଦର ସଭ୍ୟପଦ ହରାଇଥିବା ସଭ୍ୟ ଗତିକୃଷ୍ଣ ନନ୍ଦ ନିଜପ୍ରତିକ୍ରିୟାରେ ପୂର୍ବତନ ବିଧାୟକ ଜଣେ ରାଜନୈତିକ ବେଶ୍ୟାବୋଲି ଅଭିହିତ କରିବାସହ ଆଗାମୀ ଦିନରେ ତାଙ୍କର ସମସ୍ତ ଗୁମର ଖୋଲିବେବୋଲି କହିଛନ୍ତି।

## ତୁଷୁରା କ୍ଲଷ୍ଟରସ୍ତରୀୟ ଶିଖର କାର୍ଯ୍ୟକ୍ରମର ଶୁଭାରମ୍ଭ

ବଲାଙ୍ଗୀର, ୨୪/୬ (ନି.ପ୍ର): ତୁଷୁରା କ୍ଲଷ୍ଟର ସ୍ତରୀୟ ପ୍ରଧାନ ଶିକ୍ଷକ ବୈଠକ ସ୍ଥାନୀୟ ସରକାରୀ ବାଳିକା ନୋଡାଲ ହାଇସ୍କୁଲ ଠାରେ ସିଆର୍‌ସିସି ଜଗମୋହନ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ତୁଷୁରା ବାଳିକା ହାଇସ୍କୁଲର ନବାଗତ ପ୍ରଧାନ ଶିକ୍ଷକ ଡାକ୍ତର ବାଗ ଓ ବାଳକ ହାଇସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ଭୋଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉକ୍ତ ବୈଠକରେ ତୁଷୁରା କ୍ଲଷ୍ଟରର ଶିଶୁଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ବୃଦ୍ଧି ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ସକାଶେ ଏକ ନୂତନ କାର୍ଯ୍ୟକ୍ରମ ଶିଖରକୁ ଶୁଭାରମ୍ଭ କରାଯାଇଥିବା ସିଆର୍‌ସିସି ଶ୍ରୀ ତ୍ରିପାଠୀ ନିଜ ପ୍ରତିକ୍ରିୟାରେ ଆମ ପ୍ରତିନିଧି ନିକଟରେ ପ୍ରକାଶ କରିଛନ୍ତି।

## ଓଡିଶା ପ୍ରେକ୍ଷାପଟ୍ଟରେ ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଆଜିର ଡିଜିଟାଲ ଦୁନିଆରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନେ ସାଧାରଣ ଜନତାଙ୍କ ମତାମତ ଏବଂ ନିଷ୍ପତିକୁ ବହୁଳ ଭାବେ ପ୍ରଭାବିତ କରୁଥିବାରୁ ସେମାନଙ୍କର ନିରପେକ୍ଷତା ବଜାୟ ରଖିବା ଏକାନ୍ତ ଆବଶ୍ୟକ ଏବଂ ଯେତେବେଳ ଜଣେ ପ୍ରଭାବଶାଳୀ ବ୍ୟକ୍ତି କୌଣସି ନିର୍ଦ୍ଦିଷ୍ଟ ବ୍ରାଣ୍ଡ, ରାଜନୈତିକ ଦଳ ବା ବ୍ୟକ୍ତିଗତ ଲାଭ ପାଇଁ ପକ୍ଷପାତିତା କରନ୍ତି ସେତେବେଳେ ସେମାନଙ୍କର ବିଶ୍ୱସନୀୟତା ହ୍ରାସ ପାଇଥାଏ। ଫଲୋଅର୍ସମାନେ ଜଣେ ଇନଫ୍ଲୁଏନ୍ସରଙ୍କୁ ତାଙ୍କର ସ୍ୱଚ୍ଛତା ଓ ସାଧୁତା ପାଇଁ ପସନ୍ଦ କରୁଥିବାରୁ ପକ୍ଷପାତିତା ଦ୍ୱାରା ଲୋକଙ୍କ ବିଶ୍ୱାସ ତୁଟିଯାଏ ଏବଂ ବିଶେଷ କରି ଓଡିଶା ଭଳି ଏକ ବିକାଶଶୀଳ ରାଜ୍ୟରେ ଯେଉଁଠି ଲୋକେ ସୋସିଆଲ ମିଡିଆର ସୂଚନା ଉପରେ ବହୁତ ନିର୍ଭର କରନ୍ତି ସେମାନେ ଟଙ୍କା ନେଇ ପ୍ରଚାର କରୁଛନ୍ତି ତେବେ ସେ ବିଷୟରେ ସ୍ପଷ୍ଟ ଭାବେ ଚବସୟ ଚବକ୍ସଭରକ୍ସଝ୍ଷସକ୍ତ ବା ଇୟ ଲେଖି ଜଣାଇବା ଉଚିତ ଯଦ୍ୱାରା ଦର୍ଶକ ନିଜେ ସଠିକ୍ ନିଷ୍ପତି ନେଇପାରିବେ ଏବଂ କୌଣସି ବାଦ-ବିବାଦ ବା ସାମାଜିକ ପ୍ରସଙ୍ଗରେ କୌଣସି ଗୋଟିଏ ପକ୍ଷକୁ ଅନ୍ଧ ଭାବେ ସମର୍ଥନ ନକରି ସତ୍ୟର ସହିତ ଠିଆ ହେବା ଏକ ସୁସ୍ଥ ଡିଜିଟାଲ ସମାଜ ଗଠନରେ ସାହାଯ୍ୟ କରେ। ପ୍ରକୃତ ଇନଫ୍ଲୁଏନ୍ସର ସେହିମାନେ ଯେଉଁମାନେ ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ନିଜ ଦର୍ଶକମାନଙ୍କୁ ସବୁବେଳେ ସଠିକ୍ ଏବଂ ନିରପେକ୍ଷ ମାର୍ଗଦର୍ଶନ କରାଇଥାନ୍ତି।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯

# ଶ୍ରୀ ଶ୍ରୀ ପତିତପାବନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ନୀଳଗିରି , ୨୪/୬ (ନି.ପ୍ର): ପରମ କାରୁଣିକ ଜଗତର ନାଥ ଜଗନ୍ନାଥଙ୍କ ଅପାର କରୁଣାରୁ ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଆସ୍ଥାନ ସନ୍ନିକଟ ତଥା ସୁଶୋଭିତ ବନାନୀ ପରିବେଷ୍ଟିତ ଦେବଗିରି ପାହାଡ଼ ପାଦଦେଶରେ ଶ୍ରୀ ଶ୍ରୀ ପତିତପାବନ ମହାପ୍ରଭୁ ଜଗନ୍ନାଥଙ୍କ ନୂତନ ଭବ୍ୟମନ୍ଦିର ଓ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ମହାଆଡମ୍ବରରେ ସମ୍ପନ୍ନ ହୋଇଯାଇଛି। ତେବେ ଏହି ମନ୍ଦିରପ୍ରତିଷ୍ଠା ହେବାପରେ ଉକ୍ତ ପୀଠଟି ହରିହରଙ୍କ ମିଳନସ୍ଥଳୀରେ ପରିଣତହୋଇ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନଙ୍କର ପାଇଁ ଏକ ପାବନକ୍ଷେତ୍ର ପାଲଟିଯାଇଛି।ଜୁନ ୧୯ତାରିଖ ଶୁଭଲଗ୍ନରେ ନୂତନମନ୍ଦିର ଓ ବିଗ୍ରହଙ୍କ ପ୍ରତିଷ୍ଠାଉତ୍ସବ ଆରମ୍ଭହୋଇ ୨୪ତାରିଖ ବୁଧବାର ପର୍ଯ୍ୟନ୍ତ ୬ଦିନଧରି ଏକ ଭାବମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଅନ୍ତିମଦିବସରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ଚନ୍ଦ୍ରବିନ୍ଦୁ ଦାସ ଉପସ୍ଥିତରହି ମହାପ୍ରଭୁଙ୍କ ଦର୍ଶନକରି କୃପାଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଶେଷରେ ଶ୍ରୀ ଶ୍ରୀ ଜଗନ୍ନାଥଧାମ ପୁରୀରୁ ଆସିଥିବା ଛତିଶାନିଯୋଗର ମହାନାୟକ ଜନାର୍ଦ୍ଦନ ପାଟଯୋଷୀ ମହାପାତ୍ରଙ୍କ କରକମଳରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନୀଳଗିରି ରାଜା ଜୟନ୍ତଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ରାଣୀ ମନୋଜାମଞ୍ଜରୀ ଦେବୀଙ୍କ ସଦୟ ଉପସ୍ଥିତିରେ ନୀଳଗିରି ଜଗନ୍ନାଥମନ୍ଦିରର ମୁଖ୍ୟପୂଜକ ହରିବନ୍ଧୁ କର, ବ୍ରହ୍ମା ସରୋଜ ନନ୍ଦ, ବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ ପ୍ରମୁଖ ୨୧ଜଣ ପଣ୍ଡିତମାନଙ୍କ ଦ୍ୱାରା ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା। ଦୀର୍ଘ ୬ଦିନଧରି ହଜାରହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।ଏଭଳି ଦିବ୍ୟ ଓ ଭବ୍ୟମନ୍ଦିର ନିର୍ମାଣପାଇଁ ଅଞ୍ଚଳର ବହୁ ବଦାନ୍ୟବ୍ୟକ୍ତିଙ୍କ ସହଯୋଗ ରହିଥିଲେ ହେଁ ସମାଜସେବୀ ତଥା ହରିପ୍ରେମୀ ବସନ୍ତ କୁମାର ରାଉଳ, ତାଙ୍କ ସହଧର୍ମିଣୀ ଉଷାରାଣୀ ରାଉଳ, ଶରତ ରାଉତ ସହଧର୍ମିଣୀ ସଂଘମିତ୍ରା ରାଉତ, ବସନ୍ତ କୁମାର ପାତ୍ର, ପ୍ରକାଶ ପଣ୍ଡା, ସନାତନ ପତ୍ର, କମଳାକାନ୍ତ ରାଉତ, ମାନସ ପରିଡା, ବୁଲୁ ଦାସ, ପ୍ରମୋଦ ମହାପାତ୍ର, ଚତୁର୍ଭୁଜ ସ୍ୱାଇଁ, ବିକାଶ ବେହେରା, ସୌମ୍ୟରଞ୍ଜନ ଜେନା, ଜୟନ୍ତ ବେହେରା ପ୍ରମୁଖ ବହୁବଦାନ୍ୟ ବ୍ୟକ୍ତିଙ୍କ ଅକୁଣ୍ଠ ସହଯୋଗରେ ମନ୍ଦିରଟି ନିର୍ମାଣ ହୋଇପାରିଥିବାରୁ ନୀଳଗିରି ସମେତ ସମଗ୍ରଓଡ଼ିଶାର ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁମାନେ ସାଧୁବାଦ ଜଣାଇଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଜେଡିରେ ଏଣ୍ଟ୍ରି ମାରିବେ...

୨୦୨୪ ନିର୍ବାଚନ ହାରିବାର ପ୍ରମୁଖ କାରଣ ଥିଲେ ପାଣ୍ଡିଆନ । ଦଳର ବରିଷ୍ଠ ନେତାମାନେ ବାରମ୍ବାର ଏହି କଥା କହିଛନ୍ତି । ଅନେକ ନେତା ପାଣ୍ଡିଆନଙ୍କୁ ପ୍ରାଦୁର୍ଭାବ ପାଇଁ ଦଳ ଛାଡ଼ିଛନ୍ତି ସିଧାସଳଖ କହିଛନ୍ତି । ତେଣୁ ପ୍ରଶ୍ନ ଉଠୁଛି, ପାଣ୍ଡିଆନଙ୍କୁ ବିରୋଧ କରୁଥିବା ନେତା ସୁଜାତାଙ୍କୁ ଗ୍ରହଣ କରିବେ ତ? ପୁରୁଖା ନେତା ସୁଜାତାଙ୍କୁ କରିବେ ତ ସମର୍ଥନ? ଆଗକୁ ବିଜେଡିରେ ବିଦ୍ରୋହ ହେବନି ତ?

### ମୌସୁମୀ ଛୁଇଁଲା...

ଶେଷ ଏବଂ ଜୁଲାଇ ପ୍ରଥମ ସପ୍ତାହରେ ଉତ୍ତର ବଙ୍ଗୋପସାଗରରେ ଦୁଇ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଫଳରେ ଜୁଲାଇ ପହିଲାରୁ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି । ଓଡିଶା ଛୁଇଁବା ପରଠାରୁ ମୌସୁମୀ ଦୁର୍ବଳ ସ୍ଥିତିରେ ରହିଛି । ଚଳିତ ବର୍ଷ ଏଲ ନିନୋ ପ୍ରଭାବର ଭୟ ଭିତରେ କମ ବର୍ଷା ଚାଷୀଙ୍କ ମନରେ ମରୁଡି ନେଇ ଭୟ ସୃଷ୍ଟି କରିଛି ।

### ଖଣି ମନ୍ତ୍ରୀଙ୍କ ଜିଲ୍ଲାରେ...

ପାହାଡ଼କୁ ସିଲ କରିବା ସହ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ତହସିଲଦାର । ଖଣି ମନ୍ତ୍ରୀଙ୍କ ଜିଲ୍ଲାରେ ବେଧଡ଼କ ଖଣି ଚୋରି ଚାଲିଥିଲା ବେଳେ ଖଣି ବିଭାଗ କାହା ପାଖେ ବନ୍ଧା ପଡ଼ିଛି ବୋଲି ପ୍ରଶ୍ନ ଉଠୁଛି ।

### ପାକିସ୍ତାନ ବାୟୁସୀମାରେ...

ଜୁନ୍ ୨୨ ତାରିଖରେ ଏହି ଘଟଣା ଘଟିଥିଲା। ଏଆଇ୪୭୯ ବିମାନର ଦିଲ୍ଲୀରୁ ଅମୃତସରକୁ ଉଡ଼ାଣ କରିବା ସମୟରେ ପାଇଲଟ ପ୍ରଥମେ ବିମାନଟିକୁ ଅମୃତସର ବିମାନବନ୍ଦରରେ ଉଡ଼ାଇ ଚକ୍କର କାଟିବା ସମୟରେ ଏହା ପାକ୍ ବାୟୁସୀମାର ଅଳ୍ପକିଛି ବାଟ ପର୍ଯ୍ୟନ୍ତ ପଳାଇଥିଲା। ଉକ୍ତ ଘଟଣାରେ ଅଧିକ ତଦନ୍ତ ଜାରି ରହିଛି। ପ୍ରାଥମିକ ସୂଚନାରୁ ଜଣାପଡ଼ିଛି ଯେ ବିମାନଟି ଏଟିସି ( ଏୟାର ଟ୍ରାଫିକ କଣ୍ଟ୍ରୋଲ)ର ନିର୍ଦ୍ଦେଶକୁ ଠିକ୍ ଭାବେ ଗ୍ରହଣ କରିପାରିନଥିବାରୁ ଏହା ଭୁଲ୍ ବସତଃ ଅନ୍ତର୍ଜାତୀୟ ବାୟୁସୀମାକୁ ପଶି ଯାଇଥିଲା।

### ଖୋଲିବ ପୂର୍ବ ସରକାରର...

ଏହି ତିନି ଜଲ୍ଲାରେ ଥିବା ପଞ୍ଚାୟତ ଅଧୀନରେ ଗୋଟିଏ ଗାଁରେ ଏହି ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ତେବେ ତଦନ୍ତ ବେଳେ ଜଣାପଡ଼ିଛି ଯେ, ଏହି ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଟେଣ୍ଡର ପ୍ରକ୍ରିୟାରେ ନିୟମ ଉଲ୍ଲଙ୍ଘନ ହୋଇଥିବା ଜଣାପଡ଼ିଛି। ସେହିପରି ସରକାରୀ କର୍ମଚାରୀ ଓ ପ୍ରକଳ୍ପ ସଂସ୍ଥାର ସଂପୃକ୍ତି ଥିବା ନେଇ ଭିଜିଲାନ୍ସ ବିଭାଗକୁ ସୂଚନା ମିଳିଛି। ତେବେ ଏହି ଯୋଜନାରେ କେତେ ଟଙ୍କାର ଦୁର୍ନୀତି ହୋଇଛି, କେଉଁମାନଙ୍କର ସଂପୃକ୍ତି ରହିଛି ତଦନ୍ତ ପ୍ରକ୍ରିୟା ଶେଷ ହେଲା ପରେ ଜଣାପଡ଼ିବ।

# ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସଚିବଙ୍କ ଦରମା ଜବତ ପାଇଁ ରାଜ୍ୟ ଶିକ୍ଷା ନ୍ୟାୟାଧିକାରୀଙ୍କ ନିର୍ଦ୍ଦେଶ

ଭଦ୍ରକ, ୨୪/୬ (ନି.ପ୍ର): ରାଜ୍ୟ ଶିକ୍ଷା ନ୍ୟାୟାଧିକାର ପିଜାଇଡିଂ ଅଫିସର ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସଚିବ ଓ ନିର୍ଦ୍ଦେଶକ ସେକେଣ୍ଡାରୀ ଏଜୁକେସନଙ୍କ କାହିଁକି ଦରମା ଜବତ ହେବ ନାହିଁ । କାରଣ ଦର୍ଶାଇବା ପାଇଁ ନୋଟିସ୍ ଜାରି କରିଛନ୍ତି । ଏହାର ପରବର୍ତ୍ତୀ ଶୁଣାଣୀ ୨୯.୦୬.୨୦୨୬ ତାରିଖକୁ ଧାର୍ଯ୍ୟ କରିଛନ୍ତି । ମକଦ୍ଦମାର ବିବରଣୀରୁ ଜଣାଯାଉଛି କି ପରିଚାଳନା କମିଟି ବି.ବି.ସି ବିଦ୍ୟାପୀଠ,ତୋଟାପଡା, ଭଦ୍ରକ ଜିଲ୍ଲା - ଏକ ଗ୍ରାଣ୍ଟ ଇନ ଏଡ ମକଦ୍ଦମା ରାଜ୍ୟ ଶିକ୍ଷା ନ୍ୟାୟାଧିକରଣ ଭୁବନେଶ୍ୱର ପୀଠରେ ଜି.ଆଇ.ଏ କେସ ନଂ ୫୮୫/୨୦୧୧ ରୁଜୁ କରିଥିଲେ । ଉକ୍ତ ମକଦ୍ଦମାରେ ରାଜ୍ୟ ସରକାର ବିବାଦ ଦାଖଲ କରିନଥିଲେ । ଏହାକୁ ପୀଠାସୀନ ଅଧିକାରୀ ଉଭୟ ପକ୍ଷଙ୍କୁ ଶୁଣାଣୀ କରି ରାଜ୍ୟ ସରକାରଙ୍କୁ ତା୧.୭.୧୯୯୪ରିଖ ଠାରୁ ଜି.ଆଇ.ଏ ଅର୍ଡର ୧୯୯୪ ଅନୁଯାୟୀ ତିନିମାସ ମଧ୍ୟରେ ଦରମା ଦେବା ପାଇଁ ତା ୨୪.୦୪.୨୦୧୩ରିଖ ଦିନ ଆଦେଶ ଦେଇଥିଲେ । କିନ୍ତୁ ସରକାର ଏହି ଆଦେଶକୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟ କରୁନାହାନ୍ତି । ଏଣୁ ପରିଚାଳନା କମିଟି ବି.ବି.ସି ବିଦ୍ୟାପୀଠ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଏକ୍ସିକ୍ୟୁସନ କେସ ନଂ ୨୭/୨୦୧୫ରିଖ ଶିକ୍ଷାନ୍ୟାୟାଧିକାରୀ ନିକଟରେ ଦାଖଲ କରିଥିଲେ । ବିଗତ ୧୩ବର୍ଷ ଧରି ରାଜ୍ୟ ଶିକ୍ଷା ନ୍ୟାୟାଧିକାରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନହେବାରୁ ପରିଚାଳନା କମିଟି ବି.ବି.ସି. ବିଦ୍ୟାପୀଠ, ତୋଟାପଡା, ଭଦ୍ରକ ଓଡିଶା ଉଚ୍ଚ ନ୍ୟାୟାଳୟର ରିଟ ପିଟିସନ ୮୭୪୬/୨୦୨୬ ସି.ଡବ୍ଲୁ.ପି (ସି) ୮୭୪୬/୨୦୨୬ ଦାଖଲ କରିଥିଲେ। ଉକ୍ତ ରିଟ ଶୁଣାଣୀ କରି ମାନ୍ୟବର ଉଚ୍ଚ ନ୍ୟାୟାଳୟର ଉକ୍ତ ଏକ୍ସିକ୍ୟୁଟ ନଂ ୨୭/୨୦୧୫ରେ ରାଜ୍ୟ ଶିକ୍ଷା ନ୍ୟାୟାଧିକାରଙ୍କ ନିର୍ଦ୍ଦେଶକୁ ୪ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଅଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ରାଜ୍ୟ ଶିକ୍ଷା ନ୍ୟାୟାଧିକରଙ୍କ ଆଦେଶକୁ କାର୍ଯ୍ୟକାରୀ କରୁନାହାନ୍ତି ।

# ଶିଶୁ ଶ୍ରମ ନିରାକରଣ ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା

ଭଦ୍ରକ, ୨୪/୬ (ନି.ପ୍ର): ଓଡ଼ିଶା ରାଜ୍ୟଶିଶୁଅଧିକାର ସୁରକ୍ଷା ଆୟୋଗ ଓ ଜିଲ୍ଲା ଶ୍ରମ ବିଭାଗ ର ମିଳିତ ଆନୁକୁଲ୍ୟରେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ , ଭଦ୍ରକ ଠାରେ "ରାଜ୍ୟସ୍ତରୀୟ ଶିଶୁ ଶ୍ରମ ନିରାକରଣ ଅଭିଯାନ" ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ ମନସ୍ୱିତା ଖୁଣ୍ଟିଆ ଓ ଶ୍ରୀମତୀ ସୁଜାତା ନାୟକ , ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସରୋଜ ଦତ୍ତ, ଶ୍ରମ ବିଭାଗୀୟ କମିଶନର ଶ୍ରୀ ସଚ୍ଚିଦାନନ୍ଦ ଜେନା ,ଜିଲ୍ଲା ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ, ୟୁନିସେଫ ରିସୋସର୍ ନେହା ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରତ୍ୟେକ ଶିଶୁ ଶିଖୁ , ବଢୁ ଓ ସ୍ୱପ୍ନ ଦେଖୁ" ଥିମ୍ ତଥା "ଶିଶୁ ଶ୍ରମ ମୁକ୍ତ ଓଡ଼ିଶା - ଆମର ସଂକଳ୍ପ" ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି କର୍ମଶାଳାରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତ ବିଭାଗୀୟ ଅଧିକାରୀ , ଅଣ ସରକାରୀ ଅନୁଷ୍ଠାନର ସଦସ୍ୟ ସଦସ୍ୟାଙ୍କୁ ଶିଶୁ ଶ୍ରମ ନିରାକରଣ ଅଭିଯାନର ସଚେତନ କରାଇବା ।୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାର ବୃତ୍ତି ବା ପ୍ରକ୍ରିୟାରେ ନିୟୋଜିତ କରିବା ସମ୍ପୂର୍ଣ୍ଣ ନିଷେଧ ଓ ଏହା ଏକ ଦଣ୍ଡନୀୟ ଅପରାଧ। ୧୪ ରୁ ୧୮ ବର୍ଷର କିଶୋରଙ୍କୁ ବିପଦସଂକୁଳ ବୃତ୍ତି ଓ ପ୍ରକ୍ରିୟାରେ ନିୟୋଜିତ କଲେ ବ୍ୟକ୍ତିଙ୍କୁ ଦଣ୍ଡ ହୋଇପାରେ। ଶିଶୁ ଶ୍ରମ ଦେଖିଲେ ତୁରନ୍ତ ନିକଟସ୍ଥ ଥାନା,ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଚାଇଲ୍ଡଲାଇନ୍ ନମ୍ବର ୧୦୯୮ ଓ ଶ୍ରମିକ ସହାୟତା ନମ୍ବର ୧୮୦୦-୩୪୫୬-୭୦୩ ରେ ଯୋଗାଯୋଗ କରନ୍ତୁ।ସମସ୍ତ ଅନୁଷ୍ଠାନ, ଦୋକାନ ବଜାର ରେ ସଚେତନତା ପୋଷ୍ଟର ଲଗେଇବା । ଶିଶୁକୁ କାମ ନୁହେଁ , ଶିକ୍ଷା ରେ ସାମିଲ କରିବା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଆବଶ୍ୟକ, ଶିଶୁକୁ ଶିକ୍ଷାର ଅଧିକାର ଦେବା, ଶିଶୁ ଶ୍ରମ ମୁକ୍ତ ସମାଜ ଗଢ଼ିବା ଏହି ସଂକଳ୍ପ ସହ ଭଦ୍ରକ ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ କରିବା ପାଇଁ ସମସ୍ତ ବିଭାଗକୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ଜୀ ସାର୍ଥକରେ 'ରଜ କୁଇନ୍'ର ଗ୍ରାଣ୍ଡ୍ ଫିନାଲେ ଆସନ୍ତା ଜୁନ୍ ୨୭, ୨୮ ଏବଂ ଜୁଲାଇ ୪ ଓ ୫ ତାରିଖ : ମଞ୍ଚ ଦୁଲୁକାଇବେ ଅନୁଭବ ମହାନ୍ତି




ଭୁବନେଶ୍ୱର, ୨୪/୬ (ନି.ପ୍ର): ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ'ର ବହୁ ଚର୍ଚ୍ଚିତ ରିଆଲିଟି ଶୋ' 'ରଜ କୁଇନ୍' ଏବେ ତାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିଜର ପ୍ରତିଭା ଓ କଠିନ ପରିଶ୍ରମ ବଳରେ ଶ୍ରେଷ୍ଠ ୧୨ ଜଣ ପ୍ରତିଯୋଗୀ ଏହି ବହୁ ପ୍ରତୀକ୍ଷିତ ଗ୍ରାଣ୍ଡ୍ ଫିନାଲେରେ ପ୍ରବେଶ କରିଛନ୍ତି। ଏହି ମହାମୁକାବିଲା ଆସନ୍ତା ଜୁନ୍ ୨୭, ୨୮ ଏବଂ ଜୁଲାଇ ୪ ଓ ୫ ତାରିଖରେ ରାତି ୯:୩୦ ରେ ଜୀ ସାର୍ଥକରେ ପ୍ରସାରିତ ହେବ। ଫିନାଲେର ପ୍ରଥମ ସପ୍ତାହ (ଜୁନ୍ ୨୭ ଓ ୨୮) ବେଶ୍ ଧମାକାଦାର ହେବ, ଯାହାର ନାମ ରଖାଯାଇଛି 'ବାଲୁଙ୍ଗା ୱିକେଣ୍ଡ୍'। ଏହି ସ୍ୱତନ୍ତ୍ର ସପ୍ତାହରେ ମୁଖ୍ୟ ଆକର୍ଷଣ ସାଜିବେ ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତି ଏବଂ ତାଙ୍କ ଚଳଚ୍ଚିତ୍ର 'ଛକିଶୁନ'ର ସମ୍ପୂର୍ଣ୍ଣ ଟିମ୍। ଦର୍ଶକଙ୍କ ମନୋରଞ୍ଜନ ପାଇଁ 'ଛକିଶୁନ' ଟିମ୍ ପକ୍ଷରୁ ଏକ ଦମଦାର୍ ସ୍ପେଶାଲ୍ ପର୍ଫର୍ମାନ୍ସ ଦେଖିବାକୁ ମିଳିବ। ଏହି ରଙ୍ଗାରଙ୍ଗ ଉତ୍ସବରେ ସେଲିବ୍ରିଟି ଗେଷ୍ଟ ଭାବେ ନାମୀଦାମୀ ଅଭିନେତ୍ରୀ ଶୀତଲ, ଦିବ୍ୟା ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଅନ୍ତରା ଚକ୍ରବର୍ତ୍ତୀ ଯୋଗ ଦେଇ ନିଜ ଦମଦାର ପ୍ରଦର୍ଶନ ସହ ପ୍ରତିଯୋଗୀଙ୍କ ଉତ୍ସାହ ବଢ଼ାଇବେ। କାର୍ଯ୍ୟକ୍ରମରେ ଗ୍ଲାମର୍ ଓ ହସର ମାହୋଲ ସୃଷ୍ଟି କରିବା ପାଇଁ ଅଭିନେତ୍ରୀ ଶିବାନୀ, ଦୀପ୍ତିରେଖା ପାଢ଼ୀ, ଶୁଭାଶିଷ (ମଣ୍ଟୁ) ଏବଂ ଲୋକପ୍ରିୟ ହାସ୍ୟ ଅଭିନେତା କ୍ରିଷ୍ଣା ମଧ ମଞ୍ଚରେ ନିଜ କଳାର ପ୍ରଦର୍ଶନ କରିବେ । ନିଜ ପସନ୍ଦର ପ୍ରତିଯୋଗୀଙ୍କୁ ବିଜେତା ହେବାର ଦେଖିବା ଏବଂ ନାଚ, ଗୀତ, ହସ ଓ ମନୋରଞ୍ଜନର ଏହି ମହାକୁମ୍ଭର ମଜା ନେବା ପାଇଁ ନିର୍ଦ୍ଧାରିତ ତାରିଖଗୁଡ଼ିକରେ କେବଳ ଜୀ ସାର୍ଥକ ପରଦା ସହ ଯୋଡି ହୋଇ ରୁହନ୍ତୁ ଓ ଆପଣଙ୍କ ପ୍ରିୟ 'ରଜ କୁଇନ୍' ଫିନାଲେ ଦେଖିବାକୁ ଆଦୌ ଭୁଲନ୍ତୁ ନାହିଁ! ଏହି ଗ୍ରାଣ୍ଡ୍ ଫିନାଲେ ପର୍ଯ୍ୟନ୍ତ ପ୍ରତିଯୋଗୀମାନଙ୍କୁ ପହଞ୍ଚାଇବା ଏବଂ ସେମାନଙ୍କୁ ମଞ୍ଚ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାରେ ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକର କଳାକାରମାନେ ମେଣ୍ଟର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। 'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥି ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ଭବ ଓ ବଂଶୁ ଏବଂ 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧାଙ୍କ ଭଳି ପ୍ରତିଷ୍ଠିତ ଯୋଡିମାନେ ପ୍ରତିଯୋଗୀମାନଙ୍କୁ ବିଶେଷ ନିଜର ଅଭିଜ୍ଞତା ଏବଂ ଦିଗଦର୍ଶନ ମାଧ୍ୟମରେ ଆଗକୁ ନେଇଛନ୍ତି। ଏହି ଅବସରରେ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀ ରାହୁଲ୍ ରାଓ ଦର୍ଶକମାନଙ୍କୁ ଉତ୍ସାହିତ କରି କହିଛନ୍ତି, 'ରଜ କୁଇନ୍‌ର ଏହି ଗ୍ରାଣ୍ଡ୍ ଫିନାଲେ ଦର୍ଶକଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ମନୋରଞ୍ଜନର ପ୍ୟାକେଜ୍ ହେବାକୁ ଯାଉଛି। ଏଥିରେ ନାଚ, ଗୀତ, କମେଡି ଏବଂ ପ୍ରିୟ ସେଲିବ୍ରିଟିଙ୍କ ଉପସ୍ଥିତି ସହିତ ଅନେକ ସରପ୍ରାଇଜ୍ ଭରି ରହିଛି। ମୁଁ ଆମର ସମସ୍ତ ଦର୍ଶକଙ୍କୁ ଅନୁରୋଧ କରୁଛି ଯେ ଆପଣମାନେ ସପରିବାର ଏହି ଶୋ' ଦେଖନ୍ତୁ ଏବଂ ଆମର ଏହି ମନୋରଞ୍ଜନଧର୍ମୀ ପ୍ରୟାସର ଭରପୂର ମଜା ନିଅନ୍ତୁ। ଆପଣଙ୍କ ପ୍ରିୟ 'ରଜ କୁଇନ୍' ଫିନାଲେ ଦେଖିବାକୁ ଆଦୌ ଭୁଲନ୍ତୁ ନାହିଁ!'

**AFFIDAVIT**

By virtue of an affidavit before the executive Magistrate Basudevpur, I, Urbasi Das aged about 49 years, W/o- Dacktar Das, Aadhar No - 998021590222, Vill/Po- Guagadia, Ps- Basudevpur, Dist- Bhadrak declare that my Grand daughter's name is Laxmimani Das, D/o- Lt. Kanhei Das, Lt. Swapna Das as per her H.S.C. Certificate S.L. No- 2611213573, But her name has been mentioned as Laxmi Das in her Aadhar Card No.- 423013451777. Both the name Laxmimani Das and Laxmi Das, D/o- Lt. Kanhei Das is same and one person.

Urbasi Das

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା , ୨୪/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀଙ୍କ ଅଧକ୍ଷତାରେ, ଆଶ୍ରମର ବରିଷ୍ଠ ଯୋଗସାଧିକା ମୁନିରାଙ୍ଗୀ ବିମଳା ଲେଙ୍କା ଙ୍କ ନାତି ଆୟୁଷ୍ମାନ ବିଦ୍ୟାସି ଲେଙ୍କାଙ୍କ ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ହୋଇଯାଇଛି।ମଞ୍ଚାସୀନ ଥିଲେ ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ ଏବଂ ଆଶ୍ରମର ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା। ଉପସ୍ଥିତ ଥିଲେ ନୂତନ ସଭାପତି ମୁନି ରାଜ ନାରାୟଣ ମହାପାତ୍ର ମହୋଦୟ, ଉପାଧ୍ୟକ୍ଷ୍ୟା ମୁନିରାଙ୍ଗୀ କନକଲତା ମହାପାତ୍ର, ଶକୁନ୍ତଳା ପରିଡ଼ା, ସୁମତୀ ଦଳାଇ,ଆରତୀ ଗିରି, ନୀନ ସାହୁ, ରୁକ୍ମଣୀ ପ୍ରଧାନ, ଉର୍ମିଳା ରାଉତ, କୁନି ମାଝୀ, ବାସନ୍ତୀ ପରିଡ଼ା, କୈକେୟୀ ଜେନା, ସୁମତୀ ବେହେରା, ମମତା ମହାପାତ୍ର, ମୁନିମତୀ ସରସ୍ୱତୀ ନନ୍ଦ,ମୁନି ସତ୍ୟ ସେନାପତି, ଜନ୍ମେଞ୍ଜୟ ପରିଡ଼ା, ଶଶଧର ସେନାପତି ଏବଂ ମୁନି ଜଗଦୀଶ ପରିଡ଼ା ପ୍ରମୁଖ ବହୁ ମୁନି ମୁନିମତୀ ମାନେ। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦପାଠ, ଶାନ୍ତି ପାଠ, କରାଯାଇ ଆଜିର ଶୁଭ ଜନ୍ମଦିନରେ, ଆୟୁଷ୍ମାନ୍ ବିଦ୍ୟାସ ଲେଙ୍କାଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ ସହିତ ଜଣେ ଆଦର୍ଶ ମଣିଷଟିଏ ହବାର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ଶେଷରେ ଜେଜେମା ମୁନିରାଙ୍ଗୀ ବିମଳା ଲେଙ୍କା, ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରି ସ୍ୱାଦିଷ୍ଟ ସୁସ୍ୱାଦୂ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ରେଳ ଷ୍ଟେସନର ଚାଲିଥିବା ନବିକରଣ ବିଷୟରେ ଉଚ୍ଚସ୍ତରୀୟ ବୈଠକ କଲେ ସାଂସଦ



ବାଲେଶ୍ୱର, ୨୪/୬ (ନି.ପ୍ର): ଆଜି ଅପରାହ୍ନରେ ବାଲେଶ୍ୱର ରେଳ ଷ୍ଟେସନ୍‌ଠାରେ ଦକ୍ଷିଣ ପୂର୍ବ ରେଳ ମହାପ୍ରବନ୍ଧକ ଓ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସହ ଏକ ଉଚ୍ଚ ସ୍ତରୀୟ ବୈଠକ ରେ ଯୋଗ ଦେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇବା, ଷ୍ଟେସନର ସୌନ୍ଦର୍ଯ୍ୟୀକରଣ, ଯାତାୟାତ ବ୍ୟବସ୍ଥାର ଉନ୍ନତି ଏବଂ ଚାଲିଥିବା କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ୱରାନ୍ୱିତ ଭାବେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଗଲା ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶବ୍ୟାପୀ ରେଳ ଭିତ୍ତିଭୂମିର ଅଭୂତପୂର୍ବ ବିକାଶ ହେଉଛି । ବାଲେଶ୍ୱର ରେଳ ଷ୍ଟେସନର ଏହି ରୂପାନ୍ତରଣ ସହରର ଗୌରବ ବୃଦ୍ଧି କରିବା ସହ ଲକ୍ଷାଧିକ ଯାତ୍ରୀଙ୍କ ପାଇଁ ଅଧିକ ସୁବିଧାଜନକ ଯାତ୍ରା ଅନୁଭୂତି ସୃଷ୍ଟି କରିବ ବୋଲି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ। ଆସନ୍ତା ୨୦୨୭ ମସିହା ଡିସେମ୍ବର ମାସ ସୁଦ୍ଧା ଏହି କର୍ଯ୍ୟ ସରିବ ବୋଲି ସେ କହିଥିଲେ, ସାଂସଦ ଙ୍କ ସହ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଉପସ୍ଥିତ ଥିଲେ । ଜଳେଶ୍ୱର, ବସ୍ତା, ରୂପସା, ହଳଦିପଦା, ଖନ୍ତାପଡ଼ା, ବାହାନଗା, ସୋରୋ ଓ ମାର୍କୋଣା ସମେତ ଜିଲ୍ଲାର ଅନ୍ୟ ସମସ୍ତ ରେଳ ଷ୍ଟେସନ୍‌ର ବିକାଶିକରଣ ଉପରେ ବିସ୍ତାର ଆଲୋଚନା କରାଯାଇଥିଲା, ରେଳଓଭର ବ୍ରିଜ୍ ଓ ପାଦ ଚଲା ସେତୁ ବିଷୟରେ ଆଲୋଚନା କରାଯାଇଥିଲା।

# ମୟୂରଭଂଜରେ ସମରଷ୍ଟଡ଼ି ସେଂଟରର ଉଦ୍‌ଯାପନ ଉତ୍ସବ

## ‘ଷ୍ଟେମ’ ଶିକ୍ଷା କାର୍ଯ୍ୟକ୍ରମରେ ଶିଶୁମାନଙ୍କ ସୃଜନ କ୍ଷମତାର ପ୍ରଦର୍ଶନ




ଉଦଳା, ୨୪/୬ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ସନ୍ଧାନଗୃହ ପରିସରରେ ଆଜି ଜୁନ ୨୪ ତାରିଖ ବୁଧବାର ଦିନ ଆୟୋଜିତ ‘ଷ୍ଟେମ’ ଶିକ୍ଷା କାର୍ଯ୍ୟକ୍ରମ ଉଦ୍ ?ଯାପନି ଉତ୍ସବରେ ଶିଶୁ ମାନଙ୍କ ଅନୁଭୂତି, କଳ୍ପନାଶକ୍ତି, ସୃଜନକ୍ଷମତା ଏବଂ ବୈଜ୍ଞାପିକ ଚିନ୍ତାଧାରାର ଏକ ଅନନ୍ୟ ଝଲକ ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ, ଅଭିଭାବକ, ଯୁବସ୍ୱେଚ୍ଛାସେବି, ଜିଲ୍ଲା ଶିକ୍ଷା ବିଭାଗର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ମାନେ ଯୋଗଦେଇଥିଲେ । ଓଡ଼ିଶାରେ ଗୋଷ୍ଠି ଭିତିକ ‘ଷ୍ଟେମ’ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ମୟୂରଭଂଜରେ ଜନଜାଗୃତି ମଂଚ ଦ୍ୱାରା ଆତ୍ମାକ୍ତି ଟ୍ରଷ୍ଟ ଓ ଶିକ୍ଷାଗ୍ରହର ସହଯୋଗରେ ଆୟୋଜିତ ହୋଇଥିଲା । ଗ୍ରାମିଣ ଓ ଆଦିବାସୀ ଅଂଚଳର ଶିଶୁ ମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ, ଉତ୍ସୁକତା, ବୈଜ୍ଞାନିକ ମନୋଭାବ ଏବଂ ସମସ୍ୟା ସମାଧାନ ଦକ୍ଷତା ବିକଶିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦେଶ୍ୟ ବୋଲି କୁହାଯାଉଛି । ଗତ ଏପ୍ରିଲ ୨୦ ତାରିଖ ଠାରୁ ଜୁନ ୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ୬ସପ୍ତାହ ବିଶିଷ୍ଟ କାର୍ଯ୍ୟକ୍ରମରେ ଚତୁର୍ଥରୁ ୧୦ମଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ମାନେ ବିଭିନ୍ନ ବିଜ୍ଞାନ ଭିତିକ କାର୍ଯ୍ୟକଳାପ, ଘରୋଇ ସାମଗ୍ରୀରେ ପ୍ରସ୍ତୁତ ପରୀକ୍ଷଣ, ଖେଳ ଏବଂ ଗୋଷ୍ଠୀ ଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ । ମୟୂରଭଂଜର ଉଦଳା, କପ୍ତିପଦା, ଖୁଂଟା ଓ ଗୋପବନ୍ଧୁନଗର ମୋଟ ୪ ଗୋଟି ବ୍ଲକ ଅନ୍ତର୍ଗତ ୧୪ ଗୋଟି ଗ୍ରାମ ପଂଚାୟତର ୨୫ ଗୋଟି ଗ୍ରାମର ୫୫୮ ଜଣ ଶିଶୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପ୍ରଶିକ୍ଷଣପ୍ରାପ୍ତ ୫୦ ଜଣ ଗ୍ରାମିଣ ଯୁବ ସ୍ୱେଚ୍ଛାସେବି ମାନେ ଚଳିତ ଗ୍ରୀଷ୍ମ ଅବକାଶ ସମୟରେ ‘ଷ୍ଟେମ’ ଶିକ୍ଷା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉଦ୍‌ଯାପନି କାର୍ଯ୍ୟକ୍ରମରେ ଶିଶୁ ମାନେ ବିଭିନ୍ନ ବିଜ୍ଞାନ ମଡ଼େଲ, ପରୀକ୍ଷଣ ଓ ଶିକ୍ଷଣ କାର୍ଯ୍ୟକଳାପ, ଅଭିନବତା ଓ ବୈଜ୍ଞାନିକ ଚିନ୍ତାଧାରା ଉପସ୍ଥାପନ କରିଥିଲେ । ସେମାନଙ୍କ ଆତ୍ମବିଶ୍ୱାସ, ନୂତନ ଚିନ୍ତାଧାରା ଏବଂ ବିଜ୍ଞାନ ପ୍ରତି ଆଗ୍ରହ ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ସ୍ଥାନୀୟ ବିଧାୟକ ଭାସ୍କର ମଡ଼େଇ ଓ ଉଦଳା ଏନ୍.ଏ.ସି. ଅଧକ୍ଷା ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ସନ୍ତୋଷ ବାଛିନି, ଉଦଳା ସିଡ଼ିପିଓ କ୍ରୀଷ୍ଣା ମହାପାତ୍ର, ସାମାଜିକ କର୍ମ ମନୋରଂଜନ ମଲିକ, ଜନଜାଗୃତି ମଂଚର ସଭାନେତ୍ରି ରାଇମଣି ବାସ୍କେ, ଶିକ୍ଷାଗ୍ରହ ଓ ମନ୍ତ୍ରାଫର ଚେଂଜର ହରସେନ ପାଣି, ଗୁରୁଦତ, ସେକ. ଏସ୍.ଆରଫିନ, ଆତ୍ମଶକ୍ତି ଟ୍ରଷ୍ଟର ମନୋଜ ସାମନ୍ତରାୟ, ରେଡ୍ଡି ଓ ବାଘାଯତିନର ଆଶିଷ ମଲିକ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ‘ଷ୍ଟେମ’ ଶିକ୍ଷା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ଓ ସ୍ୱେଚ୍ଛାସେବି ମାନେ ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଆତ୍ମଶକ୍ତିଟ୍ରଷ୍ଟ ଓ ଶିକ୍ଷାଗ୍ରହର ପ୍ରତିନିଧି ମାନେ କହିଲେ ଯେ, ଏଭଳି ଗୋଷ୍ଠି ଭିତିକ ଶିକ୍ଷା ପଦକ୍ଷେପ ଔପଚାରିକ ଶିକ୍ଷା ବ୍ୟବସ୍ଥାକୁ ସହାୟକ ହେବା ସହ ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ପୁରଣ ଦିଗରେ ମଧ ସହାୟକ ହୋଇପାରିବ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ୱେଚ୍ଛାସେବି ପଂଚାନନ ପ୍ରଧାନ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହିତ ଆଜିର ଉତ୍ସବର ଯବନିକା ପକାଇଥିଲେ । ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ସୁଦର୍ଶନ ଦଳେଇ, କୈଳାଶ ନାୟକ, କାରୁକର ମୁର୍ମୁ, ହରପ୍ରିୟା ଦାସ, ମୋନାଲି ମୁର୍ମୁ, ରାମାୟ ମୁର୍ମୁ, ରୁପାଇ ବାସ୍କେ, ରାମଚନ୍ଦ୍ର ସିଂ, ନିରୁପମା ଦାସ, ଗୌତମ ମହାପାତ୍ର, ସୀମା ମହାନ୍ତି, ଅଭିଲିପ୍ସା ପୃଷ୍ଟି, ସସ୍ମିତା ମଡ଼େଇ, ସାଉଁରି ମୁର୍ମୁ, ଭାରତି ଖଣ୍ଡାପାତ୍ର, ଆରତି ଖଣ୍ଡାପାତ୍ର, ଅବନ୍ତି ବେହେରା, କାପାଲ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

# ସାଉ୍ ଫିଲ୍ମ ଷ୍ଟୁଡିଓର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ପାଳିତ



ଭଦ୍ରକ, ୨୪/୬ (ନି.ପ୍ର): ବିଶ୍ୱ ଯୋଗ ଦିବସ, ବିଶ୍ୱ ପିତୃ ଦିବସ ତଥା ବିଶ୍ୱ ମ୍ୟୁଜିକ୍ ଦିବସ ଅବସରରେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ ସାଉ୍ ଫିଲ୍ମ ଷ୍ଟୁଡିଓ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବରେ ସାଧାରଣ ସଭା ଓ କବିତା ପାଠ ଉତ୍ସବ ପାଳିତ ହୋଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ଅଧକ୍ଷତାରେ ପ୍ରଯୋଜକ ସୁବୋଧ କୁମାର ଜେନା କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ପରିଚାଳନା କରିଥିବା ବେଳେ ଭଦ୍ରକର ଲୋକପ୍ରିୟ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ବ୍ୟକ୍ତି ନିରୋଗ ରହିବା ସହିତ ସଦା ଚଳ ଚଞ୍ଚଳ ରହିଥାଏ। ଆମେ ଆମ ସଂସ୍କୃତି ଓ ପରମ୍ପରାକୁ ଛାଡ଼ି କେବେବି ବଞ୍ଚି ପାରିବା ନାହିଁ। ପ୍ରତ୍ୟେକ କବି କବୟିତ୍ରୀ ହେଉଛନ୍ତି ଭଗବାନଙ୍କ ଅଦ୍ୱିତୀୟ ରୂପ। ପୌରାଧକ୍ଷା ଗୁଲୁମୁଖୀ ହବିବ ବରେଣ୍ୟ ଅତିଥି, ଇଂ ଅଭୟ ସୂତାର ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ବିଶିଷ୍ଟ ଅତିଥି, ଡାକ୍ତର ଅନୀଲ କୁମାର ଦାଶ ସ୍ୱତନ୍ତ୍ର ଅତିଥି ଏବଂ ରଶ୍ମିତା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ସାରସ୍ୱତ ରାଜ୍ୟ ସ୍ତରୀୟ ବାର୍ଷିକ ଉତ୍ସବରେ ଏମବି ମଝାରୁଦ୍ଦିନ ଖାନଙ୍କୁ ଶିକ୍ଷକଗୌରବ ସମ୍ମାନ, କଲାମ୍ ଖାନଙ୍କୁ ଶିକ୍ଷାଶ୍ରୀ ସମ୍ମାନ,କ୍ୟାପଟେନ୍ ଓଁକାର, ଶିକ୍ଷାରତ୍ନ ସମ୍ମାନ , ଆକ୍ରମ ଅଲ୍ଲି ଆକ୍ରମଙ୍କୁ ସମାଜସେବୀ ସମ୍ମାନ, ସଂଯୁକ୍ତା ବଳ ( ନାୟକ )ଙ୍କୁ ଆଦର୍ଶ କବୟିତ୍ରୀ ସମ୍ମାନ, ଉମେଶ ଚନ୍ଦ୍ର ମହାପାତ୍ରଙ୍କୁ ସାଧନା ଗୌରବ ସମ୍ମାନ, ନିଶିକାନ୍ତ ବାରିକଙ୍କୁ ସେବାଭାରତୀ ସମ୍ମାନ, ଡକ୍ଟର ଜାନକୀ ପାଢୀଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ , ବୈକୁଣ୍ଠ ବିଶ୍ୱାଳଙ୍କୁ ଶିକ୍ଷାଗୌରବ ସମ୍ମାନ,ରାମକୃଷ୍ଣ ପୃଷ୍ଟିଙ୍କୁ ସେବାଗୌରବ ସମ୍ମାନ, ରମାପଦ ରଣାଙ୍କୁ କବି ରତ୍ନ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୧ ଜନ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।ପ୍ରାୟ ୧୦୦ ରୁ ଅଧିକ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିବା ବେଳେ ଅଧାପିକା ଉଷାରାଣୀ ଜେନା ଏବଂ ଆଦର୍ଶ ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀ କବିତାଗୁଡିକୁ କାବ୍ୟିକ କୌଶଳରେ ସଂଯୋଜନା କରିଥିଲେ। ରଶ୍ମିତା ଦାଶ ସ୍ୱାଗତ ବକ୍ତବ୍ୟ ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଯୋଜକ ସୁବୋଧ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଶିଳାପ୍ରଭା ସ୍ମୃତି ପୁରସ୍କାର ପାଇବେ ଶିଶୁ ସାହିତ୍ୟିକ ବଂକିମ ନାୟକ ଓ ତନୟା ଦାସଗୋସ୍ୱାମୀ





ଭୁବନେଶ୍ୱର, ୨୪/୬ (ନି.ପ୍ର): ଶିଶୁସାହିତ୍ୟିକା ସ୍ୱର୍ଗତଃ ସୁଶୀଳାପ୍ରଭା ଦାଶଙ୍କ ସ୍ମୃତିରେ ପ୍ରଦତ୍ତ ସୁଶୀଳାପ୍ରଭା ସ୍ମୃତି ପୁରସ୍କାର ୨୦୨୫ ଓ ୨୦୨୬ ନିମନ୍ତେବିଶିଷ୍ଟ ଶିଶୁସାହିତ୍ୟିକ ବଂକିମ ଚନ୍ଦ୍ର ନାୟକ ଏବଂ ତନୟା ଦାସଗୋସ୍ୱାମୀଙ୍କୁ ପ୍ରଦାନ କରାଯିବ ବୋଲି କମିଟିର ସଭାପତି ଡ. ରଜନୀ ରଞ୍ଜନ ଦାଶ ଏବଂ ଆବାହକ ଡ. ମାଧବ ବେହୁରା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଶିଶୁସାହିତ୍ୟରେ ଉଲ୍ଲେଖଯୋଗ୍ୟ ଅବଦାନ ନିମନ୍ତେ ପ୍ରତ୍ୟେକ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

# ଖଇରା ବ୍ଲକରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ: ଆତ୍ମନିର୍ଭରଶୀଳ ହେବାର ମନ୍ତ୍ର ଦେଲା ଦକ୍ଷତା ବିକାଶ ଓ ଏମଏସଏମଇ ବିଭାଗ




ଖଇରା, ୨୪/୬ (ନି.ପ୍ର): ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତୀ ଉତ୍ସବ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଖଇରା ବ୍ଲକରେ ଜାରି ରହିଛି । ବୁଧବାର ତୃତୀୟ ଦିବସରେ ଓଡିଶା ସରକାରଙ୍କ ଅଣୁ,କ୍ଷୁଦ୍ର,ଓ ମଧ୍ୟମ ଉଦ୍ୟୋଗ ବିଭାଗ ରୁ ଆସିଥିବା ଅଧିକାରୀ ମାନେ ବିଭିନ୍ନ ଶିଳ୍ପ ଓ ଉଦ୍ୟୋଗ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବାର ମନ୍ତ୍ର ପ୍ରଦାନ କରିଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା,ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବିଡିଓ ନାରାୟଣ ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସଭ୍ୟ ମାନସ ଦାଶ,ସ୍ଥାନୀୟ ସରପଞ୍ଚ ମାଳତୀ ସେଠୀ,ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ଉପସ୍ଥିତ ମହିଳା ଗୋଷ୍ଠୀଙ୍କୁ ଆତ୍ମରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ । ଜିଲା ଶିଳ୍ପ କେନ୍ଦ୍ର ର ସାଧାରଣ ପରିଚାଳକ ଏବଂ ଅବରପ୍ରାପ୍ତ ସହକାରୀ ପରିଚାଳକ ରତିରଞ୍ଜନ ପାଣିଗ୍ରାହୀ,କନିଷ୍ଠ ନିଯୁକ୍ତି ଅଧିକାରୀ ସୌରଭ ରାଉତ,ସହକାରୀ ଶିଳ୍ପ ଅଧିକାରୀ ସତ୍ୟବ୍ରତ ନାୟକ,ୟୁକୋ ବ୍ୟାଙ୍କ ଖଇରା ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ସାହୁ,ବିଏଫଓ ରୁଦ୍ରମାଧବ ବେହେରା ଯୋଗ ଦେଇ ବିଭିନ୍ନ ଶିଳ୍ପ ପାଇଁ ସରକାରଙ୍କ ତରଫରୁ ମିଳୁଥିବା ରିହାତି ,ବ୍ୟାଙ୍କରଣ ଉପରେ ଆଲୋକପାତ କରିଥିଲେ । ସମସ୍ତ ବ୍ୟାଙ୍କ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# ଆରଡ଼ି ପୀଠରେ ଜଗା ଚାକର ସଂଘ ପୁରୀ ତରଫରୁ ପ୍ରସାଦ ବଣ୍ଟନ





ଭଦ୍ରକ, ୨୪/୬ (ନି.ପ୍ର): ଭଦ୍ରକ ଶ୍ରୀ ଶ୍ରୀ ବାବା ଆଖଣ୍ଡଳମଣି ପୀଠରେ ‘ଶିବ ବିବାହ ‘ଉତ୍ସବ ଓ ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଆରଡ଼ି ପୀଠରେ ଜଗା ଚାକର ସଂଘ ପୁରୀ ତରଫରୁ ପ୍ରସାଦ ବଣ୍ଟନ କରାଯାଇଛି, ହଜାର ହଜାର ଭକ୍ତ ଏହି ପ୍ରସାଦ ସେବନ ରେ ସାମିଲ ହୋଇଥିଲେ, ସଂଘର ସଭାପତି ପ୍ରକାଶ ସାହୁ, ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ଉପଦେଷ୍ଟା ସଦାନନ୍ଦ ସାହୁ, ବସନ୍ତ ସାହୁ, କୋଷାଧକ୍ଷ ଶ୍ରୀକାନ୍ତ ସାହୁ, ବିଶ୍ୱନାଥ ପାତ୍ର, ଜିଲ୍ଲା ସଂଯୋଜିକା ସୁପ୍ରଭା ମିଶ୍ର, ଉପସଭାପତି ପ୍ରିୟଦର୍ଶିନୀ ନାୟକ, ସହ ସମ୍ପାଦିକା ଜୟନ୍ତୀ ନାୟକ, ଲୋନୀ ସାହୁ, ଅମିତ ସାହୁ, ଧର୍ମାନନ୍ଦ ସାହୁ, ମନୋଜ ମହାପାତ୍ର, ପ୍ରଦୀପ ମଣ୍ଡଳ, ମମତା ରାଉତ, ବସନ୍ତ ବେହେରା, ଗୌରାଙ୍ଗ ବେହେରା, କିଶ୍ୱର ସିଲ ପ୍ରମୁଖ ଙ୍କ ତତ୍ୱାବଧାନରେ ପରିମଳ, ଟଙ୍କାତୋରାଣି ବଣ୍ଟନ, ମହାପ୍ରସାଦ, ଅନ୍ନ ବଣ୍ଟନ ସେବା ଆଦି କାର୍ଯ୍ୟ କରାଯାଇଥିଲା ।

# ‘ମନା’ ପକ୍ଷରୁ ନୀତିନିଷ୍ଠ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ମହାପ୍ରୟାଣ ଦିବସ ପାଳିତ



ବାଲେଶ୍ୱର, ୨୪/୬ (ନି.ପ୍ର): ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କର ସ୍ୱପ୍ନକୁ ସାକାର କରିପାରିଲେ ତାହା ସେମାନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୁନ୍ତଳା କୁମାରୀ ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍ସି ଜେନା ମତ ଦେଇଛନ୍ତି। ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ବୁଧବାର ଅପରାହ୍ନରେ ନିଳିଆବାଗସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଅଧକ୍ଷତା କରିଥିଲେ। ‘ମନା’ର ମୁଖ୍ୟ ପରାମର୍ଶଦାତା ସୁବ୍ରତ କର ଓ ସାଧାରଣ ସଂପାଦିକା ମମତା ମହାପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଗତ ୧୯୫୬ ମସିହାର ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବାକୁ ସରକାରଙ୍କ ଠାରେ ଦାବି କରିଥିଲେ। ପରାଧୀନ ଭାରତରେ ‘ବ୍ରିଟିଶ୍ ହଟାଅ ଓ ନିଶା ହଟାଅ’ ଆହ୍ୱାନ କେତେଦୂର କାର୍ଯ୍ୟକାରୀ ହୋଇଛି ତାହା ଆଜି ଅନୁଶୀଳନ କରିବା ଉଚିତ ବୋଲି ବକ୍ତାମାନେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଦାସ, ଡ. କ୍ଷିତୀଶ୍ୱର ଦାଶ, ଗୀତାଞ୍ଜଳି ସିଂହ, ଅର୍ଚ୍ଚନା ନନ୍ଦୀ, ଅକ୍ଷୟ କୁମାର ତ୍ରିପାଠୀ, ବ୍ୟଙ୍ଗକବି ପ୍ରଭାକର ସାହୁ, ବେଣୁଧର ସାହୁ, କଲ୍ୟାଣୀ ନନ୍ଦ, ଗଙ୍ଗାଧର ପୃଷ୍ଟି ଓ ଲକ୍ଷ୍ମଣ ଚରଣ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନୀତିନିଷ୍ଠ ନବକୃଷ୍ଣଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସଭାରେ ଯୋଗେଶ ଚନ୍ଦ୍ର ପ୍ରଧାନ, ଅନନ୍ତ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ସଂଜୟ କୁମାର ପଣ୍ଡା, ଭାସ୍କର ଚନ୍ଦ୍ର ମିଶ୍ର, ଭାରତୀ ପଣ୍ଡା, ରବିନାରାୟଣ ଭୋଳ, କ୍ରିଷ୍ଣା ସାହା, ସ୍ନେହଲତା ପତି, ସନାତନ ଦାସ, ସୀତାରାମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ତ୍ରିଦିବ ନାୟକ ଧନ୍ୟବାଦ ଦେଇଥିଲେ।

# ଦୁବୁଲାଗଡି ପଂଚାୟତରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୟୁନିଅନ ହାଇସ୍କୁଲର ନୂତନ ଗୃହ ନିର୍ମାଣ ସହିତ ବିଭିନ୍ନ ପ୍ରକଳ୍ପ ପାଇଁ ଶିଳାନ୍ୟାସ କଲେ ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୨୪/୬ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ଦୁବୁଲାଗଡି ପଂଚାୟତରେ ପ୍ରସିଦ୍ଧ ୟୁନିଅନ ହାଇସ୍କୁଲର ନୂତନ ଶ୍ରେଣୀ ଗୃହ ନିର୍ମାଣ ସହିତ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ କୋଟି ୩୪ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ବିଦ୍ୟାଳୟର ନୂତନ ଗୃହ ନିର୍ମିତ ହେବ । ଏହି ପରିପ୍ରେକ୍ଷୀରେ ଦୁବୁଲାଗଡି ପଂଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ପାଇଁ ଶିଳାନ୍ୟାସ କରିଥିଲେ । ସେହିପରି ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୩ଲକ୍ଷ ୫୬ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ଦୁବୁଲାଗଡି ମାତୃ ଶକ୍ତି କମ୍ୟୁନିଟି ସେଣ୍ଟର, ୪ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଦୁବୁଲାଗଡି ଦୁର୍ଗାମଣ୍ଡପରେ ପାନୀୟଜଳ ବ୍ୟବସ୍ଥା ଓ ଶୌଚାଳୟ ନିର୍ମାଣ ଏବଂ ୪ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଦୁବୁଲାଗଡି ୟୁନିଅନ ହାଇସ୍କୁଲରେ ଡ୍ରେନ ନିର୍ମାଣ ପ୍ରଭୃତି ପାଇଁ ବିଧାୟକ ଶ୍ରୀ ଦତ୍ତ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଜନସାଧାରଣଙ୍କ ଦୀର୍ଘ ଦିନର ଆବଶ୍ୟକତା ଓ ଦାବୀ ପୁରଣ ଦିଗରେ ବିଗତ ୨ବର୍ଷ ମଧ୍ୟରେ ରାଜ୍ୟର ଲୋକପ୍ରିୟ ବିଜେପି ସରକାରଙ୍କ ପକ୍ଷରୁ ଜାରି ରହିଥିବା ଉଦ୍ୟମ ସମ୍ପର୍କରେ ଶ୍ରୀ ଦତ୍ତ ସୂଚନା ଦେଇଥିଲେ । ଗ୍ରାମାଂଚଳରେ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଏହି କ୍ରମରେ ସଠିକ ମାନଦଣ୍ଡ ଓ ଗୁଣବତା ସହିତ ସମସ୍ତ ପ୍ରକଳ୍ପର ନିର୍ମାଣ ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ପ୍ରକଳ୍ପଗୁଡିକର ସଫଳ ରୂପାୟନ ପାଇଁ ଗ୍ରାମବାସୀଙ୍କ ସହଯୋଗ କାମନା ସହ ଯୋଜନାବଦ୍ଧ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଲୋକଙ୍କ ଆଶା ମୁତାବକ ଶେଷ ହେବ ବୋଲି ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୌଭାଗ୍ୟ ଦାସ, କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ । ସ୍ଥାନୀୟ ସରପଞ୍ଚ ପ୍ରବୀର କୁମାର ସାହୁ, ସମିତି ସଭ୍ୟ ରବୀନ୍ଦ୍ର କୁମାର ଜେନାଙ୍କ ସମେତ, ବରିଷ୍ଠ ନେତା ଲୋକନାଥ ଭୂୟାଁ, ମହେଶ୍ୱର ମାନ୍ନା, ଅଲେଖ ସାହୁ, ରାଜକୃଷ୍ଣ ପରିଡା, ଜଗନ୍ନାଥ ଜେନା, ଜୟଦେବ ସାହୁ, ବସନ୍ତ ମାନ୍ନା, ପଞ୍ଚାନନ ମାନ୍ନା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମଗୁଡିକରେ ଦୁବୁଲାଗଡି ପଂଚାୟତର ଶତାଧିକ ଜନସାଧାରଣ ଯୋଗଦେଇଥିଲେ ।

# ଧାର୍ଯ୍ୟ ତାରିଖ ପୂର୍ବରୁ ସରିଲା ଏସ୍ଆଇଆର୍ ଫର୍ମ ଗ୍ରହଣ ଓ ଡିଜିଟାଇଜେସନ୍

ସମ୍ବଲପୁର, ୨୪/୬ (ନି.ପ୍ର): ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଫର୍ମ ଗ୍ରହଣ, ଦାଖଲ ଓ ଡିଜିଟାଇଜେସନ୍ ଅବଧି ୨୮ ଜୁନ୍ ପର୍ଯ୍ୟନ୍ତ ଥିବା ସତ୍ତ୍ୱେ ସମ୍ବଲପୁର ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟେକ୍ଷ ତଦାରଖରେ ସମସ୍ତ ୧୯୭ ବୁଥର ଶତପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ୨୩.୦୬.୨୦୨୬ ରିଖରେ ସଫଳତା ପୂର୍ବକ ସମ୍ପୂର୍ଣ୍ଣ ହୋଇସାରିଛି। ଉକ୍ତ ପ୍ରକ୍ରିୟାରେ ମୋଟ୍ ୨,୧୩,୦୦୦ ଜଣ ନିର୍ବାଚକଙ୍କ ତଥ୍ୟ ଡିଜିଟାଇଜେସନ୍ କରାଯାଇଛି। ୨୪ ଓ ୨୫ ଦୁଇଦିନ ଧରି ସମ୍ବଲପୁର ବିଧାନସଭା କ୍ଷେତ୍ରରେ ସମସ୍ତ ବୁଥ୍ ସ୍ତରରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବିଏଲଓ, ବିଏଲଓ ସୁପରଭାଇଜର, ଏଇଆରଓ ମିଶି ଏଏସଡି ଭୋଟର୍ ଲିଷ୍ଟର ପୁନଃ ଯାଂଚ କାର୍ଯ୍ୟ କରୁଛନ୍ତି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida